R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୨୭
ତିଥି : ପଞ୍ଚମୀ
୩୦ ଅକ୍ଟୋବର ୨୦୨୬, ଶୁକ୍ରବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ୮.୫.୦୦
30 October 2026, Friday

समय SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

30th ANNIVERSARY

Bhubaneswar | Balasore | Angul | Berhampur | Sambalpur

'ଅର୍ଣ୍ଣବ' ଆଣିଲା ଜଳ ପ୍ରଳୟ

ପାତ୍ରପୁର ୫୪୬, ସୋରଡା ୫୦୩, ଜି.ଉଦୟଗିରିରେ ୪୬୨ ମିମି ବର୍ଷା



- ↘ ଋଷିକୂଲ୍ୟା, ବଂଶଧାରାରେ ବନ୍ୟା
- ↘ ପୁରୁଷୋତ୍ତମପୁରରେ ବିପଦ ସଂକେତ ଟପିଲା
- ↘ ଆଜି ଗଞ୍ଜାମ, ଗଜପତି ଯିବେ ମୁଖ୍ୟମନ୍ତ୍ରୀ
- ↘ କଳିଙ୍ଗା, ତପ୍ତପାଣି ଘାଟିରେ ଭୂସ୍ଖଳନ
- ↘ ଗଞ୍ଜାମରୁ ୫ ଜିଲ୍ଲାକୁ ଯୋଗାଯୋଗ ବିଚ୍ଛିନ୍ନ
- ↘ ୩୧ ଯାଏଁ ଗଞ୍ଜାମର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ

ଭୁବନେଶ୍ୱର, ୨୯ ।୧୦ (ସବୁ୍ୟ) : ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବନ୍ୟା ସ୍ଥିତି ଦେଖାଦେଇଛି । ଲଗାଣ ବର୍ଷାରେ ଋଷିକୂଲ୍ୟା ନଦୀର ଜଳସ୍ତର ଅହେତୁକ ବୃଦ୍ଧି ପାଇବା ସହ ପୁରୁଷୋତ୍ତମପୁରରେ ବିପଦ ସଂକେତ ଟପିଛି । ସେହିପରି ବଂଶଧାରା ନଦୀ ଜଳସ୍ତର ମଧ୍ୟ ବିପଦ ସଂକେତ ଉପରେ ରହିଛି । ଗଞ୍ଜାମର ପାତ୍ରପୁରଠାରେ ସର୍ବାଧିକ ୫୪୬ ମିମି ବର୍ଷା ହୋଇଥିବାବେଳେ ସୋରଡ଼ାରେ ୫୦୩ ମିମି ବର୍ଷା ରେକର୍ଡ଼ ହୋଇଛି । ଫଳରେ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଜଳପ୍ରଳୟ ଦେଖାଦେଇଛି । ଅର୍ଣ୍ଣବ ଯୋଗୁଁ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ଗଞ୍ଜାମ ଓ ଗଜପତି ଜିଲ୍ଲାର ପରିଦର୍ଶନରେ ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯିବେ । ଆକାଶମାର୍ଗରୁ କ୍ଷୟକ୍ଷତିର ଅନୁଧ୍ୟାନ କରିବେ । ମୁଖ୍ୟମନ୍ତ୍ରୀଙ୍କ ସହ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯିବେ ବୋଲି ଜଣାପଡ଼ିଛି ।

ଗୁରୁବାର ସନ୍ଧ୍ୟା ୭ଟା ସୁଦ୍ଧା ଋଷିକୂଲ୍ୟ ନଦୀ ଅବବାହିକା ସୋରଡ଼ାରେ ଜଳସ୍ତର ୮୦.୮୪ ମିଟର ଥିବାବେଳେ ବିପଦ ସଂକେତ ୮୧.୯୯ ମିଟର । ଏଠାରେ ଜଳସ୍ତର ଖସିବାରେ ଲାଗିଛି । ତେବେ ପୁରୁଷୋତ୍ତମପୁରଠାରେ ବିପଦ ସଂକେତ ୧୬.୮୪ ମିଟର ଥିବାବେଳେ ଜଳସ୍ତର ୧୯.୮୬ ମିଟର ରହିଛି । ଫଳରେ ଋଷିକୂଲ୍ୟା (୯ ପୃଷ୍ଠାରେ)

ପୁଣି ଲଘୁଚାପ ସୃଷ୍ଟି, ୩୧ରେ ଅବପାତ

ଭୁବନେଶ୍ୱର, ୨୯ ।୧୦ (ସବୁ୍ୟ) : ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ପାଶ୍ୱର୍ବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରି ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଏବଂ ସଂଲଗ୍ନ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ଓ ଆଣ୍ଡାମାନ ସାଗର ଉପରେ ୩୧ ତାରିଖ ବେଳକୁ ଅବପାତର ରୂପ ନେବ । ଏହା ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି । ଏପରିକି ବାତ୍ୟା ରୂପ ମଧ୍ୟ ନେଇପାରେ । ଏହା ପଶ୍ଚିମ- ଉତ୍ତର ପଶ୍ଚିମ ଆଡ଼କୁ

୨ ବେଳକୁ ଆହୁରି ଅଧିକ ଘନୀଭୂତ

ଆନ୍ଧ୍ର ଉପକୂଳ ଆଡ଼କୁ ମୁହାଁଇବ

ଗତି ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ମୁହାଁଇବାର ଅଧିକ ସମ୍ଭାବନା ରହିଛି ବୋଲି ଭାରତୀୟ (୯ ପୃଷ୍ଠାରେ)

କ୍ଷୟକ୍ଷତି ନେଇ ଶାହଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯ ।୧୦ (ସବୁ୍ୟ) : ଅର୍ଣ୍ଣବ ଯୋଗୁଁ ରାଜ୍ୟରେ ସୃଷ୍ଟି ହୋଇଥିବା ବନ୍ୟା ଓ ବାତ୍ୟା ପରିସ୍ଥିତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସହ ଆଲୋଚନା କରିଛନ୍ତି । ଆଲୋଚନା ସମୟରେ ଓଡ଼ିଶାରେ ପଡ଼ିଥିବା ବାତ୍ୟାର ପ୍ରଭାବ, କ୍ଷତିଗ୍ରସ୍ତ ଜିଲ୍ଲା ଏବଂ ସରକାରଙ୍କ ପକ୍ଷରୁ ରିଲିଫ ଓ ଉଦ୍ଧାର କାର୍ଯ୍ୟ ନେଇ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଛନ୍ତି । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଓଡ଼ିଶାରେ ହୋଇଥିବା ବାତ୍ୟାଜନିତ କ୍ଷୟକ୍ଷତି ଲାଗି ସମସ୍ତ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । କେନ୍ଦ୍ର ସରକାର ସମସ୍ତ ପ୍ରକାର ସହଯୋଗ କରିବେ । ଲୋକଙ୍କ ଜୀବନକୁ ସୁରକ୍ଷିତ କରିବେ ଏବଂ କ୍ଷତିଗ୍ରସ୍ତ ପରିବାରକୁ ସହାୟତା କରିବା ପାଇଁ ସବୁ ସହାୟତା ପ୍ରଦାନ କରିବେ ବୋଲି କହିଛନ୍ତି ।

୩୮୫୫ କୋଟିର ୨୨ ପ୍ରକଳ୍ପକୁ ମଞ୍ଜୁରୀ
୭୭୬୫ ନିଯୁକ୍ତି ସୁଯୋଗ



ଭୁବନେଶ୍ୱର, ୨୯ ।୧୦ (ସବୁ୍ୟ): ଓଡ଼ିଶାରେ ଶିଳ୍ପ ବିକାଶକୁ ନୂଆ ଗତି ଦେବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟରେ ରାଜ୍ୟ ସରକାର ୩,୮୫୫.୩୮ କୋଟି ଟଙ୍କାର ୨୨ଟି ଶିଳ୍ପ ନିବେଶ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ୭,୭୬୫ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୫୧ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍ଏଲ୍ଏସ୍ଡବ୍ଲ୍ୟୁସିଏ) ବୈଠକରେ ଏହି ଅନୁମୋଦନ ମିଳିଛି ।

କାଗଜ ଓ ପ୍ୟାକେଜିଂ, (୯ ପୃଷ୍ଠାରେ)

ଆଜି ମିଳିବ ପିଏମ୍ କିଷାନ କିସ୍ତି

ଭୁବନେଶ୍ୱର, ୨୯ ।୧୦ (ସବୁ୍ୟ) : ପିଏମ୍ କିଷାନ ଉତ୍ସବ ଦିବସ ଅବସରରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍ କିଷାନ) ଯୋଜନାର ୨୪ତମ କିସ୍ତି ପ୍ରଦାନ କରାଯିବ । ଏହି ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ଗୁଜୁରାଟର ବନାସକାଣ୍ଠାଠାରେ ଅନୁଷ୍ଠିତ ହେବାକୁ ଥିବାବେଳେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶବ୍ୟାପୀ ଚାଷୀଙ୍କୁ ଏହି କିସ୍ତି ପ୍ରଦାନ କରିବେ ।

ଏଥିସହିତ ଓଡ଼ିଶା ପାଇଁ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ପୂର୍ବାହ୍ନ ୯ଟାରେ ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ ହେବ । ଏହି କାର୍ଯ୍ୟକ୍ରମରେ ରାଜ୍ୟର ୩୫ ଲକ୍ଷ ୩୯ ହଜାର ୨୯୭ ଜଣ ଚାଷୀଙ୍କ ଖାତାକୁ ମୋଟ ୭୦୭,୮୫,୯୪,୦୦୦ ଟଙ୍କା ହସ୍ତାନ୍ତର କରାଯିବ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଗରିମାମୟ ଉପସ୍ଥିତିରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

1001/197/2627





ପିଏମ୍ କିଷାନ ଉତ୍ସବ ଦିବସ

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ମୁଖ୍ୟ କାର୍ଯ୍ୟକ୍ରମ

ଆଭାସୀ ମାଧ୍ୟମରେ
ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ
କରକମଳରେ ଓଡ଼ିଶାର ୩୫ ଲକ୍ଷରୁ ଊର୍ଦ୍ଧ୍ୱ
ଚାଷୀ ଭାଇଭଉଣୀଙ୍କୁ ୨୪ତମ କିସ୍ତିରେ
୭୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହସ୍ତାନ୍ତର

ବନାସକାଣ୍ଠା, ଗୁଜରାଟ

ରାଜ୍ୟସ୍ତରୀୟ୍ କାର୍ଯ୍ୟକ୍ରମ

ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ଗରିମାମୟ୍ ଉପସ୍ଥିତି
ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ — ଉପ ମୁଖ୍ୟମନ୍ତ୍ରୀ
ସାଂସଦ ଏବଂ ବିଧାୟକ ଗଣ — ଖୋର୍ଦ୍ଧା ଜିଲ୍ଲା

କୃଷି ଶିକ୍ଷା ସଦନ, ଓୟୁଏଟି, ଭୁବନେଶ୍ୱର

OIPR: 1001/1102/2/26-27/0011

୩୦ ଅକ୍ଟୋବର ୨୦୨୬ | ପୂର୍ବାହ୍ନ ୦୯:୦୦ ଘଟିକା

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

ଇତିହାସ


ସ୍ୱାମୀ ଦୟାନନ୍ଦ ସରସ୍ୱତୀ

୧୮୮୩- ଚିନ୍ତାନାୟକ ତଥା ସମାଜ ସୁଧାରକ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ପରଲୋକ ।
୧୯୦୯- ପ୍ରସିଦ୍ଧ ବୈଜ୍ଞାନିକ ହୋମି ଜାହାଙ୍ଗିର ଭାଭାଙ୍କ ଜନ୍ମ ।
୧୯୪୫- ସଂଯୁକ୍ତ ରାଷ୍ଟ୍ରରେ ସାମିଲ ହେଲା ଭାରତ ।
୧୯୪୯- ସୁପ୍ରସିଦ୍ଧ ରାଜନେତା ପ୍ରମୋଦ ମହାଜନଙ୍କ ଆବିର୍ଭାବ ।
୧୯୫୬- ଖୋଲିଲା ଭାରତର ପଞ୍ଚତାରକା ହୋଟେଲ "ଅଶୋକ' ।
୧୯୯୦- ଭାରତୀୟ ମହିଳା ଶୁଟର ରାହି ସରନୋବତଙ୍କ ଜନ୍ମ ।
୧୯୯୦- ବଲିଉଡ୍‌ର ପ୍ରସିଦ୍ଧ ଅଭିନେତା ବିନୋଦ ମେହେରାଙ୍କ ନିଧନ ।
୨୦୦୧- ଲାଡ଼େନ ସହ ସଂପୃକ୍ତ ୩ ପରମାଣୁ ବୈଜ୍ଞାନିକଙ୍କୁ ଆମେରିକାକୁ ହସ୍ତାନ୍ତର କଲା ପାକିସ୍ତାନ ।
୨୦୦୮- ଆସାମର ବିଭନ୍ନ ସ୍ଥାନରେ ପ୍ରାୟ ୧୮ଟି ବିସ୍ପୋରଣ ଘଟି ୮୧ରୁ ଊର୍ଦ୍ଧ୍ୱ ମୃତ, ୪୦୦ ଆହତ ।
୨୦୧୩- ତେଲେଙ୍ଗାନାର ମେହବୁବ୍ ନଗରରେ ବସ୍‌ରେ ନିଆଁ ଲାଗି ୪୪ ମୃତ ।

ସୋସିଆଲ କୋଟ୍ସ



ମୋର କାହାକୁ କିମ୍ବା କୌଣସି ସହରକୁ ଅପମାନ ଦେବାର ଉଦ୍ଦେଶ୍ୟ ନଥିଲା । ଏହା କେବଳ ଏକ ସମସ୍ୟାକୁ ସମସ୍ତଙ୍କୁ ସାମନାକୁ ଆଣିବାର ପ୍ରୟାସ ଥିଲା ।
ଗଜରାଜ ରାଓ, ଅଭିନେତା



ମୁଁ ସେ ବିବାଦ ବିଷୟରେ କଥା ହେବାକୁ ପଛେଇଥାଏ । ଉକ୍ତ ଫିଲ୍ମକୁ ହିଟ କରାଇବାକୁ ଅନେକ ଲୋକ ଖୁବ ଅଧିକ ପରିଶ୍ରମ କରିଛନ୍ତି । ତେଣୁ ମୁଁ ସେ ବିବାଦରେ ମୁହଁ ଖୋଲିନଥାଏ ।
ଜାହ୍ନବୀ କପୁର, ଅଭିନେତ୍ରୀ



ନାସିରୁଦ୍ଦିନ ଶାହ ଆମର ସିନିଅର । ଆମେ ତାଙ୍କୁ ଶିକ୍ଷକ ଭଳି ଦେଖୁ । ହେଲେ ସେ ଯେତେବେଳେ କିଛି ବି କଥା କହୁଛନ୍ତି ତାହା ପୂର୍ବରୁ ଭାବିବାର ଅଛି ।
ପୁନିତ ଇସାର, ଅଭିନେତା

ମଟକା ପଲଉ

ସାମଗ୍ରୀ - ଏକ କପ ବାସୁମତି ଚାଉଳ, ଅଧା ଚାମଚ ଗରମ ମସଲା, ୨ରୁ ୩ଟି ଲବଙ୍ଗ, ୨ଟି ଗୁଜୁରାତି, ଅଳେଇଚ, ତେଜପତ୍ର ଗୋଟିଏ, ଏକ ଚାମଚ ଜୀରା, ଅଧା ଚାମଚ ଗୋଲମରିଚ ଗୁଣ୍ଡ, ଅଳ୍ପ ଲଙ୍କା ଗୁଣ୍ଡ, ଏକ ଚାମଚ ଧନିଆ ଗୁଣ୍ଡ, ଗୋଟିଏ କଟା ବଡ ପିଆଜ, ଅଳ୍ପ କଟାହୋଇଥିବା କୋବି, ଅଳ୍ପ କଟାହୋଇଥିବା ଗାଜର, ମଟର ଅଧାକପ (ଛୋଟ କପରେ), ୨ ଚାମଚ ଦହି, ଏକ ଚାମଚ ଅଦା ରସୁଣ ପେଷ୍ଟ, ଏକ ଚାମଚ ପୋଦିନା ଓ ଧନିଆ ପତ୍ର ।

ପ୍ରଣାଳୀ - ପ୍ରଥମେ ବାସୁମତି ଚାଉଳକୁ ଧୋଇ ବତୁରାଇ ନିଅନ୍ତୁ । ଏହାପରେ ଚାଉଳକୁ ୭୦ ପ୍ରତିଶତ ରାନ୍ଧନ୍ତୁ । ଏହାପରେ ଆଞ୍ଚରେ ଏକ ମାଟି ପାତ୍ରରେ ସୋରିଷ ତେଲ ପକାନ୍ତୁ । ତେଲରେ ସମସ୍ତ ଖଣ୍ଡ ମସଲା ପକାଇ କିଛି ସମୟ ଭାଜନ୍ତୁ ଏହାପରେ ଏଥିରେ ସମସ୍ତ ପରିବା ପକାଇ ଭାଜନ୍ତୁ । କିଛି ସମୟ ଭାଜିବା ପରେ ଏଥିରେ ଅଦା ରସୁଣ ପେଷ୍ଟ ପକାନ୍ତୁ । କିଛି ସମୟ ପରେ ଏଥିରେ ଦହି ମିଶାନ୍ତୁ । ଭାଜି ହେବା ପରେ ଏହାର ଅଧା ପରିମାଣ ଅନ୍ୟପାତ୍ରରେ କାଢି ନିଅନ୍ତୁ । ବର୍ତ୍ତମାନ ପାତ୍ରରେ ଥିବା ଅଧା ମସଲା ଉପରେ ଭାତର ଲେୟାର ଦିଅନ୍ତୁ । ଏହା ଉପରେ ପୁଣି ବଳକା ମସଲା ଦିଅନ୍ତୁ, ଏବଂ ଏହାପରେ ବଳିଥିବା ଭାତକୁ ଦିଅନ୍ତୁ । ଏହି ପରି ଯେତେ ଲେୟାର ହେବ ସଜାନ୍ତୁ । ଶେଷରେ ଉପରେ ଧନିଆ ପତ୍ର, ପୋଦିନା ପତ୍ର ଏବଂ ଭଜା ପିଆଜ ଦେଇ କମ ଆଞ୍ଚରେ ବସାନ୍ତୁ । କିଛି ସମୟ ପରେ ପ୍ରସ୍ତୁତ ହୋଇଗଲା ମଟକା ପଲଉ ।



ଶତାୟୁ ବୃଦ୍ଧଙ୍କ ଜୀବନଶୈଳୀ



ପୂର୍ବ ଚୀନ୍‌ର ଜେଜିଆଙ୍ଗ୍ ପ୍ରଦେଶର ୧୦୧ ବର୍ଷୀୟ ବୃଦ୍ଧ ଲୁ ସିଜେଙ୍ଗ୍ ନିଜର ସ୍ୱାସ୍ଥ୍ୟ ପାଇଁ ବେଶ ଚର୍ଚ୍ଚାରେ ରହିଛନ୍ତି । ସାଧାରଣତଃ ସ୍ୱାସ୍ଥ୍ୟସଚେତନ ଲୋକମାନେ କମ୍ ଶର୍କରାଯୁକ୍ତ ଖାଦ୍ୟ ଗ୍ରହଣ କରୁଥିବା ବେଳେ, 'ସାଉଥ୍ ଚାଇନା ମର୍ନିଂ ପୋଷ୍ଟ'ର ରିପୋର୍ଟ ଅନୁଯାୟୀ, ଲୁ ନିୟମିତ ଭାବେ କୋକା-କୋଲା, ସ୍ପ୍ରାଇଟ୍ ସହ ଅଳ୍ପ ହ୍ୱାଇଟ୍ ୱାଇନ୍ ମିଶାଇ ପିଉଥିଲେ । ଏହାସହ ସମୁଦ୍ରକୂଳିଆ ମାଛ, ଚିଙ୍ଗୁଡ଼ି, କଙ୍କଡ଼ା, ମାଂସ, ଏବଂ ମିଠା ଫଳ ଖାଇବାକୁ ପସନ୍ଦ କରନ୍ତି । ଗ୍ରାମାଞ୍ଚଳରେ ରହୁଥିବା ଏହି ବୃଦ୍ଧ ଜଣକ ପ୍ରତି ୫ ଦିନରେ ରିକ୍ସାରେ ବଜାରକୁ ଯାଇ ନିଜ ପସନ୍ଦର ଜିନିଷ କିଣୁଥିବା ବେଳେ, ନିୟମିତ ସଞ୍ଜ ୮ଟାରୁ ଶୋଇ ସକାଳ ୪ଟାରେ ଉଠୁଥିଲେ । ଏହାସହ ଅପରାହ୍ନରେ ନିଦ୍ରା ଯିବା ଭଳି ଏକ ଶୃଙ୍ଖଳିତ ନିତ୍ୟକର୍ମ ପାଳନ କରନ୍ତି । ବୟସାଧିକ୍ୟ ସତ୍ତ୍ୱେ ତାଙ୍କର ସ୍ମରଣଶକ୍ତି ସ୍ପଷ୍ଟ ରହିଛି ଏବଂ ସେ ଜେଜିଆଙ୍ଗ୍ ସରକାରଙ୍କଠାରୁ ମାସିକ ୮୦୦ ୟୁଆନ୍ ଭତ୍ତା ପାଉଛନ୍ତି । ନିୟମିତ କୋଲ୍ଡଡ୍ରିଙ୍କ୍‌ସ ପିଇ ମଧ୍ୟ ତାଙ୍କର ଦୀର୍ଘାୟୁ ଏବଂ ନିରୋଗ ଜୀବନ ଦେଖି ସୋସିଆଲ ମିଡିଆ ବ୍ୟବହାରକାରୀମାନେ ଆଶ୍ଚର୍ଯ୍ୟ ପ୍ରକାଶ କରିବା ସହ ତାଙ୍କର ହସଖୁସି ସ୍ୱଭାବ, ଉତ୍ତମ ନିଦ୍ରା ଓ ଭଲ ଜିନ୍‌କୁ ଏହି ଚମତ୍କାରର ମୁଖ୍ୟ କାରଣ ବୋଲି ଅଭିମତ ଦେଇଛନ୍ତି ।

ଚୀନ୍‌ରେ ଶିଶୁଙ୍କ ଡାକନାମ ଘୁଷୁରୀ



ପ୍ରାଚୀନ ଚୀନ୍‌ରେ ନବଜାତ ଶିଶୁମାନଙ୍କୁ ଖରାପ ନଜର ଓ ଅଶୁଭ ଶକ୍ତିରୁ ରକ୍ଷା କରିବା ପାଇଁ ପିତାମାତାମାନେ 'କୁକୁର' କିମ୍ବା 'ଘୁଷୁରୀ' ଭଳି ଅଜବ ଡାକନାମ ଦେବାର ଏକ ପୁରୁଣା ପରମ୍ପରା ରହିଛି । 'ସାଉଥ୍ ଚାଇନା ମର୍ନିଂ ପୋଷ୍ଟ'ର ରିପୋର୍ଟ ଅନୁଯାୟୀ, ଚିକିତ୍ସା ସୁବିଧାର ଅଭାବ ଏବଂ ଶିଶୁମୃତ୍ୟୁ ହାର ଅଧିକ ଥିବା ସମୟରେ ଏହାକୁ ଅନୁକରଣ କରାଯାଉଥିଲା । ଏହିପରି ସାଧାରଣ ବା ଅନାକର୍ଷଣୀୟ ନାମ ଦେବା ଦ୍ୱାରା ଶିଶୁମାନେ ଦୁଷ୍ଟ ଆତ୍ମାଙ୍କ ଦୃଷ୍ଟିରୁ ଦୂରରେ ରହି ଦୀର୍ଘାୟୁ ଓ ସୁସ୍ଥ ଜୀବନ ଜାପନ କରିବେ ବୋଲି ବିଶ୍ୱାସ କରାଯାଉଥିଲା । ଆଜିକାଲିର ଯୁଗରେ ଏହି ନାମଗୁଡ଼ିକ ଶୁଣିବାକୁ ଅଜବ କିମ୍ବା ଅପମାନଜନକ ଲାଗୁଥିଲେ ବି, ସେତେବେଳେ ଏହା ପଛରେ ପିତାମାତାଙ୍କ ଗଭୀର ସ୍ନେହ ଓ ସୁରକ୍ଷାର ଭାବନା ଲୁଚି ରହିଥିଲା । ଆଧୁନିକ ସମୟରେ ଲୋକମାନେ ସୁନ୍ଦର ଅର୍ଥ ଓ ପରିବାରର ପସନ୍ଦ ଅନୁସାରେ ନାମକରଣ କରୁଥିବା ବେଳେ, ପ୍ରାଚୀନ କାଳର ଏହି ଅନନ୍ୟ ସାଂସ୍କୃତିକ ପରମ୍ପରା ପୂର୍ବପୁରୁଷଙ୍କ ଆଶଙ୍କା, ଆଶା ଏବଂ ଭଲପାଇବାର ଏକ ବିଶେଷ ପ୍ରତୀକ ଭାବେ ବିବେଚିତ ହେଉଛି ।

ଭିନ୍ନ ଚରିତ୍ରରେ କାର୍ତ୍ତିକ



ବଲିଉଡ୍ ଅଭିନେତା କାର୍ତ୍ତିକ ଆରିଅନ ଚଳଚ୍ଚିତ୍ର ନିର୍ମାତା ବିବେକ ଅଗ୍ନିହୋତ୍ରୀଙ୍କ ଆଗାମୀ ଫିଲ୍ମ 'ଅପରେସନ୍ ସିନ୍ଦୂର'ରେ ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି । ଏଥିରେ କାର୍ତ୍ତିକଙ୍କୁ ଏକ ଭିନ୍ନ ଚରିତ୍ରରେ ଦେଖିବାକୁ ମିଳିବ । ଫିଲ୍ମଟି ପୁସ୍ତକ 'ଅପରେସନ୍ ସିନ୍ଦୂର: ଦି ଅନଟୋଲ୍ଡ ଷ୍ଟୋରୀ ଅଫ୍ ଇଣ୍ଡିଆଜ୍ ଡିପ୍ ଷ୍ଟ୍ରାଇକ୍ସ ଇନସାଇଡ୍ ପାକିସ୍ତାନ' ଉପରେ ଆଧାରିତ । ୨୨ ଏପ୍ରିଲ ୨୦୨୫ରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଜବାବରେ ୭ ମେ ୨୦୨୫ରେ ଭାରତୀୟ ସେନା ଦ୍ୱାରା ପାକିସ୍ତାନ ଓ ପାକ ଅଧିକୃତ କାଶ୍ମୀରରେ ଥିବା ଆତଙ୍କବାଦୀ ଘାଟିଗୁଡ଼ିକୁ ଧ୍ୱଂସ କରିବା ପାଇଁ ହୋଇଥିବା ସାମରିକ ଅଭିଯାନକୁ ଏହି ଫିଲ୍ମରେ ଦର୍ଶାଯିବ । ଗତ ମାର୍ଚ୍ଚ ମାସରେ ସୋସିଆଲ ମିଡିଆରେ ଏହି ପ୍ରୋଜେକ୍ଟର ଘୋଷଣା କରାଯାଇଥିଲା । ଫିଲ୍ମଟିକୁ ଭାରତୀୟ ସଶସ୍ତ୍ର ବାହିନୀର ବିଭିନ୍ନ ଶାଖା ସହିତ ମିଳିତ ଭାବେ ବ୍ୟାପକ ଗବେଷଣା କରି ସଠିକ ତଥ୍ୟରେ ନିର୍ମାଣ କରାଯିବବୋଲି ମେକର୍ସ ସୂଚନା ଦେଇଛନ୍ତି । ଟି-ସିରିଜ୍‌ର ଭୂଷଣ କୁମାର ଏବଂ ବିବେକ ଅଗ୍ନିହୋତ୍ରୀଙ୍କ 'ଆଇ ଆମ୍ ବୁଦ୍ଧ ପ୍ରଡକ୍ସନ୍ସ'ର ମିଳିତ ସହଯୋଗରେ ନିର୍ମିତ ହେଉଥିବା ଏହି ଫିଲ୍ମ ମାଧ୍ୟମରେ କାର୍ତ୍ତିକ ଓ ବିବେକ ପ୍ରଥମ ଥର ପାଇଁ ଏକାଠି କାମ କରୁଛନ୍ତି । ବର୍ତ୍ତମାନ ୟେମେନର ଫିଲ୍ମ 'କ୍ୟାପ୍ଟେନ୍ ଇଣ୍ଡିଆ'ର ସୁଟିଂ ଶେଷ କରିବା ପରେ କାର୍ତ୍ତିକ 'ଅପରେସନ୍ ସିନ୍ଦୂର'ର କାମ ଆରମ୍ଭ କରିବେ । ଏହା ବ୍ୟତୀତ କରଣ ଜୋହର ଓ ମହାବୀର ଜୈନଙ୍କ ନିର୍ମିତ ତଥା ମୃଗଦୀପ ସିଂହ ଲମ୍ବାଙ୍କ ନିର୍ଦ୍ଦେଶିତ ଫିଲ୍ମ 'ନାଗଜିଲ୍ଲା' , ଅନୁରାଗ ବାସୁଙ୍କ ନିର୍ଦ୍ଦେଶିତ ଶ୍ରୀଲୀଲାଙ୍କ ସହ ଏକ ରୋମାଣ୍ଟିକ୍ ଡ୍ରାମା, କାଶ୍ମୀରର ଦୁଇଥରର ବିଶ୍ୱ କିକ୍‌ବକ୍ସିଂ ଚାମ୍ପିଅନ୍ ତାଜାମୁଲ୍ ଇସଲାମ୍‌ଙ୍କ ଜୀବନୀ ଉପରେ ଆଧାରିତ କବୀର ଖାନ୍‌ଙ୍କ ଏକ ବାୟୋପିକ୍, ଅନୀସ୍ ବଜ୍ମୀଙ୍କ 'ଭୁଲ୍ ଭୁଲୟାଁ ୪' ଏବଂ କରଣ ଜୋହରଙ୍କ 'କାଲିଆ' ଭଳି ପ୍ରୋଜେକ୍ଟ ଗୁଡ଼ିକ କାର୍ତ୍ତିକଙ୍କ ଲିଷ୍ଟରେ ରହିଛି ।

ପୋକ ବଢ଼ାଉଛି ମିଠାର ସ୍ୱାଦ



ଚୀନ୍‌ରେ ଥିବା ଏକ ରେସ୍ତୋରାଁ ନିଜର ଏକ ଅନନ୍ୟ ଡିସ୍ ପାଇଁ ଖୁବ ଚର୍ଚ୍ଚାରେ ରହିଛି । ଯେଉଁଠାରେ ପେଷ୍ଟ୍ରି ଏବଂ ସ୍ୱିଟ୍ ଏଗ୍ ଟାର୍ଟ ଉପରେ ପୋକ ରଖି ପରିବେଷଣ କରାଯାଉଛି । ଏହି ଖାଦ୍ୟକୁ ଚାଖିବା ପାଇଁ ଦୂରଦୂରାନ୍ତରୁ ଲୋକମାନେ ଆସୁଛନ୍ତି । ରେସ୍ତୋରାଁ ମାଲିକଙ୍କ କହିବା ଅନୁଯାୟୀ, ଏଗୁଡ଼ିକ ଅସରପା ନୁହଁନ୍ତି ବରଂ 'ଡାଇଭିଂ ବିଟଲ୍ସ' ଅଟନ୍ତି । ଏହି ବିଟଲ୍ସଗୁଡ଼ିକର ଦୁର୍ଗନ୍ଧ ଦୂର କରିବା ପାଇଁ ପ୍ରଥମେ ସେଗୁଡ଼ିକୁ ଭଲଭାବେ ସଫା କରାଯାଏ, ସେଗୁଡ଼ିକୁ କ୍ରିସପି କରିବା ପାଇଁ ଡେଣା ସହିତ ଏକ ନିର୍ଦ୍ଦିଷ୍ଟ ତାପମାତ୍ରାରେ ତେଲରେ ଭଜାଯାଏ । ଏହାପରେ ସ୍ୱିଟ୍ ଏଗ୍ ଟାର୍ଟ ଉପରେ ରଖାଯାଏ । ନିର୍ମାତାଙ୍କ ଅନୁଯାୟୀ ଏହାର ସ୍ୱାଦ କ୍ରଞ୍ଚି କ୍ରିସ୍ପସ୍ ଭଳି ହୋଇଥାଏ । ଏହି ତିନୋଟି ବିଟଲ୍ସ ଥିବା ପେଷ୍ଟ୍ରିର ମୂଲ୍ୟ ପାଖାପାଖି ୩୫୦ ଟଙ୍କା ରହିଥିବା ବେଳେ ରେସ୍ତୋରାଁଟି ଦିନକୁ ପ୍ରାୟ ୨୦ ସେଟ୍ ବିକ୍ରି କରୁଛି । ଯଦିଓ ସୋସିଆଲ ମିଡିଆରେ ଅନେକ ବ୍ୟବହାରକାରୀ ଏହାକୁ ଖାଇବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି, ହେଲେ ଏଠାରେ ସ୍ଥାନୀୟଲୋକ ଏହାକୁ ଖୁବ ପସନ୍ଦ କରିବା ସହ ଖାଉଛନ୍ତି ।

କାର୍ତ୍ତିକ କୃଷ୍ଣ ପକ୍ଷ ପଞ୍ଚମୀ ୩୦.୧୦.୨୦୨୬, ଶୁକ୍ରବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮



ମେଷ- କର୍ମରେ ଆନନ୍ଦ, ଲୋକସମ୍ପର୍ମ ବୃଦ୍ଧି, ପାରିବାରିକ ସହଯୋଗ, ବନ୍ଧୁକଷ୍ଟ, ଶତ୍ରୁ ସମସ୍ୟା, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ବାଣିଜ୍ୟରେ ସ୍ୱଳ୍ପ ଲାଭ, ଶରୀର ସୁସ୍ଥ, ବିଦେଶ ଭ୍ରମଣ, ସନ୍ତାନଲାଭ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୬, ଆରାଧନା-ଲକ୍ଷ୍ମୀନାରାୟଣ ।

ବୃଷ: ଶରୀର ଅସୁସ୍ଥ, ବିଭିନ୍ନ କାର୍ଯ୍ୟରେ ସମସ୍ୟା, ଶତ୍ରୁ ସମସ୍ୟା, ଲୋକସମ୍ପର୍କ ହାନି, ବନ୍ଧୁ ସହାୟତା, ବାକିଧନ ଫେରସ୍ତ, ନୂତନ କର୍ମପ୍ରତି ଆଗ୍ରହ, ବିଦ୍ୟାରେ ସଫଳତା, ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମୀ, ସଂଖ୍ୟା-୮, ଆରାଧନା- ମା' ବଗଳାମୁଖୀ ।

ମିଥୁନ: ଦ୍ରବ୍ୟଲାଭ, ବନ୍ଧୁ ସହଯୋଗ, ବ୍ୟବସାୟରେ ଉନ୍ନତି, କଳହ ସମାଧାନ, ଶତ୍ରୁ ପରାଜିତ, ନୂତନ କର୍ମପ୍ରତି ଆଗ୍ରହ, ସମ୍ମାନ ପ୍ରାପ୍ତି, ଶରୀର ସୁସ୍ଥ, ସନ୍ତାନ ସମସ୍ୟା, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୨, ଆରାଧନା-ମହାଲକ୍ଷ୍ମୀ ।

କର୍କଟ: ସୁସମ୍ବାଦ ପ୍ରାପ୍ତି, ଦ୍ରବ୍ୟ କ୍ରୟ, ଶତ୍ରୁ ସମସ୍ୟା ସମାଧାନ, ଲୋକସମ୍ପର୍କ ବୃଦ୍ଧି, ଧନଲାଭ,ଶରୀର ସ୍ୱଳ୍ପ ଅସୁସ୍ଥ, ଭୂସମ୍ପତ୍ତିଲାଭ, ବିଦ୍ୟାରେ ସଫଳତା, ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ, ସଂଖ୍ୟା-୧୦, ଆରାଧନା-ପ୍ରଭୁ ହନୁମାନ ।

ସିଂହ: ବନ୍ଧୁ ସହଯୋଗ, ନୂତନ ଲାଭ, କର୍ମକ୍ଷେତ୍ରେ ସଫତଳା, ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ଲାଭ, ଅର୍ଥଲାଭ, ଗାଡ଼ିଚାଳନାରେ ସାବଧାନ, ଶତ୍ରୁ ଦେଖାଦେବେ, ଗୃହେ କଳହ, ଲୋକସମ୍ପର୍କ ବୃଦ୍ଧି, ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ପ୍ରଭୁଶ୍ରୀରାମ ।

କନ୍ୟା: ଆୟ ଅପେକ୍ଷା ବ୍ୟୟ ଅଧି କ, ଶରୀର ଅସୁସ୍ଥ, ମାଲିମୋକଦ୍ଦମାରେ କଷ୍ଟ, ବ୍ୟବସାୟରେ ଶତ୍ରୁତା, ପିଲାଙ୍କ ସମସ୍ୟା ଦେଖାଦେବ, ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମି, ସଂଖ୍ୟା-୪, ଆରାଧନା- ଲକ୍ଷ୍ମୀନୃସିଂହ ।

ତୁଳା: ସ୍ୱାସ୍ଥ୍ୟରେ ଉନ୍ନତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ନିଜ ଲୋକଙ୍କ ଠାରୁ ବିରୋଧ, ପିଲାଙ୍କ ସମସ୍ୟା, ନୂତନ ଦ୍ରବ୍ୟଲାଭ, କଚେରି ମାମଲା ସମାଧାନ, ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ପିଙ୍କ, ସଂଖ୍ୟା-୭, ଆରାଧନା- ପିତାମାତାଙ୍କ ସେବା ।

ବିଛା: ଅର୍ଥସମସ୍ୟା, ଥଣ୍ଡାଜନିତ ରୋଗ, ଦାମ୍ପତ୍ୟ ଖୁସି, ପୁରୁଣା ମାମଲା ସମାଧାନ, ବନ୍ଧୁ ବିଦ୍ରୋହ, ଅଚାନକ ଖୁସି ଖବର, ଆଶାପୂର୍ଣ୍ଣରେ ବିଳମ୍ବ, ସମସ୍ୟା ସମାଧାନ, ଗୁରୁଜନେ ଖୁସି, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୪, ଆରାଧନା- ପ୍ରଭୁ ଜଗନ୍ନାଥ ।

ଧନୁ: ଆଭୂଷଣ ପ୍ରାପ୍ତି, ବିବାଦ ସମାଧାନ, ଯାନବାହନ କ୍ରୟ, କିଛି କାର୍ଯ୍ୟରେ ବିଳମ୍ବ, ଶତ୍ରୁ କଷ୍ଟ, ବିଦେଶ ଗ୍ରସ୍ଥ, କର୍ମକ୍ଷେତ୍ରେ ଖୁସି, ଲୋକସମ୍ପର୍କ ବୃଦ୍ଧି, ଅର୍ଥଲାଭ, ସୁମିଷ୍ଠ ଭୋଜନ, ବିଦ୍ୟାରେ ସଫଳତା, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୧୨, ପ୍ରତିକାର- ବୟସ୍କଲୋକଙ୍କୁ ସାହାଯ୍ୟ କରନ୍ତୁ ।

ମକର: ମନସ୍ଥାପ, ଦୂରଯାତ୍ରାରେ ଅସଫଳ, ଶାରୀରିକ ପୀଡ଼ା, ଗୃହଶତ୍ରୁ, ଖର୍ଚ୍ଚାନ୍ତଯୋଗ, ଦେବଦର୍ଶନ, ବ୍ୟବସାୟରେ ସ୍ୱଳ୍ପ ଲାଭ, କଚେରୀ ମାମଲାରେ କଷ୍ଟ, ଦାମ୍ପତ୍ୟ ଖୁସି, ବିଦ୍ୟାରେ ସଫଳତା, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଦାମୀ, ସଂଖ୍ୟା-୨, ଆରାଧନା- ମା' ଦକ୍ଷିଣକାଳୀ ।

କୁମ୍ଭ: ଯାତ୍ରାରେ ଖୁସି, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶରୀର ସୁସ୍ଥ, ପାରିବାରିକ ଖୁସି, ମୋକଦ୍ଦମାରେ ବିଜୟ, ଆଶାପୂର୍ଣ୍ଣରେ ବିଳମ୍ବ, ପରିଶ୍ରମଜନିତ କ୍ଳାନ୍ତି, ଦେବଦର୍ଶନ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୮, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

ମୀନ: ଆୟବୃଦ୍ଧି, ଦ୍ରବ୍ୟପ୍ରାପ୍ତି, ସନ୍ତାନସିଖ, ଦୂରଯାତ୍ରା, ନୂତନ କାର୍ଯ୍ୟ ପ୍ରତି ଆଗ୍ରହ, ସମସ୍ୟା ସମାଧାନ, ଶତ୍ରୁ ନାଶ, ସନ୍ତାନ ପ୍ରାପ୍ତି, ଅର୍ଥ ସମସ୍ୟା ସମାଧାନ, ବିଦ୍ୟାଲାଭ, ଉତ୍ତରାଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୯, ଆରାଧନା- ମା' ଭଗବତୀ ।



ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଲଗାଣ ବର୍ଷା ଜନିତ ବନ୍ୟା ସ୍ଥିତି

ଦିନତମାମ କଣ୍ଟ୍ରୋଲ ରୁମରୁ ରାଜସ୍ୱ ମନ୍ତ୍ରୀଙ୍କ ମାରାଥନ୍ ସମୀକ୍ଷା ; ପ୍ରଭାବିତ ଅଞ୍ଚଳର ପରିସ୍ଥିତି ତଦାରଖ

ଭୁବନେଶ୍ୱର, (ସବ୍ୟୁ): ସ୍ୱେଶାଲ୍ ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ସ୍ଥିତ ରାଜ୍ୟ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷଠାରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ,ଏସଆରସି , ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ, ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଏବଂ ଉଚ୍ଚସ୍ତରୀୟ ଅଧିକାରୀଙ୍କ ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ଦିନତମାମ ସ୍ଥିତି ସମୀକ୍ଷା କରିଛନ୍ତି। ଅତ୍ୟଧିକ ବାଦଲଫଟା ବର୍ଷା ଯୋଗୁଁ ହଠାତ୍ ଆସିଥିବା ବନ୍ୟା କାରଣରୁ ଗଞ୍ଜାମ ଏବଂ ଗଜପତି ଜିଲ୍ଲାରେ ପରିସ୍ଥିତି ଗମ୍ଭୀର ଥିବା ସତ୍ତ୍ୱେ ପ୍ରଭାବିତ ଜନସାଧାରଣଙ୍କ ପାଖରେ ପ୍ରସାଶନ ପହଞ୍ଚି ସମସ୍ତ ପ୍ରକାରର ସେବା ଏବଂ ସହାୟତା ସୁନିଶ୍ଚିତ କରିବା ନିମନ୍ତେ ମାନ୍ୟବର ରାଜସ୍ୱ ମନ୍ତ୍ରୀ ଗୁରୁତ୍ୱାରୋପ କରିବା ସହ ସାରା ଦିନ କଣ୍ଟ୍ରୋଲ ରୁମରୁ ଆଭାସୀ ମାଧ୍ୟମରେ ସମସ୍ତ ଉଦ୍ଧାର କାର୍ଯ୍ୟର ପ୍ରତ୍ୟକ୍ଷ ଭାବେ ତଦାରଖ କରିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ସମସ୍ତଙ୍କ ସମନ୍ୱିତ ଉଦ୍ୟମରୁ ଏହି ବନ୍ୟା ପରିସ୍ଥିତି ଖୁବ୍ ଶୀଘ୍ର ସ୍ୱାଭାବିକ ହେବ । ପ୍ରଭାବିତ ଜନସାଧାରଣଙ୍କ ଛାଇ ହେଇ ରାଜ୍ୟସରକାର ଏବଂ ସମ୍ପୂର୍ଣ୍ଣ ପ୍ରଶାସନିକ ବ୍ୟବସ୍ଥା ରହିଛନ୍ତି। ଜନସାଧାରଣ ସଂପୂର୍ଣ୍ଣ ନିଶ୍ଚିତ ରହି ପ୍ରଶାସନକୁ ସହଯୋଗ କରନ୍ତୁ ଏବଂ ସୁରକ୍ଷିତ ରୁହନ୍ତୁ ବୋଲି ମାନ୍ୟବର ମନ୍ତ୍ରୀ ନିବେଦନ କରିଛନ୍ତି।

ପ୍ରଭାବିତ ଜିଲ୍ଲାରେ ସମ୍ପ୍ରତି ଅବସ୍ଥାପିତ ମାନ୍ୟବର ମନ୍ତ୍ରୀଗଣ ଏବଂ ବରିଷ୍ଠଅଧିକାରୀଙ୍କ ସହ ସ୍ଥାନୀୟ ଜନପ୍ରତିଧିମାନଙ୍କର ସହିତ ରାଜସ୍ୱ ମନ୍ତ୍ରୀ ନିୟମିତ ଫୋନ୍ ଯୋଗେ ଯୋଗାଯୋଗରେ ରହି ସ୍ଥିତି ସମ୍ପର୍କରେ ଅବଗତ ହେବା ସହ ଏସଆରସିଙ୍କ ସହଯୋଗରେ ଆବଶ୍ୟକ ସୁବିଧା ସୁନିଶ୍ଚିତ କରାଉଛନ୍ତି। ଏଥିସହିତ ମନ୍ତ୍ରୀ ଭାରତୀୟ ତଟରକ୍ଷୀ ବାହିନୀ ସହ ଯୋଗାଯୋଗ କରି ପ୍ରଭାବିତ ଅଞ୍ଚଳରେ ହେଲିକପ୍ଟର ଯୋଗେ ଜଳବନ୍ଦୀ ଜନସାଧାରଣଙ୍କ ସ୍ଥାନାନ୍ତରଣ ସୁନିଶ୍ଚିତ କରିବା ନିମନ୍ତେ ବ୍ୟବସ୍ଥା କରିଛନ୍ତି। ଗଞ୍ଜାମ ଜିଲ୍ଲାର ବିପଦଜନକ ସ୍ଥାନରେ ଥିବା ପ୍ରଭାବିତ ଜନସାଧାରଣଙ୍କୁ



ପର୍ଯ୍ୟାୟକ୍ରମେ କୋଷ୍ଟଗାର୍ଡ଼ ହେଲିକପ୍ଟର ଯୋଗେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରାଯାଉଛି। ପ୍ରଭାବିତ ଜନସାଧାରଣଙ୍କ ନିମନ୍ତେ ରନ୍ଧା ଖାଦ୍ୟ, ପିଇବା ପାଣି ଓ ଆବଶ୍ୟକ ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି।

ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଗଞ୍ଜାମ ଜିଲ୍ଲାରେ ୪୫ଓଡ୍ରାଫ୍, ୭ଏନଡିଆରଏଫ୍, ୨୪ ଅଗ୍ନିଶମ ଦଳ ନିୟୋଜିତ ଥିବା ବେଳେ ୧୧୦ ସ୍ଥାୟୀ ଆଶ୍ରୟସ୍ଥଳୀ ସହ ଅନେକ ଅସ୍ଥାୟୀ ଆଶ୍ରୟସ୍ଥଳୀର ବ୍ୟବସ୍ଥା ସହିତ ପ୍ରାଥମିକ ପର୍ଯ୍ୟାୟରେ ଚୁଡ଼ା,ଗୁଡ଼ ଓ ପଲିଥିନ୍ ରୋଲ୍ ଦ୍ୱୟବସ୍ଥା କରାଯାଇଛି। ସେହିପରି ଗଜପତି ଜିଲ୍ଲାରେ ୧୨ ଓଡ୍ରାଫ୍, ୧ ଏନଡିଆରଏଫ୍ ଏବଂ ୧୨ ଅଗ୍ନିଶମ ଦଳ ପ୍ରସ୍ତୁତ ଥିବା ବେଳେ ଉଭୟ ସ୍ଥାୟୀ ଏବଂ ଅସ୍ଥାୟୀ ଆଶ୍ରୟସ୍ଥଳୀର ବ୍ୟବସ୍ଥା ସହ ରିଲିଫ୍ ସାମଗ୍ରୀ ପ୍ରସ୍ତୁତ ରଖାଯାଇଛି। ମନ୍ତ୍ରୀ ସୂଚନା ଦେଇଛନ୍ତି, ପ୍ରବଳ ବର୍ଷା ଯୋଗୁଁ ଗଞ୍ଜାମ, ଗଜପତି, ମାଲାକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ ଜିଲ୍ଲା ପ୍ରଭାବିତ ହୋଇଛି । ବିପଦସଙ୍କୁଳ ଅଞ୍ଚଳରୁ ମୋଟ୍ ୫୯,୦୨୮ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି, ଯେଉଁଥିପାଇଁ ୮୩୦ଟି ଆଶ୍ରୟସ୍ଥଳୀର ଦ୍ୱୟବସ୍ଥା ହୋଇଛି । ବନ୍ୟାରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି ଗଞ୍ଜାମ ,ଗଜପତି ଜିଲ୍ଲା । ଗଜପତି ଜିଲ୍ଲାରେ ୧୭,୪୪୧ ଜଣ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି, ଯେଉଁଥିପାଇଁ ୨୯୮ଟି ଆଶ୍ରୟସ୍ଥଳୀ ଖୋଲାଯାଇଛି । ଗଞ୍ଜାମ ଜିଲ୍ଲାରେ ମଧ୍ୟମ ଧରଣର ବର୍ଷା ଜାରି ରହିଛି । ବନ୍ୟା ଓ ବର୍ଷା ଯୋଗୁଁ ରାଜ୍ୟ ସରକାର ସତର୍କତା ଅବଲମ୍ବନ କରୁଛନ୍ତି ଏବଂ ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି ।

ଜବରଦଖଲକାରୀ ଛାଡୁ ନାହାନ୍ତି ଗୋଚର, ଶ୍ମଶାନ ଜମି

ଭୁବନେଶ୍ୱର,(ତଥ୍ୟ) ଜମି ଜବରଦଖଲକାରୀମାନେ କେବଳ ସହରାଞ୍ଚଳରେ ଜମି ମାଡିବସୁନାହାନ୍ତି, ଏମାନେ ଗାଁ ଗହଳରେ ଥିବା ଗୋଚର ଓ ଶ୍ମଶାନ ଜମିକୁ ବି ନିଜ ଅକ୍ତିଆରକୁ ନେଇଯାଉଛନ୍ତି। ଏମାନଙ୍କ ନିକଟରୁ ଏହି ଜମିକୁ ମୁକୁଳାଇବାପାଇଁ ସରକାର ରାଜକୋଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚକରି ଅଦାଲତରେ ମାମଲା ଲଢିବାରେ ଲାଗିଛନ୍ତି।

ତେବେ ରାଜ୍ୟରେ ପ୍ରାୟ ୬୦ହଜାରଟି ଗୋଚର ଜବରଦଖଲ ମାମଲା ରୁଜୁ ହୋଇଥିବାବେଳେ ଏଥିରେ ପାଖାପାଖି ୨୪ହଜାର ଏକର ଗୋଚର ଜମି ଜବରଦଖଲ ହୋଇଥିଲା। ସରକାର ଏହି ଜବରଦଖଲ ଗୋଚର ଜମି ମଧ୍ୟରୁ ୨୧ହଜାର ଏକରରୁ ଅଧିକ ଜମିକୁ ମୁକୁଳାଇବାରେ ସଫଳ ହୋଇଛନ୍ତି। ତେବେ ଜଣାଯାଇଛି ଯେ ଗୋଚରଜମି ଜବରଦଖଲ କ୍ଷେତ୍ରରେ କଳାହାଣ୍ଡି ଜିଲ୍ଲା ସବୁଠାରୁ ଆଗରେ ଥିବାବେଳେ ଦ୍ୱିତୀୟ ସ୍ଥାନରେ ରାୟଗଡା ଜିଲ୍ଲା ରହିଛି। କଳାହାଣ୍ଡିରେ ୫ହଜାର ଏକରରୁ ଅଧିକ ଗୋଚର ଜବରଦଖଲ ହୋଇଥିବାବେଳେ ରାୟଗଡାରେ ଏହି ପରିମାଣ ପ୍ରାୟ ୩ହଜାର ଏକର ରହିଛି। ଭଦ୍ରକରେ ଏହି ପରିମାଣ ୧୭୩୮ ଏକର ଜମିଥିବାବେଳେ ବଲାଙ୍ଗିରରେ ୧୭୫୬ ଏକର ରହିଥିଲା। ରାଜ୍ୟର ପ୍ରାୟ ପ୍ରତ୍ୟେକ ଜିଲ୍ଲାରେ ଗୋଚର ଜମିକୁ ଜବରଦଖଲକାରୀମାନେ ମାଡି ବସିଛନ୍ତି।

ତେବେ ଗାଈଗୋରୁଙ୍କ ଚାରଣ ଭୂମି ଥିବା ଏହି ଜମିକୁ ଜବରଦଖଲକାରୀଙ୍କ କବଳରୁ ଉଦ୍ଧାର ପାଇଁ ରାଜ୍ୟ ସରକାର ଆକ୍ସନମୁଡ୍‌କୁ ଆସିବାପରେ ୨୧ହଜାର ଏକରରୁ ଅଧିକ ଜମିକୁ ଜବରଦଖଲମୁକ୍ତ କରାଯାଇ ପାରିଛି। ତେବେ ବଡକଥା ହେଉଛି ରାୟଗଡାରେ ଜବରଦଖଲ ହୋଇଥିବା ସମସ୍ତ ଗୋଚର ଜମିକୁ ସରକାର ମୁକୁଳାଇ ଆଣିଛନ୍ତି। କୋରାପୁଟ ଓ ମାଲକାନଗିରି ଓ ବଲାଙ୍ଗିରରେ ରେ ସମସ୍ତ ଜବରଦଖଲ ଗୋଚର ଜମି ଫେରାଇ ଆଣିବାରେ ସରକାର ସଫଳ ହୋଇଛନ୍ତି। ଏବେ ବି ରାଜ୍ୟରେ ଜବରଦଖଲରେ ଥିବା ପ୍ରାୟ ୩ହଜାର ଏକର ଜମିକୁ ମୁକୁଳାଇବାପାଇଁ ସରକାର ଉଦ୍ୟମ ଜାରି ରଖିଛନ୍ତି। କେବଳ ଗୋଚର ଜମି ନୁହେଁ, ଶ୍ମଶାନ ଜମିକୁ ବି ଲୋକେ ଜବରଦଖଲ କରୁଛନ୍ତି। ସରକାରୀ ହିସାବ ଅନୁଯାୟୀ ରାଜ୍ୟରେ ପ୍ରାୟ ୨୮୦ ଏକର ଶ୍ମଶାନ ଜମି ଜବରଦଖଲ ହୋଇଥିବାବେଳେ ସରକାର ଏଥି ମଧ୍ୟରୁ ୨୧୧ ଏକର ଜମିକୁ ମୁକୁଳାଇ ଆଣିବାରେ ସଫଳ ହୋଇଛନ୍ତି। ଅବଶିଷ୍ଟ ପ୍ରାୟ ୭୦ ଏକର ଜମି ଖୁବ୍‌ଶୀଘ୍ର ଫେରିବ ବୋଲି ଜଣାଯାଇଛି। ତେବେ କେନ୍ଦୁଝର ଜିଲ୍ଲାରେ ସର୍ବାଧିକ ୧୦୪ ଏକ ଶ୍ମଶାନ ଜମି ଜବରଦଖଲ ହୋଇଥିବାବେଳେ ଏଥିରୁ ୯୯ ଏକର ଜବରଦଖଲମୁକ୍ତ ହୋଇଛି।

ଉଭୟ ଗୋଚର ଓ ଶ୍ମଶାନ ଜମି ସାଧାରଣତଃ ଗାଁ ଗହଳରେ ଅଧିକ ପରିମାଣରେ ରହିଛି। ଗୋଚର ଜମିରେ ଗାଈ ଗୋରୁ ଚରୁଥିବାବେଳେ ପିଲାମାନେ ଖେଳାକୁଦ କରନ୍ତି। ଏଥି ସହିତ ଗାଁ ଗଣ୍ଡାର ଅନେକ ଯାନି ଯାତ୍ରା ବି ସେଠାରେ ସମ୍ପାଦିତ ହୋଇଥାଏ। ହେଲେ ମୁକୁଳା ପଡିଥିବା ଏହି ଜମି ଉପରେ ମାଫିଆମାନେ ଲୋଲୁପ ଦୃଷ୍ଟି ପକାଇ ତାହାକୁ ଜବରଦଖଲ କରୁଥିବାବେଳେ ସ୍ଥାନୀୟ ଅଧିକାରୀମାନେ ବହୁ ସ୍ଥାନରେ ଏହାର ଟେର୍ ନପାଇବା ଆଶ୍ଚର୍ଯ୍ୟ ଚକିତ କରୁଛି। ଯେତେବେଳେ ସରକାରଙ୍କ ଜ୍ଞାତସାରକୁ ଏହା ଆସୁଛି ସେତେବେଳେ ରାଜକୋଷରୁ ଅର୍ଥ ଶ୍ରାଦ୍ଧକରି ତାହାକୁ ଜବରଦଖଲ ମୁକ୍ତ କରିବାକୁ ହେଉଛି।

୧ଲକ୍ଷ ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ଡେପୁଟି ଫରେଷ୍ଟ ରେଞ୍ଜାର

ଭୁବନେଶ୍ୱର/ଫୁଲନଖରା (ସବ୍ୟୁ) : ଜଣେ ଠିକାଦାରଙ୍କ ଠାରୁ ୧ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଫୁଲନଖରା ଡେପୁଟି ଫରେଷ୍ଟ ରେଞ୍ଜର ମୌସୁମୀ ବେହେରାଙ୍କୁ ଭିଜିଲାନ୍ସ ଗିରଫ କରିଛି । ଠିକାଦାର ସହରାଞ୍ଚଳ ବନୀକରଣ କାମ କରିବା ସହ ଗଛଗୁଡିକର ରକ୍ଷଣାବେକ୍ଷଣ କାମ କରନ୍ତି । ତାଙ୍କର ବାକିଥିବା ବିଲ୍ କରାଇ ଦେବା ପାଇଁ ମୌସୁମୀ ତାଙ୍କୁ ୧ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ । ଠିକାଦାର ଲାଞ୍ଚ ଦେବା ପୂର୍ବରୁ ଭିଜିଲାନ୍ସ ସହ କଥା ହୋଇଥିଲେ । ୧ଲକ୍ଷ ଟଙ୍କା ଦେବାର ସମୟ ଓ ତାରିଖ ସ୍ଥିର ହୋଇଥିଲା । ଗୁରୁବାର ଭିଜିଲାନ୍ସ କର୍ମଚାରୀଙ୍କ ସହ ଫୁଲନଖରା ଡେପୁଟି ଫରେଷ୍ଟ ରେଞ୍ଜରଙ୍କ



କାର୍ଯ୍ୟାଳୟରେ ପହଞ୍ଚିଥିଲେ । ଟଙ୍କା ଦେବା ସମୟରେ ଭିଜିଲାନ୍ସ ମୌସୁମୀଙ୍କୁ କାବୁ କରିନେଇଥିଲା । ମୌସୁମୀଙ୍କୁ ଧରିବା ପରେ ତାଙ୍କ ଘର ଓ ଅଫିସ୍‌ରେ ଚଢାଉ କରାଯାଇଥିଲା । ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଚଢାଉ କରାଯାଇଥିଲେ ମଧ୍ୟ ସେ ସମ୍ପର୍କିତ ତଥ୍ୟ ଭିଜିଲାନ୍ସ କହିନାହିଁ । ମୌସୁମୀ ବେହେରା ଭୁବନେଶ୍ୱର ସିଟି ଫରେଷ୍ଟ ଡିଭିଜନରେ ୨୦୧୧ ମସିହା ଅକ୍ଟୋବର ୧୮ ତାରିଖରେ କାର୍ଯ୍ୟ ଆରମ୍ଭ କରିଥିଲେ । ଫରେଷ୍ଟର ଭାବେ କାମ ଆରମ୍ଭ କରିଥିଲେ ମଧ୍ୟ ୨୦୧୫ ମସିହା ସେପେଫମ୍ବର ୨୮ ତାରିଖରେ ତାଙ୍କ ଚାକିରି ନିୟମିତ ହୋଇଥିବା ଭିଜିଲାନ୍ସ କହିଛି ।

୮ ବିଜେଡି ବିଧାୟକଙ୍କ ସଭ୍ୟପଦ ରଦ୍ଦ ପ୍ରସଙ୍ଗ

୫ ବିଧାୟକଙ୍କୁ ଜବାବ ମାଗିଲେ ହାଇକୋର୍ଟ, ପରବର୍ତ୍ତୀ ଶୁଣାଣୀ ଜାନୁଆରୀ ୧୧ ରେ

କଟକ,(ସବ୍ୟୁ) : ରାଜ୍ୟସଭା ନିର୍ବାଚନରେ ଦଳୀୟ ନିଷ୍ପତ୍ତି ବିରୋଧରେ ଯାଇ ଭୋଟ୍ ଦେଇଥିବା ୮ଜଣ ବିଜେଡ଼ି ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ମାମଲାରେ ବାଚସ୍ପତି ପୁନର୍ବାର ଶୁଣାଣି ପାଇଁ ହୋଇଥିବା ଆବେଦନ ଉପରେ ହାଇକୋର୍ଟ ରିପୋର୍ଟ ତଲବ କରିଥିଲେ। ଏହି ସଭ୍ୟପଦ ରଦ୍ଦ ସଂକ୍ରାନ୍ତ ଆବେଦନ ଉପରେ ବାଚସ୍ପତି ପୁନଃଶୁଣାଣି ପାଇଁ ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟରେ ପ୍ରାର୍ଥନା କରାଯାଇଥିଲା । ହାଇକୋର୍ଟ ଏହି ପ୍ରାର୍ଥନାକୁ ଗ୍ରହଣ କରି ବାଚସ୍ପତି ତାଙ୍କର ଆଭିମୁଖ୍ୟ ଜଣାଇବା ପାଇଁ କହିଥିଲେ। କିନ୍ତୁ ଆଜି ବାଚସ୍ପତିଙ୍କ ପକ୍ଷରୁ ଜବାବ ରଖାଯାଇ ଏହା ଉପରେ ଶୁଣାଣି କରାଯାଇ ପାରିବ ନାହିଁ ବୋଲି ଯୁକ୍ତି ରଖାଯାଇଥିଲା । ଫଳରେ ହାଇକୋର୍ଟରେ ଏହି ମାମଲା ଶୁଣାଣି ପାଇଁ ସ୍ଥିର ହେବା ପରେ ଅଦାଲତ ୫ବିଧାୟକଙ୍କ ଠାରୁ ଜବାବ ତଲବ କରିଛନ୍ତି । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ଶୁଣାଣି ଜାନୁଆରୀ ୧୧ ତାରିଖକୁ ଧାର୍ଯ୍ୟ ହୋଇଛି।

ଗତ ମାର୍ଚ୍ଚରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନ ଦଳୀୟ ହୁପ୍‌କୁ ଅମାନ୍ୟ କରି ବିଜେଡ଼ିରୁ ଜିତିଥିବା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ୍ ବିଶ୍ୱାଳ, ଅରବିନ୍ଦ ମହାପାତ୍ର, ସନାତନ ମହାକୁଡ଼, ରମାକାନ୍ତ ଭୋଇ, ସୁବାସିନୀ ଜେନା, ନବକିଶୋର ମଲ୍ଲିକ, ଚକ୍ରଧର କଅଁର ପ୍ରମୁଖ କ୍ରସ୍ ଭୋଟିଂ କରିଥିଲେ। ଏହିସବୁ ବିଧାୟକଙ୍କ ସଭ୍ୟପଦ ରଦ୍ଦ ପାଇଁ ପ୍ରଥମେ ବିଜେଡ଼ି ପକ୍ଷରୁ ବାଚସ୍ପତିଙ୍କ ନିକଟରେ ଆବେଦନ କରାଯାଇଥିଲା। ୮ ବିଧାୟକ ଦଳୀୟ ହୁପ୍ ନମାନି ଦଳ ନିଷ୍ପତ୍ତି ବିରୋଧରେ ଯାଇଥିବାରୁ ସମ୍ବିଧାନର ଦଶମ ପରିଚ୍ଛେଦ ଅନୁଯାୟୀ ସେମାନଙ୍କର ସଭ୍ୟପଦ ରଦ୍ଦ କରିବାକୁ ଦାବି କରାଯାଇଥିଲା। ମାତ୍ର ଗତ ଜୁନ୍ ୨୨ରେ ବାଚସ୍ପତି ସୁରମା ପାଢ଼ୀ ଏହି ଆବେଦନକୁ ଖାରଜ କରି ଦେଇଥିଲେ । ବାଚସ୍ପତିଙ୍କ ଏହି ଆଦେଶ ବିରୋଧରେ ବିଜେଡ଼ିର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ପ୍ରଥମେ ଏହି ମାମଲାର ଶୁଣାଣି ବିଚାରପତି ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକଙ୍କ ଇଜିଲାସରେ ହୋଇଥିଲା। କିନ୍ତୁ ଏହି ଅଦାଲତ ମାମଲାର ଶୁଣାଣି ପାଇଁ ମନା କରି ଦେଇଥିଲେ । ଫଳରେ ମାମଲା ମୁଖ୍ୟ ବିଚାରପତିଙ୍କ ନିକଟକୁ ଯିବା ପରେ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କ ଇଜିଲାସରେ ଶୁଣାଣି ଆରମ୍ଭ ହୋଇଥିଲା। ଗତ ୧୩ ତାରିଖ ଶୁଣାଣିରେ ଆବେଦନକାରୀଙ୍କ ପକ୍ଷରୁ କୁହାଯାଇଥିଲା ଯେ, ବାଚସ୍ପତି ଏହି ପିଟିସନ୍‌କୁ କେବଳ କିଛି ତ୍ରୁଟି ଥିବା ଦର୍ଶାଇ ଖାରଜ କରି ଦେଇଥିଲେ। ତେଣୁ ସେମାନେ ପିଟିସନ୍‌ରେ ସମସ୍ତ ତ୍ରୁଟିକୁ ସଂଶୋଧନ କରି ପୁନର୍ବାର ତାଙ୍କ ନିକଟରେ ଆବେଦନ କରିବାକୁ ଚାହୁଁଛନ୍ତି। ବାଚସ୍ପତି ଏହା ଉପରେ ନିଷ୍ପତ୍ତି ନେବାଲାଗି ଅଦାଲତ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବାଚସ୍ପତି ଏହା ଉପରେ ଆଉ ପୁନଃଶୁଣାଣି କରିପାରିବେ ନାହିଁ ବୋଲି ଜଣାଇବା ପରେ ହାଇକୋର୍ଟ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୫ଜଣ ବିଧାୟକଙ୍କ ମାମଲା ଜଷ୍ଟିସ୍ ସାହୁଙ୍କ ଅଦାଲତକୁ ଆସିଥିଲାବେଳେ ଅନ୍ୟ ତିନିଜଣ ବିଧାୟକଙ୍କ ମାମଲା ଆସିନାହିଁ । ବିଜେଡ଼ି ପକ୍ଷରୁ ବରିଷ୍ଠ ଆଇନଜୀବୀ ମିଲନ କାନୁନ୍‌ଗୋ ମାମଲା ପରିଚାଳନା କରୁଥିଲାବେଳେ ଆଇନଜୀବୀ ଆଶିଷ ମିଶ୍ର ସହଯୋଗ କରୁଛନ୍ତି।

ଝାରସୁଗୁଡ଼ା ବିଧାନସଭା ନିର୍ବାଚନୀ ମାମଲା
୧୪ ପ୍ରସଙ୍ଗ ସହ ଆଉ ୫ଟି ଯୁକ୍ତ କରିବାକୁ ବିଧାୟକଙ୍କ ଆବେଦନ

କଟକ,(ସବ୍ୟୁ): ଝାରସୁଗୁଡ଼ା ବିଧାନସଭା ନିର୍ବାଚନୀ ମାମଲାରେ ହାଇକୋର୍ଟ ଶୁଣାଣି ପାଇଁ ୧୪ଟି ପ୍ରସଙ୍ଗ ଧାର୍ଯ୍ୟ କରିଥିଲେ । ଆଜି ଏହି ମାମଲାର ଶୁଣାଣି ଅବସରରେ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପକ୍ଷରୁ ଏକ ଅନ୍ତରୀଣ ପିଟିସନ୍ ରୁଜୁ କରାଯାଇ ଏଥରେ ଆହୁରି ପାଞ୍ଚୋଟି ପ୍ରସଙ୍ଗ ଯୋଡ଼ିବା ଲାଗି ପ୍ରାର୍ଥନା କରାଯାଇଥିଲା । ଏହା ଉପରେ ହାଇକୋର୍ଟ ଆସନ୍ତାକାଲିକୁ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି । ଏହି ବିଧାନସଭା କ୍ଷେତ୍ରର ପରାଜିତ ବିଜେଡି ପ୍ରାର୍ଥୀ ତଥା ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଏହି ଆଦେଶ ଦେଇଛନ୍ତି।

ଯେଉଁ ୧୪ଟି ପ୍ରସଙ୍ଗ ଧାର୍ଯ୍ୟ କରାଯାଇଛି ସେଥିରେ ଏହି ନିର୍ବାଚନ ମାମଲା ଆଇନ ଅନୁଯାୟୀ ଶୁଣାଣି ପାଇଁ ବିଚାରଯୋଗ୍ୟ କି ନୁହେଁ, ମୂଳ ନିର୍ବାଚନ ଆବେଦନର ସଠିକ୍ ନକଲ ପ୍ରତିପକ୍ଷଙ୍କୁ ଦିଆଯାଇଥିଲା କି ନାହିଁ, ଫର୍ମ-୨୫ ସତ୍ୟପାଠ ଦାଖଲରେ ବିଳମ୍ବକୁ କ୍ଷମା କରାଯାଇପାରିବ କି ନାହିଁ, ବିଧାୟକ ଟଙ୍କଧର ତ୍ରିପାଠୀ ନିଜ ଫର୍ମ-୨୬ ସତ୍ୟପାଠରେ ଅପରାଧିକ ପୂର୍ବପୃଷ୍ଠଭୂମି, ବିଚାରାଧୀନ ଅପରାଧିକ ମାମଲା, ସମ୍ପତ୍ତି ଓ ଦାୟିତ୍ୱ ସମ୍ପର୍କିତ ଆବଶ୍ୟକ ତଥ୍ୟ ଲୁଚାଇଥିଲେ କି ନାହିଁ ଆଦି ୧୪ଟି ପ୍ରସଙ୍ଗରେ ଅଦାଲତରେ ଉଭୟ ପକ୍ଷ ଯୁକ୍ତି ଉପସ୍ଥାପନ କରିବେ ବୋଲି ସୂଚନା ମିଳିଛି। ଆବେଦନକାରିଣୀ ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, ଏହି ନିର୍ବାଚନରେ ୧୭ ହଜାର ୮୨୧ ଅବୈଧ ଭୋଟ ପଡ଼ିଛି। କିନ୍ତୁ ବିଜୟ ବ୍ୟବଧାନ ମାତ୍ର ୧ ହଜାର ୩୩୩ ଭୋଟ୍ । ଯଦି ୧୭ ହଜାର ୮୨୧ଟି ଅବୈଧ ଭୋଟକୁ ବାଦ୍ ଦେଇ ଦିଆଯାଏ ତାହେଲେ ନିର୍ବାଚନ ଫଳାଫଳ ଓଲଟି ଯାଇପାରେ। ଏହା ଉପରେ ମଧ୍ୟ ଅଦାଲତ ଶୁଣାଣି କରିବେ । ଫର୍ମ-୧୭ସିର ପ୍ରଥମ ଭାଗରେ କଥୁତ ତ୍ରୁଟି, ମତଦାନ ଓ ଭୋଟ ଗଣତି ପ୍ରକ୍ରିୟାରେ ଅନିୟମିତ



ଜୟଦେବଭବନ ଠାରେ ଫଟୋ ସାମ୍ବାଦିକ ଅତୁଲ୍ୟ ମହାନ୍ତିଙ୍କ ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟ ଉପରେ ଆଧାରିତ ଫଟୋ ପ୍ରଦର୍ଶନୀକୁ ବୁଲି ଦେଖୁଛନ୍ତି 'ସମୟର ନିର୍ଦ୍ଦେଶିକା ଅନିତା ମହାନ୍ତି ।

ଆସାମର ନାବାଳିକା ବଳାତ୍କାର ପରେ ଗର୍ଭବତୀ ହେବା ମାମଲା

ଆସାମୀକୁ ୨୦ବର୍ଷ ଜେଲ୍‌ଦଣ୍ଡ

କଟକ,(ସବ୍ୟୁ): ଆସାମର ନାବାଳିକା ଚେନ୍ନାଇ ରେଳ ଷ୍ଟେସନ୍‌ରେ ବସିଥିବାବେଳେ ଭଦ୍ରକର ଜଣେ ଯୁବକ ଚାକିରିର ପ୍ରଲୋଭନ ଦେଖାଇ ତାକୁ କଟକ ନେଇ ଆସିଥିଲା । ଭୁବନେଶ୍ୱରର ଏକ ଲଜ୍‌ରେ ଜବରଦସ୍ତ ମଦ ପିଆଇ ବଳତ୍କାର କରିଥିଲା । ପରେ ନିଶ୍ଚିନ୍ତକୋଇଲିରେ ନାବାଳିକାକୁ ଛାଡ଼ି ଅଭିଯୁକ୍ତ ଫେରାର ହୋଇଯାଇଥିଲା । ସେଠାରୁ ନିଶ୍ଚିତକୋଇଲି ପୁଲିସ୍ ସମ୍ପୃକ୍ତ ନାବାଳିକାକୁ ଉଦ୍ଧାର କରି କଟକ ବିଡ଼ାନାସୀସ୍ଥିତ ବସୁନ୍ଧରାରେ ଛାଡ଼ିଥିଲା । ବସୁନ୍ଧରାରେ ରହିବା ବେଳେ ପାଡ଼ିତା ଗର୍ଭବତୀ ଥିବା ଜଣାପଡ଼ିଥିଲା । ଗର୍ଭବତୀ ହେବାପରେ ବସୁନ୍ଧରା ପକ୍ଷରୁ ବିଡ଼ାନାସୀ ଥାନାରେ ଏତଲା ଦିଆଯାଇଥାଇଥିଲା । ଏହି ଏତଲା ଆଧାରରେ ପୁଲିସ୍ ଭଦ୍ରକର ଯୁବକ ପ୍ରମୋଦ କୁମାର ନାୟକକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

ଏହି ମାମଲାର ଶୁଣାଣି କଟକ ଆଡହକ୍ ଅତିରିକ୍ତ ଜିଲ୍ଲା ଏବଂ ସେସନ୍ସ ଜଜ୍ ତଥା ଫାଷ୍ଟ୍ରାକ୍ ଅଦାଲତ-୨ରେ ହୋଇଥିଲା । ଅଦାଲତ ଏହି ମାମଲାରେ ରାୟ ପ୍ରକାଶ କରି ଆସାମୀକୁ ୨୦ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଥିଲାବେଳେ ୫୦ ହଜାର ଜରିମାନା କରିଛନ୍ତି । ଜରିମାନା ଅନାଦାୟ ଆସାମୀ ଅଧିକ ଗୋଟେ ବର୍ଷ ଜେଲଦଣ୍ଡ ଭୋଗିବ ବୋଲି ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି । ଅପରପକ୍ଷରେ ପାଡ଼ିତାଙ୍କୁ ୫ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଅଦାଲତ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ମାମଲାରୁ ଜଣାଯାଇଛି ଯେ, ପାଡ଼ିତା ଜଣକ ୨୦୨୫ ମସିହା ମେ' ୮ ତାରିଖ ଦିନ ଚେନ୍ନାଇ ଷ୍ଟେସନ୍‌ରେ ବସିଥିବାବେଳେ ଅଭିଯୁକ୍ତ ପ୍ରମୋଦ ତାଙ୍କ ସହ କଥା ହୋଇଥିଲେ। ସେ ତାଙ୍କୁ ଓଡ଼ିଶାରେ ଚାକିରି ଦେବେ କହି ଭୁବନେଶ୍ୱର ନେଇ ଆସି ସେଠାରେ ଏକ ଲଜ୍‌ରେ ବଳାତ୍କାର କରିଥିଲା । ପରେ ନିଶ୍ଚିତକୋଇଲିରେ ଛାଡ଼ି ଅଭିଯୁକ୍ତ ଫେରାର ହୋଇଯାଇଥିଲା। ଏହି ଘଟଣା ଜଣାପଡ଼ିବା ପରେ ନିଶ୍ଚିତକୋଇଲି ପୁଲିସ୍ ନାବାଳିକାଙ୍କୁ ଉଦ୍ଧାର କରି ବିଡ଼ାନାସୀର ବସୁନ୍ଧାରରେ ଛାଡ଼ିଥିଲା। ବସୁନ୍ଧରାରେ ଥିବାବେଳେ ପାଡ଼ିତା ଗର୍ଭବତୀ ଥିବା ଜଣାପଡ଼ିଥିଲେ। ଏନେଇ ବସୁନ୍ଧରା ପକ୍ଷରୁ ବିଡ଼ାନାସୀ ଥାନାରେ ଏତଲା ଦିଆଯାଇଥିଲା। ଏହି ଅଭିଯୋଗ ଆଧାରରେ ପୁଲିସ୍ ଅଭିଯୁକ୍ତକୁ ଗିରଫ କରିଥିଲା। ଅଭିଯୁକ୍ତର ଘର ଭଦ୍ରକ ଜିଲ୍ଲା ବଂଶଦା ଥାନା ଅନ୍ତର୍ଗତ ଚାରଡ଼ିଅରେ। ମାମଲାର ଶୁଣାଣି କଟକ ଫାଷ୍ଟଟ୍ରାକ୍-୨ରେ ହୋଇଥିଲା। ଅଦାଲତର ବିଚାରପତି ସବିତା ଦାଶ ବିଭିନ୍ନ ସାକ୍ଷୀ ଏବଂ ପ୍ରମାଣକୁ ଆଧାର କରି ଅଭିଯୁକ୍ତ ପ୍ରମୋଦକୁ ଏହି ଘଟଣା ପାଇଁ ଦାୟୀ କରିବା ସହ ୨୦ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି।

ନଭେମ୍ବର ୨ରୁ ମାଟ୍ରିକ ପରୀକ୍ଷା ଫର୍ମ ପୂରଣ

କଟକ,(ସବ୍ୟୁ): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଆଗାମୀ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ (ମାଟ୍ରିକ) ପରୀକ୍ଷା ପାଇଁ ଫର୍ମ ପୂରଣ ସମ୍ପର୍କୀୟ ବିଜ୍ଞପ୍ତି ପ୍ରକାଶ ପାଇଛି। ଫର୍ମ ପୂରଣ ପ୍ରକ୍ରିୟା ଆସନ୍ତା ନଭେମ୍ବର୨ତାରିଖରୁ ଆରମ୍ଭ ହୋଇ ୧୯ତାରିଖ ରାତ୍ରି ୧୧ଟା ୫୪ ପର୍ଯ୍ୟନ୍ତ ଚାଲିବ। ରେଗୁଲାର, କ୍ୟାସି ରେଗୁଲାର ଓ ଏକ୍ସ ରେଗୁଲାର ଛାତ୍ରଛାତ୍ରୀଙ୍କ ପାଇଁ ଫର୍ମ ପୂରଣ ବିଦ୍ୟାଳୟର ମୁଖ୍ୟଙ୍କ ଦ୍ୱାରା ଅନଲାଇନ୍ ମାଧ୍ୟମରେ କରାଯିବ। କରେସପଣ୍ଡେନ୍ସ ରେଗୁଲାର ଓ କରେସପଣ୍ଡେନ୍ସ ଏକ୍ସ ରେଗୁଲାର ଛାତ୍ରଛାତ୍ରୀଙ୍କ ପାଇଁ ଫର୍ମ ପୂରଣ ବୋର୍ଡ଼ର ଆଞ୍ଚଳିକ କାର୍ଯ୍ୟାଳୟର ଉପ ସମ୍ପାଦକଙ୍କ ଦ୍ୱାରା ଅଫଲାଇନ୍ ମାଧ୍ୟମରେ କରାଯିବ। ଫର୍ମ ପୂରଣ ନିମନ୍ତେ ଅନଲାଇନ୍ ଲିଙ୍କ୍, ସବିଶେଷ ନିର୍ଦ୍ଦେଶାବଳୀ ବୋର୍ଡ଼ର ୱେବସାଇଟରେ ଉପଲବ୍ଧ ରହିବ।

୩୭୦ ଲିଟର ଦେଶୀ ମଦ ଜବତ: ୩ ଗିରଫ

କଟକ,(ସବ୍ୟୁ): ଜିଲ୍ଲା ଅବକାରୀ ବିଭାଗ ଗୁରୁବାର ଚୌଦ୍ୱାର ଅଞ୍ଚଳରେ ମାରାଥନ ଚଢଉ କରିଛି । ଏହି ସମୟରେ ଆଠଗଡ କରିକୋଲ ଅଞ୍ଚଳର ୩ ଜଣ ନିଶା ବେପାରୀଙ୍କୁ ଗିରଫ କରାଯାଇଛି । ସେମାନଙ୍କ ପାଖରୁ ମୋଟ ୩୭୦ ଲିଟର ଦେଶୀ ମଦ, ୨ଟି ଗାଡି ଓ ୪ଟି ମୋବାଇଲ ଫୋନ ଜବତ ହୋଇଛି । ଜବତ ନିଶାଦ୍ରବ୍ୟର ମୂଲ୍ୟ ପ୍ରାୟ ଦେଢ ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି । ଚୌଦ୍ୱାର ଅଞ୍ଚଳରେ ଚାଲିଥିବା ରୂପଯାତ୍ରା ପାଇଁ କିଛି ମଦ ବେପାରୀ ଆଡ୍ଡା ଜମାଇଥିବା ସମ୍ପର୍କରେ ସୂଚନା ମିଳିଥିଲା । ତଦନୁଯାୟୀ, ଜିଲ୍ଲା ଅବକାରୀ ଟିମ ଗୁରୁବାର ଅତର୍କିତ ସେଠାରେ ଚଢଉ କରିଥିଲା । ଏହି ସମୟରେ ଚୌଦ୍ୱାର ଚାରିଘରିଆ ନିକଟରେ ରାହୁଲ କୁମାର ମଲ୍ଲିକ(୧୯) ଧରାପଡିଥିଲା । ତା' ପାଖରୁ ୧୫୦ ଲିଟର ଦେଶୀ ମଦ, ଗୋଟିଏ ସ୍କୁଟି ସହ ଗୋଟିଏ ମୋବାଇଲ ଜବତ ହୋଇଛି । ଜବତ ନିଶାଦ୍ରବ୍ୟର ମୂଲ୍ୟ ପ୍ରାୟ ୬୦ ହଜାର ଟଙ୍କା ହେବ । ଦ୍ୱିତୀୟ ଘଟଣାରେ ଓଟିଏମ କଲୋନୀ ରୋଡ ନିକଟରୁ ଆଶିଷ ମଲ୍ଲିକ(୨୭)କୁ ଗିରଫ କରାଯାଇଛି । ତା' ପାଖରୁ ୧୨୦ ଲିଟର ଦେଶୀ ମଦ, ଗୋଟିଏ ବାଇକ ସହ ୨ଟି ମୋବାଇଲ ଜବତ ହୋଇଛି । ଜବତ ନିଶାଦ୍ରବ୍ୟର ମୂଲ୍ୟ ପ୍ରାୟ ୪୫ ହଜାର ଟଙ୍କା ହେବ । ସେହିପରି ମୁଣ୍ଡମାଳ ଛକ ନିକଟରେ ଚଢଉ ସମୟରେ ଅଭିଯୁକ୍ତ ସମୀର ମଲ୍ଲିକ(୨୨) ଧରାପଡିଛି । ତା' ପାଖରୁ ୧ଶହ ଲିଟର ଦେଶୀ ମଦ, ଗୋଟିଏ ମୋବାଇଲ ଜବତ ହୋଇଛି । ନିଶାଦ୍ରବ୍ୟର ମୂଲ୍ୟ ପ୍ରାୟ ୪୦ ହଜାର ଟଙ୍କା ହେବ । ଆଠଗଡର ଉପରୋକ୍ତ ଅଭିଯୁକ୍ତମାନେ ତିଗିରିଆ ଅଞ୍ଚଳରୁ ଚୋରା ଦେଶୀ ମଦ ଆଣି ବିକ୍ରି ଉଦ୍ଦେଶ୍ୟରେ ଚୌଦ୍ୱାର ଆସିଥିବା ତଦନ୍ତରୁ ଜଣାପଡିଛି । ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ପରେ ଜେଲ ପଠାଇ ଦିଆଯାଇଛି । ଇନ୍ସପେକ୍ଟର ଭକ୍ତବତ୍ସଳ ବର୍ମାଙ୍କ ନେତୃତ୍ୱରେ ନିରୁପମା ସାହୁ, ହରିହର ନାୟକ, ଅଜୟ ଜେନା, ଦେବବ୍ରତ ଓଝା, ପ୍ରିୟତମା ରଥ, ଶଙ୍କର ସିଂହ, ଲକ୍ଷ୍ମଣ ବେହେରା ପ୍ରମୁଖ ଚଢଉରେ ସାମିଲ ଥିଲେ ।

ବାତ୍ୟା "ଅର୍ଣ୍ଣବ' ପ୍ରଭାବିତ ଜିଲ୍ଲାଗୁଡ଼ିକରେ ରିଲିଫ୍ ଓ ସହାୟତା କାର୍ଯ୍ୟରେ ସହଯୋଗ ପ୍ରସଙ୍ଗ

ବିପଦ ସମୟରେ ଲୋକଙ୍କୁ ସାହାଯ୍ୟ ଯୋଗାଇ ଦେବା ଆମର ନୈତିକ ଦାୟିତ୍ୱ : ମନମୋହନ

ଭୁବନେଶ୍ୱର, (ସବ୍ୟୁ): ସମ୍ପ୍ରତି ରାଜ୍ୟରେ ପ୍ରଳୟଙ୍କରୀ ବାତ୍ୟା "ଅର୍ଣ୍ଣବ' ପ୍ରଭାବରେ ଓଡ଼ିଶାର ଦକ୍ଷିଣ ଓ ଦକ୍ଷିଣ-ପଶ୍ଚିମାଞ୍ଚଳର କେତେକ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଶେଷ କରି ଗଜପତି, ଗଞ୍ଜାମ, ରାୟଗଡା, କୋରାପୁଟ, କନ୍ଧମାଳ ଏବଂ ମାଲକାନଗିରି ଆଦି ଜିଲ୍ଲାରେ ବାତ୍ୟା ଓ ପ୍ରବଳ ବର୍ଷା ଯୋଗୁଁ ବ୍ୟାପକ ଧନଜୀବନ, ଘରଦ୍ୱାର, ବିଦ୍ୟୁତ୍ ସରବରାହ ଏବଂ କୃଷି କ୍ଷେତ୍ର ପ୍ରଭାବିତ ହୋଇଛି। ଏହି ପ୍ରାକୃତିକ ବିପର୍ଯ୍ୟୟକୁ ଗୁରୁତ୍ୱର ସହ ଗ୍ରହଣ କରି ବିଜେପି ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି।

ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ଯେ, ଏଭଳି ବିପଦର ସମୟରେ ଲୋକଙ୍କ ପାଖରେ ଠିଆ ହେବା ଏବଂ ସେମାନଙ୍କୁ ସବୁପ୍ରକାର ସାହାଯ୍ୟ ଯୋଗାଇ ଦେବା ଆମର ନୈତିକ ଏବଂ ସାମାଜିକ ଦାୟିତ୍ୱ।



ତେଣୁ ସମ୍ପୃକ୍ତ ଜିଲ୍ଲାଗୁଡ଼ିକର ସମସ୍ତ ଦଳୀୟ ନେତା ଓ କର୍ମକର୍ତ୍ତା ନିଜ ନିଜ ଅଞ୍ଚଳରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟରେ ପ୍ରଶାସନକୁ ସହଯୋଗ କରିବା ସହ କ୍ଷତିଗ୍ରସ୍ତ ଲୋକଙ୍କୁ ଖାଦ୍ୟ, ପାନୀୟ ଜଳ ଏବଂ ଜରୁରୀ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ଆଗେଇ ଆସିବାକୁ ରାଜ୍ୟ ସଭାପତି ଶ୍ରୀ ସାମଲ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟ ସରକାର ଜନସାଧାରଣଙ୍କ ଜୀବନ ଓ ସମ୍ପତ୍ତି ସୁରକ୍ଷା ପାଇଁ ପ୍ରତିବଦ୍ଧ ଅଛନ୍ତି। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସମସ୍ତଙ୍କର ମିଳିତ ସହଯୋଗ ନିହାତି ଆବଶ୍ୟକ। ସରକାରୀ ସ୍ତରରେ ତ୍ୱରିତ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ଦଳୀୟ ସ୍ତରରେ ମଧ୍ୟ ପ୍ରଭାବିତ ପରିବାରଗୁଡ଼ିକୁ ସମସ୍ତ ସମ୍ଭବ ସହାୟତା ପ୍ରଦାନ ପାଇଁ ପାର୍ଟି ତରଫରୁ ନିରନ୍ତର ତଦାରଖ କରାଯାଉଛି ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି।

ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଲଗାଣ ବର୍ଷା ଜନିତ ବନ୍ୟା ସ୍ଥିତି ସଂପର୍କରେ

ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର (ସବ୍ୟୁ): ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଲଗାଣ ବର୍ଷା ଜନିତ ବନ୍ୟା ସ୍ଥିତି ସମୀକ୍ଷା କରିଛନ୍ତି । ଗୁରୁବାର ସକାଳେ ଏସ୍‌ଆରସି କାର୍ଯ୍ୟାଳୟରେ ଶ୍ରୀମତୀ ଗର୍ଗ ସ୍ଥିତି ସମୀକ୍ଷା କରି ବନ୍ୟା ମୁକାବିଲା ସଂପର୍କରେ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଅତ୍ୟଧିକ ବର୍ଷା ହୋଇଛି କ୍ଷ ବିଶେଷ କରି ଗଞ୍ଜାମ ଜିଲ୍ଲାରେ ପ୍ରଭାବିତଙ୍କ ସ୍ଥିତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ, ଏସ୍‌ଆରସି । ରାଜେଶ ପ୍ରଭାକର ପାଟିଲ ଏବଂ ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତିଭାସନ ଙ୍କ ସହିତ କଥା ହୋଇଥିଲେ। ବାତ୍ୟା ପୂର୍ବରୁ ପ୍ରସ୍ତୁତି ଓ ଲଗାଣ ବର୍ଷା ଯୋଗୁଁ ବନ୍ୟା ମୁକାବିଲା ପଦକ୍ଷେପ ସମ୍ପର୍କରେ ସେ ଆଲୋଚନା କରିଥିଲେ । ସମୀକ୍ଷା ପରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହିତ ନିଆଯାଉଥିବା ପଦକ୍ଷେପ ସଂପର୍କରେ ମଧ୍ୟ ଆଲୋଚନା ଓ ପରାମର୍ଶ କରିଛନ୍ତି ।

ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକ ଅଧିନସ୍ଥ ୨୦୮ଟି ଗ୍ରାମ ପଂଚାୟତର



୨୯୯ଟି ଗ୍ରାମ ଏବଂ ଗଜପତି ଜିଲ୍ଲାର ୭ଟି ବ୍ଲକ ଅନ୍ତର୍ଗତ ୧୧୦ଟି ଗ୍ରାମ ପଂଚାୟତର ୭୧୧ଟି ଗ୍ରାମ ବେଶୀ ପ୍ରଭାବିତ ହୋଇଛନ୍ତି । ଗଂଜାମ ଜିଲ୍ଲାର ୪୨,୫୦୦ ଏବଂ ଗଜପତି ଜିଲ୍ଲାର ୨୦,୦୦୦ ଲୋକ ପ୍ରଭାବିତ ହୋଇଛନ୍ତି । ଗଂଜାମ ଜିଲ୍ଲାର ୧୧,୮୮୨ ଜଣ ଓ ଗଜପତି ଜିଲ୍ଲାର ୧୭,୪୪୧ ଜଣଙ୍କୁ ସ୍ଥାନାନ୍ତରଣ କରାଯାଇ ବନ୍ୟା-ବାତ୍ୟା ଆଶ୍ରୟସ୍ଥଳରେ ରଖାଯାଇଛି । ଗଂଜାମ ଜିଲ୍ଲାରେ ୭୦ ଟି ଗ୍ରାମର ୨୩୨୮ ଟି ଲୋକ ଜଳଘେରି ଅବସ୍ଥାରେ ଅଛନ୍ତି । ପ୍ରଭାବିତ ଅଂଚଳରେ ପ୍ରଖର ଜଳସ୍ରୋତ ଅଂଚଳରେ ପ୍ରଭାବିତଙ୍କୁ ସୁରକ୍ଷିତ ସ୍ଥାନକୁ ଆଣିବା ପାଇଁ ଏୟାର ଲିଫ୍ଟିଂ କରାଯିବା ନେଇ ପରାମର୍ଶ କରାଯାଇଛି । ଜିଲ୍ଲାପାଳଙ୍କୁ ସେ ସବୁ ଅଂଚଳର ତାଲିକା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଗଞ୍ଜାମ ଜିଲ୍ଲାର ଚିକିଟି ଓ ପାତ୍ରପୁର ବ୍ଲକ୍ ଅନ୍ତର୍ଗତ ବାଘଲଟି ଜଳଭଣ୍ଡାର ଏବଂ ବାହୁଦା ନଦୀ ଅବବାହିକାରେ ପ୍ରବଳ ବର୍ଷା ଯୋଗୁଁ ଜଳସ୍ତର ବୃଦ୍ଧି ପାଇଛି । ଏଥି ଯୋଗୁଁ ଆନ୍ଧ୍ରପ୍ରଦେଶର ଇଚ୍ଛାପୁରମ ଠାରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି । ବାତ୍ୟା 'ଅର୍ଣ୍ଣବ' ଆଶଙ୍କା ଓ ସଚେତନାଯୋଗ୍ୟ , ଏହି ଶିକ୍ଷାନୁଷ୍ଠାନର କିଛି ହଷ୍ଟେଲ ଅନ୍ତେବାସୀ ଜ୍ୱର, ବାନ୍ତି ଓ ପେଟ ଯନ୍ତ୍ରଣାରେ ପୀଡିତ ଥିଲେ । ସ୍ୱାସ୍ଥ୍ୟ ପରୀକ୍ଷା ପରେ ଜଣ୍ଡିସ ରୋଗ ଚିହ୍ନଟ ହୋଇଛି । ଏହା ଜଣାପଡ଼ିବା ପରେ କଲେଜ କର୍ତ୍ତୃପକ୍ଷ ହଠା ସମସ୍ତ ହଷ୍ଟେଲକୁ ଖାଲି କରିଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଅନୁଷ୍ଠାନ ପରିସରରେ ବ୍ୟବହୃତ ପାନୀୟ ଜଳ ଦୂଷିତ ହୋଇଥିବାରୁ ଏଭଳି ସ୍ଥିତି ଉପୁଜିଥିବା ଅଭିଭାବକ ମାନେ ଅଭିଯୋଗ କରିଛନ୍ତି । ତେବେ ବାରମ୍ବାର ଏଭଳି ସମସ୍ୟା ଦେଖା ଯାଉଥିବା ବେଳେ ଏହାର ସ୍ଥାୟୀ ସମାଧାନ କରିବାକୁ ସେମାନେ ଦାବି କରିଛନ୍ତି । ଅନ୍ୟପଟେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ ଅନୁଷ୍ଠାନ ପରିଦର୍ଶନ କରି ସ୍ଥିତି ଅନୁଧାନ କରୁଥିବା ଜଣାପଡିଛି । ତେବେ ତୁରନ୍ତ ଅନୁଷ୍ଠାନର ପାଣି ନମୁନା ପରୀକ୍ଷା ଓ ସମସ୍ତ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଦାବି ହୋଇଛି ।

- ଏସ୍‌ଆରସି କଣ୍ଟ୍ରୋଲ ରୁମରେ ଗଂଜାମ ଓ ଗଜପତି ଜିଲ୍ଲାର ସ୍ଥିତି ସମୀକ୍ଷା
- ବାତ୍ୟା ପରବର୍ତ୍ତୀ ସ୍ଥିତିର ନିରନ୍ତର ଅନୁଧାନ ଓ ଜନସାଧାରଣଙ୍କ ସୁରକ୍ଷାକୁ ଗୁରୁତ୍ୱ

ଯୋଗୁଁ ଯେଉଁଠି ଏନଡିଆରଏଫ୍ ଏବଂ ଓଡ୍ରାଫ୍ ଟିମ୍ ପହଁଚିବା ସମ୍ଭବପର ହେଉ ନାହିଁ, ସେ ସବୁ ଭାରତୀୟ ପାଣିପାଗ ବିଭାଗର ପ୍ରବଳ ବର୍ଷା ପୂର୍ବାନୁମାନକୁ ଦୃଷ୍ଟିରେ ରଖି ଜଳଭଣ୍ଡାରର ଜଳଧାରଣ କ୍ଷମତା ନିୟନ୍ତ୍ରଣ ପାଇଁ ପୂର୍ବରୁ ଜଳ ନିଷ୍କାସନ କରାଯାଇଥିଲା । ଏହି ପରିସ୍ଥିତିରେ ରେଳ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଇଚ୍ଛାପୁରମ୍ ଓ ଜଟପୁଡ଼ି ଷ୍ଟେସନ ମଧ୍ୟରେ ଡାଙ୍ଗୁଡ଼ା ନିକଟସ୍ଥ ରେଳ ବ୍ରିଜ୍ ନଂ. ୧୦୫୨ରେ ଜଳସ୍ତର ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଥିବା ସୂଚନା ମିଳିଥିଲା । ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ପୂଜାରୀ ବାତ୍ୟା ପରବର୍ତ୍ତୀ ବନ୍ୟା ସ୍ଥିତି, ପୁନରୁଦ୍ଧାର ଓ ଥଇଥାନ ସଂପର୍କରେ ନିରନ୍ତର ସ୍ଥିତି ଅନୁଧାନ କରୁଛନ୍ତି । ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ବାତ୍ୟା ପରବର୍ତ୍ତୀ ସ୍ଥିତିର ନିରନ୍ତର ଅନୁଧାନ ଓ ସମନ୍ୱିତ ପଦକ୍ଷେପ ଗ୍ରହଣ କରିଥିବା ଜଣାପଡିଛି ।

ଜାଲ୍, ନକଲି ଶିକ୍ଷାଗତ ପ୍ରମାଣପତ୍ର ଦେଇ ଚାକିରୀ କରିଥିବା ଅଭିଯୋଗ

ଅଧ୍ୟାପକଙ୍କ ବିରୋଧରେ କ୍ରାଇମବ୍ରାଞ୍ଚର ଚାର୍ଜସିଟ୍ ଦାଖଲ

ପୁରୀ, (ସବ୍ୟୁ): ଜାଲ୍ ଶିକ୍ଷାଗତ ପ୍ରମାଣପତ୍ର ଓ ମାର୍କସିଟ୍ ଦାଖଲ କରି ଅଧ୍ୟାପକ ଚାକିରି ହାତେଇବା ସହ ସରକାରୀ ତହବିଲରୁ କୋଟି କୋଟି ଟଙ୍କା ବେତନ ଆକାରରେ ନେଇଥିବା ଅଭିଯୋଗରେ ପୁରୀ ଜିଲ୍ଲା ବ୍ରହ୍ମଗିରି ଥାନା ଅଧିନସ୍ଥ ଅଲାରନାଥ ଧନ୍ଦାମୂଳକ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟାପକ ପ୍ରଦୀପ କୁମାର ସାହୁଙ୍କ ବିରୋଧରେ ରାଜ୍ୟ କ୍ରାଇମବ୍ରାଞ୍ଚ ପକ୍ଷରୁ କୋର୍ଟରେ ଚାର୍ଜସିଟ୍ ଦାଖଲ କରାଯାଇଛି। ପୁରୀ ଜିଲ୍ଲା ବ୍ରହ୍ମଗିରିସ୍ଥିତ ଏ.ଡି. ମହାବିଦ୍ୟାଳୟରେ ପ୍ରାଣୀବିଜ୍ଞାନ ବିଭାଗର ଅଧ୍ୟାପକ ଭାବେ କାର୍ଯ୍ୟ କରିଥିବା ସାହୁଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ ପରେ ଗତ ୨୬ ଅକ୍ଟୋବର ୨୦୨୬ରେ କ୍ରାଇମବ୍ରାଞ୍ଚ ପକ୍ଷରୁ କଟକ ଜେଏଏମ୍‌ଏଫସିଙ୍କ କୋର୍ଟରେ ଚାର୍ଜସିଟ୍ ଦାଖଲ ହୋଇଥିବା ଜଣାପଡ଼ିଛି। କ୍ରାଇମବ୍ରାଞ୍ଚର ତଦନ୍ତ ରିପୋର୍ଟ ଅନୁଯାୟୀ, ପ୍ରଦୀପ କୁମାର ସାହୁ ୧୨ ଜାନୁଆରୀ ୧୯୮୯ ମସିହାରେ ଏ.ଡି. ମହାବିଦ୍ୟାଳୟରେ ପ୍ରାଣୀ ବିଜ୍ଞାନ ଅଧ୍ୟାପକ ଭାବେ ଯୋଗଦେଇ ଥିଲେ । ସେ ୨୮ ଫେବୃଆରୀ ୨୦୨୩ ରେ ଅବସର ଗ୍ରହଣ କରିଥିଲେ । ତେବେ ନିଯୁକ୍ତି ସମୟରେ ସେ ଦାଖଲ କରିଥିବା ଶିକ୍ଷାଗତ ଯୋଗ୍ୟତା ସମ୍ପର୍କିତ ପ୍ରମାଣ ପତ୍ର ଗୁଡ଼ିକର ସତ୍ୟତା ଉପରେ ସନ୍ଦେହ ପ୍ରକାଶ ପାଇ ଥିଲା । ଏନେଇ ସାମ୍ବାଦିକ ବିଶ୍ୱଜିତ୍ ପଟ୍ଟନାୟକ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ରେ ଅଭିଯୋଗ କରିଥିଲେ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହାର ତଦନ୍ତ କରିବା ପାଇଁ ରିଜିଓନାଲ ଡାଇରେକ୍ଟର ଭୁବନେଶ୍ୱରଙ୍କୁ ନିର୍ଦ୍ଦେଶ ଦିଆଯାଇ ଥିଲା । ରିଜିଓନାଲ ଡାଇରେକ୍ଟର ଏହାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ। ତଦନ୍ତରେ ଜଣାପଡ଼ି ଥିଲା ଯେ ପ୍ରଦୀପ୍ତ ନକଲି ଜାଲ ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ବ୍ୟବହାର କରି ଅଧ୍ୟାପକ ଚାକିରି କରି ଛନ୍ତି। ପରବର୍ତ୍ତୀ ସମୟରେ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟ କ

ଅର୍ଣ୍ଣବ ବାତ୍ୟାରେ ବ୍ରହ୍ମପୁର ବେହାଲ

ପୁଣି ବନ୍ୟାରେ ବୁଡ଼ିଲା ବର୍ମାପଲି, ସହାୟତା ଅପେକ୍ଷାରେ ଭୟଭୀତ ବାସିନ୍ଦା



ବ୍ରହ୍ମପୁର, (ସବ୍ୟ): ଘୂର୍ଣ୍ଣିବାତ୍ୟା ଅର୍ଣ୍ଣବ ଯୋଗୁଁ ହୋଇଥିବା ଲଗାତାର ବର୍ଷାରେ ବ୍ରହ୍ମପୁର ମହାନଗର ବେହାଲ ହୋଇପଡିଥିବା ବେଳେ ସହରର ଅନେକ ସ୍ଥାନ ଜଳବନ୍ଦୀ ଘେରରେ ରହିଛି । ଜିଲା ପ୍ରଶାସନ, ମହାନଗର ନିଗମ ର ଅସଲ ଚେହେରା ପଦାକୁ ଆସିଛି । ବର୍ଷା ଓ ବାତ୍ୟା ପୂର୍ବରୁ ନର୍ଦ୍ଦମା ଜଳ ନିଷ୍କାସନ ବ୍ୟବସ୍ଥାରେ ଫେଲ ମାରିଛି ମହାନଗର କର୍ତ୍ତୃପକ୍ଷ । ଅନ୍ୟପଟେ ଜଳବନ୍ଦୀ ରୋକିବା ପାଇଁ ପ୍ରୟାସ କରାଯାଇଥିଲେ ମଧ୍ୟ ସେଥିରେ ସଫଳ ହୋଇପାରିନାହିଁ । ଅନେକ ସ୍ଥାନରେ ଯାତାୟତ ବାଧାପ୍ରାପ୍ତ ହୋଇଛି। ଲୋକେ ନିଜ ନିଜ ଘରୁ ବାହାରକୁ ବାହାରିପାରିନଥିବା ଦେଖିବାକୁ ମିଳିଛି ।

ସେହିପରି ବର୍ମାପଲି ପୁଣି ଥରେ ଜଳବନ୍ଦୀ ଘେରରେ ରହିଛି । ବ୍ରହ୍ମପୁର ମହାନଗର ନିଗମ (ବିଏମସି) ଅନ୍ତର୍ଗତ ୩୯ ନମ୍ବର ୱାର୍ଡର ବାସିନ୍ଦାମାନେ ଅଣ୍ଟା ପର୍ଯ୍ୟନ୍ତ ବନ୍ୟାଜଳ ମଧ୍ୟରେ ଘରେ ବନ୍ଦୀ ହୋଇ ରହିଛନ୍ତି । ଗତ ରାତିରୁ ଅନେକ ପରିବାର ବିଜୁଳି, ଖାଦ୍ୟ ଓ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ବିନା ଅନ୍ଧାରରେ ରାତି କାଟୁଛନ୍ତି । ମାତ୍ର ଏକ ମାସ ପୂର୍ବେ ସେପ୍ଟେମ୍ବର ୨୩ରେ ସମାନ ଭାବେ ବନ୍ୟା ଆସିଥିଲା । ଏହି ପୁନରାବୃତ୍ତି ବାସିନ୍ଦାଙ୍କ ଦୁଃଖକୁ ଆହୁରି ବଢ଼ାଇଛି । ଘର ଚାରିପଟେ ଥିବା ବର୍ଷାଜଳ ସାଧାରଣ ଜୀବନଯାପନକୁ ବାଧା ଦେଇଛି । ପ୍ରଭାବିତ ପରିବାରମାନେ ତୁରନ୍ତ ସାହାଯ୍ୟ ଓ ସହାୟତା ପାଇବାକୁ ଆଶା କରୁଛନ୍ତି । ସ୍ଥାନୀୟ ବାସିନ୍ଦା ସିମାଞ୍ଚଳ ପାଣ୍ଡା ନିଜ ମୋବାଇଲ୍ (୭୦୦୮୦ ୩୮୮୯୫ରୁ ଏସ୍ଓଏସ୍ ପଠାଇ ବନ୍ୟାଗ୍ରସ୍ତ ଅଞ୍ଚଳର ଭିଡିଓ ସାଧାରଣ କରିଛନ୍ତି । ସେ କହିଛନ୍ତି ଯେ ବାସିନ୍ଦାମାନେ ଅନ୍ଧାରରେ ରାତି କାଟୁଛନ୍ତି ଏବଂ ଖାଦ୍ୟ ଓ ମୌଳିକ ଆବଶ୍ୟକତା ବିନା ସଂଘର୍ଷ କରୁଛନ୍ତି । ପ୍ରଭାବିତ ଲୋକମାନେ ସ୍ଥାନୀୟ କର୍ପୋରେଟର ସାବିତ୍ରୀ ନାୟକ ଏବଂ ବିଜେପି ନେତା ଶିବ ନାୟକଙ୍କୁ ତୁରନ୍ତ ହସ୍ତକ୍ଷେପ କରି ସାହାଯ୍ୟ ଯୋଗାଇ ଦେବାକୁ ଆବେଦନ କରିଛନ୍ତି ।

ସେମାନେ ବିଏମସି କର୍ତ୍ତୃପକ୍ଷ ଏବଂ ଗଞ୍ଜାମ ଜିଲ୍ଲା ପ୍ରଶାସନକୁ ମଧ୍ୟ ତ୍ରାଣ ଦଳ ପଠାଇ ପରିସ୍ଥିତିର ମୂଲ୍ୟାଙ୍କନ କରି ତୁରନ୍ତ ସାହାଯ୍ୟ ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି । ବାସିନ୍ଦାମାନେ ଆହୁରି କହିଛନ୍ତି ଯେ ବର୍ଷା ହେଲେ ହିଁ ଜଳବନ୍ଦୀ ହେଉଥିବା ଏହି ପୁରୁଣା ସମସ୍ୟାର ସ୍ଥାୟୀ ସମାଧାନ କରାଯାଉ। ନହେଲେ ସେମାନଙ୍କ ଜୀବନ ଓ ଜୀବିକା ବାରମ୍ବାର ବିପଦରେ ପଡ଼ିବ ବୋଲି କହିଛନ୍ତି ।

ବାତ୍ୟା ପ୍ରଭାବରେ ପ୍ରବଳ ବର୍ଷା: ୩୧ ଯାଏଁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ନିର୍ଦ୍ଦେଶ

ବ୍ରହ୍ମପୁର, (ସବ୍ୟ): ବାତ୍ୟା ଅର୍ଣ୍ଣବ ପ୍ରଭାବ ଫଳରେ ଗତ ତିନି ଦିନ ଧରି ଲଗାତର ଗଞ୍ଜାମ ଜିଲ୍ଲାରେ ବର୍ଷା ଫଳରେ ଜଳବନ୍ଦୀ ପରିସ୍ଥିତି ଓ ଯାତାୟାତରେ ବାଧାକୁ ଦୃଷ୍ଟିରେ ରଖି ଅଙ୍ଗନୱାଡ଼ି, ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରୁ ଆରମ୍ଭ କରି ସମସ୍ତ ସ୍କୁଲ ଓ କଲେଜ ଓ ବୈଷୟିକ ଶିକ୍ଷାନୁଷ୍ଠାନ ବନ୍ଦ କରିବା ନିମନ୍ତେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ସତର୍କ ସୂଚନା ଦେଇଛନ୍ତି । ବାତ୍ୟା ଅର୍ଣ୍ଣବ ପ୍ରଭାବରେ ପ୍ରବଳ ବର୍ଷା ଫଳରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନିମନ୍ତେ ଜିଲ୍ଲାର ସମସ୍ତସ୍କୁଲ କଲେଜ, ଡିଗ୍ରୀ କଲେଜ, ବୈଷୟିକ ଶିକ୍ଷାନୁଷ୍ଠାନ ଏବଂ ବିଶ୍ୱବିଦ୍ୟାଳୟର ଅଧୀନସ୍ଥ ବିଭାଗ ଗୁଡ଼ିକୁ ଅକ୍ଟୋବର ୨୭ ତାରିଖ ଠାରୁ ୨୯ ତାରିଖ ପର୍ଯ୍ୟନ୍ତ ୩ ଦିନ ବନ୍ଦ କରିବାକୁ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍, ଗଞ୍ଜାମଙ୍କ ପକ୍ଷରୁ ଆଦେଶ ଜାରି କରିଥିଲେ। ତାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ପୁଣି ଆଉଥରେ ଦୁଇ ଦିନ ବୃଦ୍ଧି କରିଛନ୍ତି । ଯାହା ୨୯ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଥିବା ସୂଚନା ଦେଇଛନ୍ତି। ସମ୍ପୃକ୍ତ ସମସ୍ତ ଶିକ୍ଷାନୁଷ୍ଠାନର ମୁଖ୍ୟମାନେ ଆଦେଶର ନିଷ୍ଠାପୂର୍ବକ ପାଳନ ସହ ଶିକ୍ଷାକ, ଅଣ ଶିକ୍ଷକ କର୍ମଚାରୀ କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶ ନାମା ଜାରି କରାଯାଇଛି ।

ପ୍ରବଳ ବର୍ଷା, ବ୍ରହ୍ମପୁର ଜଳବନ୍ଦୀ



ବ୍ରହ୍ମପୁର, (ସବ୍ୟ) : ବାତ୍ୟା ଅଣ୍ଡବ ପ୍ରଭାବରେ ଗତ ତିନି ଧରି ଲଗାଣ ବର୍ଷା ଫଳରେ ବ୍ରହ୍ମପୁର ସମେତ ଗଞ୍ଜାମ ଜିଲ୍ଲା ଜନ ସାଧାରଣ ବହୁ ମାତ୍ରାରେ ପ୍ରଭାବିତ ହୋଇଛନ୍ତି । ସୋରଡ଼ା, ଭଞ୍ଜନଗର, ଆସିକା, ଧରାକୋଟ, ସାନଖେମୁଣ୍ଡି, ପୁରୁଷୋତ୍ତମପୁର, ପାତ୍ରପୁର, ଗଞ୍ଜାମ, କବିସୂର୍ଯ୍ୟନଗର ଭଳି ଅନେକ ବ୍ଲକର ବହୁ ପଞ୍ଚାୟତର ଗ୍ରାମ ଉପରେ ପ୍ରଭାବ ପକାଇବ ଫଳରେ ସମଗ୍ର ଅଞ୍ଚଳରେ ଜଳମଗ୍ନ ସୋଇଯାଇଛି । ଲଘୁଚାପ ସୃଷ୍ଟି ହୋଇଥିବା ଅବପାତ ପ୍ରଭାବରେ ଗତ ତିନି ଦିନ ଧରି ବ୍ରହ୍ମପୁର ସହର ସମେତ ସମଗ୍ର ଗଞ୍ଜାମ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିଛି । ଏହି ଲଗାଣ ବର୍ଷା ଯୋଗୁଁ ସହରର ବିଭିନ୍ନ ତଳିଆ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଗମ୍ଭୀର ରୂପ ନେଇଛି । ସାପୁଆ ନାଳ ଓ ବାହାନା ନାଳରେ ଜଳସ୍ତର ବୃଦ୍ଧି ପାଇବା ସହ ଅନେକ ରାସ୍ତାଘାଟ ଜଳମଗ୍ନ ହୋଇପଡ଼ିଛି ଏବଂ ବହୁ ଲୋକଙ୍କ ଘର ଭିତରକୁ ବର୍ଷାଜଳ ପଶିଯାଇଛି ।

ବିଶେଷକରି ଖାରବେଳ ନଗର ନିକଟସ୍ଥ ରୁବି ଆଇ ହସ୍ପିଟାଲ ସମେତ ଗୋବିନ୍ଦ ବିହାରର ଏବଂ ଗୋପାଳପୁର ଜଙ୍କସନ ନିକଟସ୍ଥ ଭକ୍ତ ସାଲବେଗ ନଗର, ଅନ୍ଧ ପସରା ରୋଡ, କୌତୁକି ନଗର, ମିନାକ୍ଷୀ ନଗର, ଗାନ୍ଧୀ ନଗର, ଗଜପତି ନଗର, ବାସୁଦେବ ନଗର, ନିଳାଞ୍ଚଳ ନଗର, ପୁରୁଣା ବ୍ରହ୍ମପୁର କୁଠାରୀ ମନ୍ଦିର ସାହି, ଗୋଦାବରୀଶ ନଗର, ଅଶୋକ ନଗର,ଶକ୍ତି ନଗର,ବାପୁଜୀ ନଗର, ଲକ୍ଷ୍ମୀ ନୃସିଂହ ସାହି ଅଞ୍ଚଳ, ବ୍ରହ୍ମା ପଲ୍ଲୀ, ଜଳେଶ୍ୱର ଖଣ୍ଡି, କଳିଙ୍ଗନଗର, ଜଗନ୍ନାଥ ବିହାର, ଗେଟ ବଜାର, ଲୋଚାପଡା ରାସ୍ତା, ପାଣିଗ୍ରାହୀ ନଗର, ଡୁଡୁମା କଲୋନୀ, ଶ୍ରୀକ୍ଷେତ୍ର ବିହାର, ବ୍ରଜ ନଗର ସମେତ ସହରର ଅନେକ ଖାଲୁଆ ଅଞ୍ଚଳରେ ଲଗାଣ ବର୍ଷା ଓ ପ୍ରବଳ ପବନ ଯୋଗୁଁ ଘର ଭିତରେ ପାଣି ପଶି ଯାଇଛି । ଜଳେଶ୍ୱର ଖଣ୍ଡିରେ ଘରେ ପାଣି ପଶି ଯାଇଥିବାରୁ ବୋଟ ଯୋଗେ ଲୋକଙ୍କୁ ଉଦ୍ଧାର କରାଯାଇ ଥିବା ଜଣାପଡିଛି । ସହରରେ ଗାଡ଼ି ବସ ଚଳାଚଳ ବେଶ ପ୍ରଭାବିତ ହୋଇଥିବା ବେଳେ ଦୋକାନ ବଜାର ବନ୍ଦ ରହିଛି । ପ୍ରବଳ ବର୍ଷାରେ ଜିଲ୍ଲାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି ।

ବିଶେଷ କରି ସହରର ବିଭିନ୍ନ ତଳିଆ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଦେଖାଦେଇଥିବା ବେଳେ ବର୍ଷାଜଳ ଘରେ ପଶିଯିବାରୁ ଅନେକ ପରିବାର ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି । ଚାଳଘରେ ରହୁଥିବା ଗରିବ ପରିବାରଗୁଡ଼ିକ ବାତ୍ୟାରେ ଅଧିକ ପ୍ରଭାବିତ ହୋଇଛନ୍ତି । ଘରେ ପାଣି ପଶିବା ସହ ବର୍ଷା ଓ ପବନରୁ ରକ୍ଷା ପାଇବା ସେମାନେ ବାତ୍ୟା ଆଶ୍ରୟ ସ୍ଥଳରେ ରହିଛନ୍ତି । ବାତ୍ୟା ପ୍ରଭାବିତ ଲୋକଙ୍କ ସମସ୍ୟା ବୁଝିବା ସହ ତୁରନ୍ତ ସମାଧାନର ଉପରେ ଗୁରୁତ୍ୱ ଦେଉଛନ୍ତି । ବିଶେଷ କରି ବିପନ୍ନ ପରିବାରଙ୍କ ପାଇଁ ଖାଦ୍ୟ, ପାନୀୟ ଜଳ ଓ ସୁରକ୍ଷିତ ଆଶ୍ରୟ ବ୍ୟବସ୍ଥାକୁ ପ୍ରାଥମିକତା ଦେଇ ସେମାନଙ୍କ ଅସୁବିଧା ହ୍ରାସ କରିବା ଦିଗରେ ଧ୍ୟାନ ଦେଉଛନ୍ତି ।

ବାଘୁଆ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି, ୨ ଗେଟ୍‌ରେ ବନ୍ୟାଜଳ ନିଷ୍କାସନ



ବୁଗୁଡ଼ା, (ସବ୍ୟ): ସ୍ଥାନୀୟ ବାଘୁଆ ଜଳଭଣ୍ଡାରର ସୁରକ୍ଷିତ ଓ ଜଳସ୍ତରର ବିପଦକୁ ଦୃଷ୍ଟିରେ ରଖି ଜଳସେଚନ ବିଭାଗ ପକ୍ଷରୁ ୨୯ ତାରିଖ ଦିନ ସକାଳୁ ଜଳଭଣ୍ଡାରର ୨ଟି ଗେଟ ଦେଇ ବନ୍ୟାଜଳ ନିଷ୍କାସନ କରି ବାଘୁଆ ନଦୀରେ ଛଡାଯାଇଥିବା ଜଣାଯାଇଛି । ବାଘୁଆ ଜଳଭଣ୍ଡାରର ଜଳଧାରଣ କ୍ଷମତା ୧୧୩.୮୫ ମିଟର ଥିବାବେଳେ ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଲଗାଣ ବର୍ଷା ଫଳରେ ଜଳଭଣ୍ଡାରର ଜଳସ୍ତର ବିପଦ ସଙ୍କେତ ନିକଟରେ ପହଞ୍ଚିଥିଲା। ଏହାକୁ ଦୃଷ୍ଟିରେ ରଖି ରଖି ବିପଦଜନକ ସ୍ଥିତିକୁ ଏଡ଼ାଇବା ପାଇଁ ଭଞ୍ଜନଗର ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସଞ୍ଜୟ କୁମାର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ସକାଳୁ ବାଘୁଆ ଜଳସେଚନ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଶ୍ୱଜୀବନ ମହାପାତ୍ରଙ୍କ ଉପସ୍ଥିତିରେ ବାଘୁଆ ଜଳଭଣ୍ଡାରର ୨ଟି ସଫିଲ୍ ୱେ ଗେଟ୍ ଖୋଲାଯାଇ ଅତିରିକ୍ତ ବନ୍ୟାଜଳକୁ ନିଷ୍କାସନ କରାଯାଇଥିଲା । ସମ୍ପ୍ରତି ବାଘୁଆ ଜଳଭଣ୍ଡାରର ଜଳସ୍ତର ଉଚ୍ଚତା ୧୧୩.୧୫ ମିଟର ଥିବାବେଳେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧୦୪ ଘନ ମିଟର ଜଳ ପ୍ରବେଶ କରୁଥିବା ବେଳେ ଜଳଭଣ୍ଡାରରୁ ୨ଟି ଗେଟ୍ ଦେଇ ପ୍ରତି ସେକେଣ୍ଡରେ ୭୬ ଘନ ମିଟର ଜଳ ନିଷ୍କାସିତ ହେଉଛି ।

ପ୍ରକାଶ ଯେ, ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ କରି ବାଘୁଆ ନଦୀରେ ଛଡାଯିବା ପାଇଁ ପୂର୍ବରୁ ବିଭାଗୀୟ ପ୍ରଶାସନ ପକ୍ଷରୁ ମାଇକ୍ ଯୋଗେ ନଦୀକୁ କେହି ନଯିବା ସହ ଗୃହପାଳିତ ପଶୁମାନଙ୍କୁ ନଦୀକୁ ନଛାଡିବା ସକାଶେ ସତର୍କ ସୂଚନା କରାଯାଇଥିଲା ।

ବର୍ଷା ଓ ପବନରେ ବ୍ୟାପକ ଫସଲ ନଷ୍ଟ, ଚିନ୍ତାରେ ଚାଷୀକୁଳ



ବୁଗୁଡ଼ା, (ସବ୍ୟ): ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ବୁଗୁଡା ଅଞ୍ଚଳରେ ଦୁଇଦିନ ହେବ ଜାରି ରହିଥିବା ପ୍ରବଳ ପବନ ଓ ଅନବରତ ବର୍ଷା ଚାଷୀଙ୍କ ଚିନ୍ତାକୁ ବଢ଼ାଇ ଦେଇଛି ।

ଏହି ପ୍ରାକୃତିକ ବିପର୍ଯ୍ୟୟ ଫଳରେ ଅଞ୍ଚଳର କେତେକ ସ୍ଥାନରେ ଚାଷଜମି କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି ଏବଂ ଚାଷକୁ ମୁଖ୍ୟ ଜୀବିକା ଭାବେ ଗ୍ରହଣ କରିଥିବା ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ବୁଗୁଡା ବ୍ଲକ ଅନ୍ତର୍ଗତ କହ୍ନେଇପୁର ଗ୍ରାମର ପଦ୍ମଲାଭ ଗୌଡ଼, ଯୁଧିଷ୍ଠିର ଦାଶ, ନିରଞ୍ଜନ ପ୍ରଧାନ, ତ୍ରିନାଥ ଗୌଡ, ପ୍ରଦୀପ ପ୍ରଧାନ, ଧର୍ମୁ ପ୍ରଧାନଙ୍କ ମକା ଫସଲ ପବନ ଯୋଗୁଁ ଜମିରେ ଲୋଟି ପଡିଛି । ପବନ ଓ ବର୍ଷାର ପ୍ରଭାବରେ ଚାଷଜମିରେ ପଡ଼ି ଫସଲ ନଷ୍ଟ ହୋଇଥିବାରୁ ଚାଷୀଙ୍କର ବ୍ୟାପକ ଆର୍ଥିକ କ୍ଷତି ହୋଇଛ । ଏହାର ସଠିକ୍ ଆକଳନ କରାଯିବା ଜରୁରୀ ହୋଇପଡ଼ିଛି ।

ଅଞ୍ଚଳର ଚାଷୀମାନେ ଏଭଳି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବାରୁ ସେମାନଙ୍କ ଆୟ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ତେଣୁ କୃଷି ବିଭାଗ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷତିଗ୍ରସ୍ତ ଚାଷଜମିର ତଦନ୍ତ କରି ଚାଷୀଙ୍କ କ୍ଷତିପୂରଣ ପାଇଁ ଦାବି ହୋଇଛି ।

ଉତ୍କଳ ସେବକ ସମାଜ ପକ୍ଷରୁ ନୂତନ ସିଡିଏମ୍ଓଙ୍କୁ ସୌଜନ୍ୟମୂଳକ ସାକ୍ଷାତ

କଟକ, (ସ୍ୱପ୍ର) : ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳ ସେବକ ସମାଜ ସମ୍ପାଦକ ତଥା ଜିଲ୍ଲା ସ୍ୱେଚ୍ଛାସେବୀ ସମନ୍ୱୟ ସମିତିର ଆବାହକ ଆଇନଜୀବୀ ଅମିୟ ଭୂଷଣ ବିଶ୍ୱାଳଙ୍କ ନେତୃତ୍ୱରେ ବିଭିନ୍ନ ସଂଗଠନର ପ୍ରତିନିଧି ଓ ସାମାଜିକ କର୍ମୀମାନେ କଟକ ଜିଲ୍ଲାର ନୂତନ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ସୁଶାନ୍ତ କୁମାର ସ୍ୱାଇଁଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରି ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି ।

ଏହି ସାକ୍ଷାତ୍କାର ସମୟରେ ଜିଲ୍ଲାରେ ସ୍ୱାସ୍ଥ୍ୟସେବାର ଉନ୍ନତି, ଜନସାଧାରଣଙ୍କ ନିକଟରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଏବଂ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମରେ ସରକାରୀ ବିଭାଗ ଓ ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉପରେ ଆଲୋଚନା କରାଯାଇଅଛି । ସାମାଜିକ ସଂଗଠନ ମାନେ ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ନିଜର ସାମାଜିକ ଦାୟିତ୍ୱ ନିର୍ବାହ କରିବା ସହ ଆଗାମୀ ଦିନରେ ସ୍ୱାସ୍ଥ୍ୟ ବିଭାଗ ସହ ସମନ୍ୱୟ ରଖି ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ନିଜର ବଚନ ବଦ୍ଧତାକୁ ଦୋହରାଇଛନ୍ତି । ଏହି ସାକ୍ଷାତକାରରେ ରେଡିଓ ଉତ୍କଳର କେନ୍ଦ୍ର ନିର୍ଦେଶକ ଙ୍କ ଅନ୍ୱୟ ଅଭିନବଙ୍କ ସମେତ ଆହ୍ୱାନ, ମାତୃନିଳୟ ସେବା ଫାଉଣ୍ଡେସନ, ପିଏଲଏଚଆଇଭି ନେଟୱାର୍କସ୍ୱଜନୀ, ଓଡ଼ିଶା କିଡ଼ନୀ ରୋଗୀ ପରିବାରର ପ୍ରତିନିଧି ମାନେ ଯୋଗଦାନ କରିଥିଲେ ।

ଭୁଶୁଡିଲା କଚେରୀ ପଛ ପାଚେରୀ

ଚାପିହୋଇ ୭ରୁ ଅଧିକ ଦୁଇଚକିଆ ଯାନ କ୍ଷତିଗ୍ରସ୍ତ, ଅଳ୍ପକେ ବର୍ତ୍ତିଲେ ଲୋକେ



ବାରିପଦା, (ସବ୍ୟ): ବାରିପଦା ସହରରେ ଗୁରୁବାର ଅପରାହ୍ନରେ ଏକ ବଡ଼ ଧରଣର ଅଘଟଣ ଘଟିଯାଇଛି । ବାରିପଦା କଚେରୀର ପଛପଟ ସୀମା ପାଚେରୀ ହଠାତ ଭୁଷୁଡ଼ି ପଡ଼ିବାରୁ ତଳେ ଥିବା ଗୋଟିଏ କାର୍ ସମେତ ୭ରୁ ଅଧିକ ବାଇକ୍ ଓ ସ୍କୁଟି ଭାଙ୍ଗିରୁଜି ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି । ତେବେ ସୌଭାଗ୍ୟବଶତଃ ଏହି ଘଟଣାରେ କୌଣସି ଧନଜୀବନ ହାନି ହୋଇନାହିଁ ।

ସୂଚନା ଅନୁଯାୟୀ, ଦିନତମାମ ଲାଗିରହିଥିବା ଲଗାଣ ବର୍ଷା ଯୋଗୁଁ କଚେରୀ ପରିସରର ପୁରୁଣା ତଥା ଦୁର୍ବଳ ପାଚେରୀ କାନ୍ଥଟି ଭାର ସମ୍ଭାଳି ନପାରି ଅପରାହ୍ନ ସମୟରେ ରାସ୍ତା ଉପରକୁ ଖସିପଡ଼ିଥିଲା । ସେହି ସମୟରେ ପାଚେରୀ କଡ଼ରେ ପାର୍କିଂ ହୋଇ ରହିଥିବା ଅନେକ ଦୁଇଚକିଆ ଯାନ ଓ ଏକ ଚାରିଚକିଆ ଯାନ ଇଟା ଏବଂ ମାଟି ତଳେ ଚାପି ହୋଇଯାଇଥିଲା । ଘଟଣାସ୍ଥଳରେ ତୁରନ୍ତ ସ୍ଥାନୀୟ ଲୋକ ଓ ଓକିଲମାନେ ପହଞ୍ଚି ଭଙ୍ଗା ପାଚେରୀ ତଳୁ ଗାଡ଼ିଗୁଡ଼ିକୁ ବାହାର କରିବାକୁ ଉଦ୍ୟମ କରିଥିଲେ । ପ୍ରବଳ ବର୍ଷା ଓ ଲୋକଙ୍କ ଗହଳି କମ୍ ଥିବାରୁ ଏକ ବଡ଼ ଦୁର୍ଘଟଣା ଏଡ଼ାଇ ଯାଇଛି ବୋଲି ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି ।

ବନ୍ୟା ଜଳରେ ଉବୁଟୁବୁ ଭଞ୍ଜନଗର ଓ ସୋରଡା

ଭଞ୍ଜନଗର, (ସବ୍ୟ): ବାତ୍ୟା ଅର୍ଣ୍ଣବର ପ୍ରଭାବରୁ ୨୮ ତାରିଖ ରାତି ସାରା ଭଞ୍ଜନଗର ଓ ସୋରଡା ସହରରେ ପ୍ରବଳ ବର୍ଷା ଯୋଗୁଁ ଗୁରୁବାର ସକାଳୁ ଉଭୟ ସହର ବନ୍ୟା ଜଳରେ ଉବୁଟୁବୁ ହେଉଛି । ଭଞ୍ଜନଗର ସହରତଳି ବାଉଁଶଗୁଣ୍ଡି ଓ କୁଜୁଆ ଗାଁ ବାହ୍ୟ ଜଗତରୁ ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି । ଭଞ୍ଜନଗର ସହରର ଅଧିକାଂଶ ସାହିଗଲିରେ ବନ୍ୟାଜଳ ପଶିବା କାରଣରୁ ଲୋକମାନେ ନାହିଁନଥିବା ଅସୁବିଧା ଭୋଗ କରୁଥିବାବେଳେ ସମାନ ସ୍ଥିତି ସୋରଡା ସହରରେ ଦେଖିବାକୁ ମିଳିଛି । ବୁଧବାର ସଂଧ୍ୟା ୬ ଗରୁ ଗୁରୁବାର ଭୋର ୬ ଟା ମଧ୍ୟରେ ୧୨ ଘଣ୍ଟାରେ ୩୭୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ସୋରଡା ଜଳଭଣ୍ଡାର ଉଛୁଳୁଛି । ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇଥିବା ଯୋଗୁଁ ସୋରଡା ଜଳଭଣ୍ଡାରରୁ ଜଳ ଛଡାଯାଉନଥିବାରୁ ଏବେ ଏହି ଜଳଭଣ୍ଡାର ଶତ ପ୍ରତିଶତ ଜଳପୂର୍ଣ୍ଣ ରହିଛି । ଫଳରେ ଯେକୌଣସି ମୁହୂର୍ତ୍ତରେ ଏଠାରେ ଜଳ ନିଷ୍କାସନ କରାଯିବା ନିଶ୍ଚିତ ହୋଇପଡିଛି । ତହ ଜଳଭଣ୍ଡାରରେ ପ୍ରବଳ ବନ୍ୟାଜଳ ପ୍ରବେଶ କାରଣରୁ ଏହି ଜଳଭଣ୍ଡାରରୁ ଜଳ ନିଷ୍କାସନ କରାଯିବା ଯୋଗୁଁ ଲୋହରାଖଣ୍ଡି ନଦୀରେ ପ୍ରଥମ ବନ୍ୟା ଆସିଥିବା ଜଣାପଡିଛି । ଭଞ୍ଜନଗର ତଥା ଏହାର ଆଖାପାଖର ୫୦ରୁ ଉର୍ଦ୍ଧ ଗାଁ ଏବେ ପାଣିଘେରରେ ରହିଛନ୍ତି । ଲୋହରାଖଣ୍ଡି ନଦୀ ଅନେକ ସ୍ଥାନରେ ଭାଙ୍ଗିଥିବା ଅନୁମାନ କରାଯାଉଛି । ସେହିପରି ଅନେକ ସ୍ଥାନରେ ହିଡ ଡେଇଁ ଉଦବୃତ୍ତ ବର୍ଷାଜଳ ସହରର ବିଭିନ୍ନ ସାହି ଗଳିରେ ପଶିଛି । ଭଞ୍ଜନଗର ସହରର ପାତ୍ର କଲୋନୀ, ପାଳ କଲୋନୀ, ରେଡକ୍ରସ ରୋଡ, ପୌରାଞ୍ଚଳ ରୋଡ, ମେଦିରି ସାହି, ପୁରୁଣାବଜାର ସାହି, ଶଙ୍ଖ ସାହି, ଠାକୁରାଣୀ ମନ୍ଦିର ସାହି, ମାଲ ସାହି, ତେଲି ସାହି, ରଘୁନାଥ ବିହାର, ତ୍ରିମୂର୍ତି ସାହି, ନାହାଟୁଠ ସାହି, ବଡଧୋବା ସାହି, କଳିଙ୍ଗ ବିହାର, ବ୍ଲକ ରୋଡ ଆଦିରେ ବନ୍ୟାଜଳ ପଶିବା କାରଣରୁ ବହୁ ପରିବାର ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି । ସେହିପରି ୨ହଜାରରୁ ଉର୍ଦ୍ଧ ଲୋକଙ୍କୁ ବିଭିନ୍ନ ଆଶ୍ରୟସ୍ଥଳୀରେ ରଖାଯାଇ ରନ୍ଧାଖାଦ୍ୟ ପ୍ରଦାନ

ବରଗଡ଼ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ପାଇଁ କଂସ ଚୟନ ନିୟମରେ ବଡ଼ ପରିବର୍ତ୍ତନ, ବୟସ ସୀମା କୋହଳ



ବରଗଡ, (ସବ୍ୟୁ): ବରଗଡ଼ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ପାଇଁ ମହାରାଜ କଂସ ଚୟନ ନିମନ୍ତେ ଆର୍ଟିଷ୍ଟ ଆଡଭାଇଜରି କମିଟି ବୈଠକରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇଛି । ଆଗାମୀ ଦୁଇ ବର୍ଷ ପାଇଁ ମହାରାଜ କଂସ ଚୟନ ନିମନ୍ତେ ଅନୁଷ୍ଠିତ ହେବ ସ୍ୱତନ୍ତ୍ର ଅଡିସନ। ଚଳିତ ବର୍ଷ ବୟସ ସୀମା କୋହଳ କରାଯାଇଛି। କଂସ ଚୟନ ପାଇଁ ରହିବ ନାହିଁ କୌଣସି ସର୍ବୋଚ୍ଚ ବୟସ ସୀମା, ଫିଟନେସକୁ ପ୍ରାଥମିକତା ଦେବାକୁ ନିଷ୍ପତ୍ତି ହୋଇଛି। ଶାରୀରିକ ଭାବେ ସୁସ୍ଥ ଓ ଫିଟ୍ ଥିବା ଯେକୌଣସି ବୟସର ବ୍ୟକ୍ତି ଏହି ଅଡିସନରେ ଭାଗ ନେଇ ପାରିବେ। ଆସନ୍ତା ନଭେମ୍ବର ୧ ତାରିଖରୁ ନଭେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଆବେଦନ ଗ୍ରହଣ କରାଯିବ । ଆଶାୟୀ କଳାକାରମାନେ ଅନଲାଇନ୍ ଏବଂ ଅଫ୍ଲାଇନ୍-ଉଭୟ ମାଧ୍ୟମରେ ଆବେଦନ କରିପାରିବେ। ନଭେମ୍ବର ୩୦ ତାରିଖ ସୁଦ୍ଧା ସମସ୍ତ କଳାକାର ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ।

ବାତ୍ୟା ମୁକାବିଲାରେ ଜିଲ୍ଲା ପ୍ରଶାସନର ସଫଳତା

ଟଳିଲା ବଡ଼ ବିପଦ, ୩ ଘର ଆଂଶିକ କ୍ଷତିଗ୍ରସ୍ତ : ଉପମୁଖ୍ୟମନ୍ତ୍ରୀ



ରାୟଗଡା, (ସବ୍ୟୁ) : ବାତ୍ୟା 'ଅର୍ଣ୍ଣବ'ର ମୁକାବିଲା ପାଇଁ ରାୟଗଡ଼ା ଜିଲ୍ଲା ପ୍ରଶାସନର ଆଗୁଆ ପ୍ରସ୍ତୁତି ଓ ବିଭିନ୍ନ ବିଭାଗର ସମନ୍ୱିତ ପଦକ୍ଷେପ ଯୋଗୁ ବଡ଼ଧରଣର କ୍ଷୟକ୍ଷତିକୁ ଏଡ଼ାଇ ଦିଆଯାଇଛି। ବାତ୍ୟା ପ୍ରଭାବରେ ୩ଟି ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଥିବାବେଳେ ଜିଲ୍ଲାରେ କୌଣସି ଜୀବନହାନି ହୋଇନାହିଁ। ଏଥିସହ ୪୮ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ସୂଚନା ଦେଇଛନ୍ତି। ଶୂନ୍ୟ ଜୀବନହାନି ଲକ୍ଷ୍ୟ ନେଇ ଗତ ୩ ଦିନ ଧରି ପ୍ରଶାସନର ପ୍ରସ୍ତୁତି ଓ ସ୍ଥିତି ସମୀକ୍ଷା କରାଯାଇଥିଲା। ଜନସାଧାରଣଙ୍କ ସୁରକ୍ଷା, ଉଦ୍ଧାର, ଥଇଥାନ, ରିଲିଫ୍, ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଓ ଜରୁରୀକାଳୀନ ସେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବାତ୍ୟା ମୁକାବିଲା ପାଇଁ ଜିଲ୍ଲାରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇଥିଲା। ଉଦ୍ଧାର କାର୍ଯ୍ୟ ପାଇଁ ୩ଟି ଓଡ୍ରାଫ୍ ଓ ଗୋଟିଏ ଏନଡିଆରଏଫ୍ ଟିମ୍ ମୁତୟନ ରହିଥିଲେ। ବିଭିନ୍ନ ବ୍ଲକରେ ୧୧ଟି ଅଗ୍ନିଶମ ଟିମ୍ ସଜାଗ ରହିଥିଲେ। ଗୁଣପୁର, ଗୁଡ଼ାରୀ ଓ କାଶୀପୁରରେ ଉଦ୍ଧାରକାରୀ ଡଙ୍ଗା ମୁତୟନ କରାଯାଇଥିଲା। ରାସ୍ତା ଅବରୋଧ ଓ ଭୂସ୍ଖଳନ ମୁକାବିଲା ପାଇଁ ୪୫ଟି ଜେସିବି ଓ ୨ଟି ହାଇଡ୍ରୋ କ୍ରେନ୍ ପ୍ରସ୍ତୁତ ରଖାଯାଇଥିଲା। ବିପଦପ୍ରବଣ ଅଞ୍ଚଳ ପାଇଁ ୩ଟି ସ୍ଥାୟୀ ଓ ୧୩୧ଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ ରଖାଯାଇଥିଲା। ମୁଟୁକୁଣି ଗ୍ରାମର ୪୮ ଜଣଙ୍କୁ ଜୟପାଙ୍ଗା ଉଚ୍ଚବିଦ୍ୟାଳୟସ୍ଥିତ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଥିଲା। ବାତ୍ୟା ପ୍ରଭାବରେ ରାୟଗଡ଼ା, ରାମନାଗୁଡ଼ା ଓ ବିଷମକଟକ ତହସିଲର ଗୋଟିଏ ଲେଖାଏଁ ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ରାୟଗଡ଼ା ବ୍ଲକ୍ ପେରିଗାଁ ବିଦ୍ୟାଳୟର ଏକ ଅଂଶ ଗଛ ପଡ଼ିବାରୁ କ୍ଷତିଗ୍ରସ୍ତ ହୋଇଛି। ୩ଟି ସ୍ଥାନରେ ରାସ୍ତା ଅବରୋଧ ହଟାଯାଇଥିବାବେଳେ ୪ଟି ବିଦ୍ୟୁତ ଲାଇନ ସେବା ପୁନଃସ୍ଥାପିତ ହୋଇଛି। ତେବେ ଫସଲ କ୍ଷତି, ଗ୍ରାମ ଜଳମଗ୍ନ କିମ୍ବା କୌଣସି ବଡ଼ ଅଘଟଣର ଖବର ନାହିଁ। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଓ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ଉପସ୍ଥିତ ଥିଲେ ।

କୃଷ୍ଣା ବିକାଶ ମଲ୍ଟିସ୍ପେଶାଲିଟି ହସ୍ପିଟାଲରେ ଜଟିଳ ହୃଦରୋଗୀଙ୍କର ସଫଳ ଅସ୍ତ୍ରୋପଚାର

ବରଗଡ଼, (ସବ୍ୟୁ) : ୪୦ ବର୍ଷୀୟା ଶ୍ରୀମତୀ ଲକ୍ଷ୍ମୀ ଜେନା ଗତ ୬ ମାସ ଧରି ଗୁରୁତର ଶ୍ୱାସକଷ୍ଟରେ ପୀଡ଼ିତ ଥିଲେ। ସେ ରୁମାଟିକ୍ ହୃଦ୍ରୋଗରେ ଆକ୍ରାନ୍ତ ଥିବାବେଳେ ତାଙ୍କ ହୃଦୟର ମିତ୍ରାଲ୍ ଭାଲରେ ଅତ୍ୟଧିକ ସଂକୁଚିତ ହୋଇଯାଇଥିଲା। ତାଙ୍କ ଭାଲଭର କ୍ଷେତ୍ରଫଳ ମାତ୍ର ୦.୬ ବର୍ଗ ସେଣ୍ଟିମିଟର ଥିଲା ଏବଂ ଫୁସଫୁସ ଧମନୀର ଚାପ ପ୍ରାୟ ୯୦ ମି.ମି. ପାରଦ ସ୍ତମ୍ଭ ଥିଲା। ଏହା ଏକ ଅତ୍ୟନ୍ତ ଜଟିଳ ଓ ଉଚ୍ଚ ବିପଦପୂର୍ଣ୍ଣ ଅସ୍ତ୍ରୋପଚାର ଥିଲା। ସମସ୍ତ ଆବଶ୍ୟକୀୟ ପରାମର୍ଶ ଓ ସମ୍ମତି ପରେ ୨୮ ଅକ୍ଟୋବର ୨୦୨୬ ଦିନ ସକାଳ ୧୧ଟାରେ କୃଷ୍ଣା ବିକାଶ ମଲ୍ଟିସ୍ପେଶାଲିଟି ହସ୍ପିଟାଲରେ ତାଙ୍କର ମିତ୍ରାଲ୍ ଭାଲ୍ଭ ପ୍ରତିରୋପଣ ଅସ୍ତ୍ରୋପଚାର କରାଯାଇଥିଲା। ଅସ୍ତ୍ରୋପଚାର ବିଶେଷଜ୍ଞ ଡା. ସୌମେନ କୁମାର ପାଲ ଏବଂ ନିଶ୍ଚେତକ ବିଶେଷଜ୍ଞ ଡା. ବରୁଣ କୁମାର ସିଂହଙ୍କ ତତ୍ତ୍ୱାବଧାନରେ ତିନି ଘଣ୍ଟାରୁ ଅଧିକ ସମୟ ଧରି ଅସ୍ତ୍ରୋପଚାର ସମ୍ପନ୍ନ ହୋଇଥିଲା। ଏଥିରେ ୨୩ ମି.ମି.ର ସ୍ୱଦେଶୀ ନିର୍ମିତ ମିଲଟୋନିଆ ଯାନ୍ତ୍ରିକ ମିତ୍ରାଲ୍ ଭାଲଭ୍ରୁ ପ୍ରତିରୋପଣ କରାଯାଇଥିଲା। ଅସ୍ତ୍ରୋପଚାର ପରେ ରୋଗୀଙ୍କ ସ୍ୱାସ୍ଥ୍ୟରେ ଉତ୍ତମ ସୁଧାର ଦେଖାଦେଇଛି। ୨୯ ଅକ୍ଟୋବର ସକାଳେ ତାଙ୍କୁ ଭେଣ୍ଟିଲେଟରରୁ ବାହାର କରାଯାଇଛି। ଅସ୍ତ୍ରୋପଚାର ପରବର୍ତ୍ତୀ ଟ୍ରାନ୍ସଇସୋଫେଜିଆଲ୍ ଇକୋକାର୍ଡିଓଗ୍ରାଫି ପରୀକ୍ଷାରେ ପ୍ରତିରୋପିତ ଭାଲଭର କାର୍ଯ୍ୟ ସନ୍ତୋଷଜନକ ଥିବା ନିଶ୍ଚିତ ହୋଇଛି। ସବୁକିଛି ଠିକ୍ ରହିଲେ ଆସନ୍ତା ମଙ୍ଗଳବାର ତାଙ୍କୁ ହସ୍ପିଟାଲରୁ ଛାଡ଼ କରାଯିବାର ଆଶା ରହିଛି। ଏହି ଅସ୍ତ୍ରୋପଚାରରେ ମୁଖ୍ୟ ପରଫ୍ୟୁଜନିଷ୍ଟ ଭାବେ ଶ୍ରୀ ରାହୁଲ ଯାଦବ ହୃଦ୍-ଫୁସଫୁସ ଯନ୍ତ୍ର ପରିଚାଳନା କରିଥିବାବେଳେ ଶ୍ରୀ ମନୋଜ ପଟେଲ ଓ ଶ୍ରୀ ରାମେଶ୍ୱର ଅସ୍ତ୍ରୋପଚାର ସହାୟକ ଭାବେ ଯୋଗଦେଇଥିଲେ। ଅସ୍ତ୍ରୋପଚାର ପୂର୍ବରୁ ହୃଦ୍ରୋଗ ବିଶେଷଜ୍ଞ ଡା. ନିଖିଲ ସିଙ୍ଗାନିଆ ରୋଗୀଙ୍କର କରୋନାରୀ ଆଞ୍ଜିଓଗ୍ରାଫି କରିଥିଲେ, ଯାହାର ରିପୋର୍ଟ ସ୍ୱାଭାବିକ ଥିଲା। ଏହି ସଫଳତା କୃଷ୍ଣା ବିକାଶ ମଲ୍ଟିସ୍ପେଶାଲିଟି ହସ୍ପିଟାଲର ସମଗ୍ର ହୃଦରୋଗ ଚିକିତ୍ସା ଦଳ ଏବଂ ଦକ୍ଷ ପରିଚାଳନା ମଣ୍ଡଳୀର ସମନ୍ୱିତ ପ୍ରୟାସର ଏକ ଉଲ୍ଲେଖନୀୟ ଉଦାହରଣ। ରୋଗୀ ଓ ତାଙ୍କ ପରିବାର ଅସ୍ତ୍ରୋପଚାରର ଫଳାଫଳକୁ ନେଇ ସନ୍ତୁଷ୍ଟ ଅଛନ୍ତି। ଆଶା କରାଯାଉଛି, ଏହି ଅନୁଷ୍ଠାନ ଆଗାମୀ ଦିନରେ ପଶ୍ଚିମ ଓଡ଼ିଶାରେ ଉନ୍ନତ ହୃଦରୋଗ ଚିକିତ୍ସା ସେବା ପ୍ରଦାନ କରି ଅନେକ ରୋଗୀଙ୍କ ପାଇଁ ଆଶାର କିରଣ ହେବ ।

ଯକ୍ଷ୍ମା ରୋଗୀଙ୍କ ପାଇଁ ପୋଷଣ ସହାୟତା ଏବଂ ସୌର ଷ୍ଟ୍ରିଟଲାଇଟ୍ ପାଇଁ ଏମସିଏଲର ଏମଓୟୁ ସ୍ୱାକ୍ଷର

ସମ୍ବଲପୁର, (ସବ୍ୟୁ): 'ନି-କ୍ଷୟ ମିତ୍ର' ଭାବରେ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍, ଜିଲ୍ଲା ପ୍ରଶାସନର ସହଯୋଗରେ ସମ୍ବଲପୁର ଜିଲ୍ଲାର ୧,୧୦୦ ଜଣ ଯକ୍ଷ୍ମା ରୋଗୀଙ୍କୁ ଗୋଟିଏ ବର୍ଷ ପାଇଁ ପୋଷଣ ସହାୟତା ଯୋଗାଇଦେବ। ରୋଗୀଙ୍କ ପୋଷକ ତତ୍ତ୍ୱ ଆବଶ୍ୟକତା ପୂରଣ କରିବା ଏବଂ ସେମାନଙ୍କ ଆରୋଗ୍ୟରେ ସାହାଯ୍ୟ କରିବା ପାଇଁ ଏମସିଏଲ୍ ନିଜର କର୍ପୋରେଟ୍ ସାମାଜିକ ଉତ୍ତରଦାୟିତ୍ୱ ପଦକ୍ଷେପ ଅଧୀନରେ ପୋଷକ ଖାଦ୍ୟ ବାସ୍କେଟ୍ ବଣ୍ଟନ ପାଇଁ ୧.୨୩ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବ। ଏହି କାର୍ଯ୍ୟ ନିମନ୍ତେ ଏମସିଏଲର ମହାପ୍ରବନ୍ଧକ (ସିଏସ୍ଆର୍) ଶ୍ରୀ ଜ୍ୟୋତିମୟ ସିହ୍ନା ଏବଂ ସମ୍ବଲପୁରର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ଭା.ପ୍ର.ସେ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ରୋଗୀଙ୍କୁ ପୋଷଣ ସହାୟତା ଯୋଗାଇଦେବା ଏବଂ ଗୋଷ୍ଠୀ ସ୍ତରୀୟ ସ୍ୱାସ୍ଥ୍ୟସେବାରେ ସୁଦୃଢ଼ତା ଆଣିବା ସହ ଦେଶରୁ ଯକ୍ଷ୍ମା ନିରାକରଣ କରିବା ଦିଗରେ ଏମସିଏଲର ପ୍ରତିବଦ୍ଧତାକୁ ଏହି ପଦକ୍ଷେପ ପ୍ରତିଫଳିତ କରୁଛି। ଅନ୍ୟ ଏକ ସ୍ୱତନ୍ତ୍ର ଏମଓୟୁ ମାଧ୍ୟମରେ,ଏମସିଏଲ୍ ସମ୍ବଲପୁର ଜିଲ୍ଲାର ବାହାମ ଗ୍ରାମପଞ୍ଚାୟତର ୪ଟି ଗ୍ରାମ ଏବଂ ୨ଟି ହେମଲେଟରେ ୮୦ଟି ସୌର ଷ୍ଟ୍ରିଟଲାଇଟ୍ ଲଗାଇବା ପାଇଁ ୨୮.୧୬ ଲକ୍ଷ ଟଙ୍କା ପ୍ରଦାନ କରିବ। ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସାଧାରଣ ଆଲୋକୀକରଣ ବ୍ୟବସ୍ଥାରେ ସୁଧାର ଆଣିବା, ସୁରକ୍ଷା ବୃଦ୍ଧି କରିବା ଏବଂ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ସାର୍ବଜନୀନ ସ୍ଥାନଗୁଡ଼ିକୁ ଅଧିକ ସୁଗମ କରିବା। ଏହିପରି ଗୋଷ୍ଠୀ-କେନ୍ଦ୍ରିକ ପଦକ୍ଷେପ ଗୁଡ଼ିକ ମାଧ୍ୟମରେ, ଏମସିଏଲ୍ ନିଜର କାର୍ଯ୍ୟକ୍ଷେତ୍ର ଅଞ୍ଚଳରେ ଅନ୍ତର୍ଭୁକ୍ତ ବିକାଶ, ସୁସ୍ଥିର ପ୍ରଗତି, ଅତ୍ୟାବଶ୍ୟକ ଭିତ୍ତିଭୂମିର ସୁଦୃଢ଼ୀକରଣ ଏବଂ ସ୍ଥାନୀୟ ଗୋଷ୍ଠୀର ସାମାଜିକ-ଅର୍ଥନୈତିକ ଉନ୍ନତି ପାଇଁ ନିଜର ପ୍ରତିବଦ୍ଧତାକୁ ନିରନ୍ତର ଆଗେଇ ନେଉଛି ।

ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଖଣ୍ଡ ସ୍ତରୀୟ ଡାକ୍ତରଖାନା ପାଇଁ ଦାବିପତ୍ର

ଜୁନାଗଡ଼, (ସବ୍ୟୁ) : କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ଅଞ୍ଚଳରେ ସ୍ୱାସ୍ଥ୍ୟସେବାର ଉନ୍ନତି ସହ ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଦାବିରେ ଜୁନାଗଡ଼ ସିଟିଜେନ୍ ଫୋରମ୍ ପକ୍ଷରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜୁନାଗଡ଼ର ଓରିଅନ୍ ହୋଟେଲଠାରେ ଅନୁଷ୍ଠିତ ବୁଦ୍ଧିଜୀବୀ ସମ୍ମିଳନୀ ଅବସରରେ ଫୋରମ୍ ପକ୍ଷରୁ ଏହି ଦାବି ଉପସ୍ଥାପନ କରାଯାଇଥିଲା। ଜୁନାଗଡ଼ ଓ ଏହାର ଆଖପାଖ ଅଞ୍ଚଳର ଜନସାଧାରଣଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଖଣ୍ଡସ୍ତରୀୟ ଡାକ୍ତରଖାନାରେ ପରିଣତ କରିବାକୁ ଫୋରମ୍ ଦାବି କରିଛି। ସେହିପରି ସ୍ୱାସ୍ଥ୍ୟସେବାକୁ ଅଧିକ ସୁଦୃଢ଼ କରିବା ପାଇଁ ମଞ୍ଜୁର ହୋଇଥିବା ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର (ଏମ୍ସିଏଚ୍)ର ନିର୍ମାଣ କାର୍ଯ୍ୟ ଅତିଶୀଘ୍ର ଆରମ୍ଭ ଓ ସମ୍ପୂର୍ଣ୍ଣ କରିବା, ମେଡିସିନ୍ ଓ ସର୍ଜରୀ ବିଭାଗର ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ବ୍ଲଡ୍ ବ୍ୟାଙ୍କ ସ୍ଥାପନ ଏବଂ ଦନ୍ତ ଚିକିତ୍ସା ସେବା ଉପଲବ୍ଧ କରାଇବାକୁ ଦାବି ହୋଇଛି। ଏଥିସହ ଜୁନାଗଡ଼ ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ ମେସିନ୍ ଯୋଗାଇଦେବାକୁ ମଧ୍ୟ ଦାବି କରାଯାଇଛି। ସ୍ୱାସ୍ଥ୍ୟସେବା ସହ ସହରର ଅନ୍ୟାନ୍ୟ ସମସ୍ୟାଗୁଡ଼ିକ ଉପରେ ମଧ୍ୟ ଫୋରମ୍ ଗୁରୁତ୍ୱାରୋପ କରିଛି। ବରିଷ୍ଠ ନାଗରିକଙ୍କ ପାଇଁ ଏକ ପାର୍କ ନିର୍ମାଣ, ନିର୍ମାଣ ଶେଷ ହୋଇଥିବା ନୂତନ ବସ୍ଷ୍ଟାଣ୍ଡକୁ ଅତିଶୀଘ୍ର ଉଦ୍ଘାଟନ କରିବା ଏବଂ ସହରରେ ଦେଖାଦେଉଥିବା ଟ୍ରାଫିକ୍ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବାଇପାସ୍ ରାସ୍ତା ନିର୍ମାଣ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଅବସରରେ ସିଟିଜେନ୍ ଫୋରମ୍ର ସଭାପତି ଅଶୋକ କୁମାର ପାତ୍ର, ଉପସଭାପତି ସନ୍ତୋଷ କୁମାର ସିଂହଦେଓ, ଉପଦେଷ୍ଟା ଈଶ୍ୱର ପୂଝାରୀ ଏବଂ ବରିଷ୍ଠ ସଦସ୍ୟ ଯୁଗଳ ନାଏକ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ। ଫୋରମର ଏହି ଦାବିଗୁଡ଼ିକ ଉପରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଅତିଶୀଘ୍ର ପଦକ୍ଷେପ ନେଇ ସମସ୍ୟାଗୁଡ଼ିକର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ ହସ୍ପିଟାଲର ସମସ୍ୟା ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ଗୋଲାମୁଣ୍ଡା, (ସବ୍ୟୁ) : କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ଅଞ୍ଚଳର ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ଏବଂ ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଓଡ଼ିଶାର ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ଅନୁଯାୟୀ, ଏହି ୨୮ ଟି ପଞ୍ଚାୟତ ର ଲୋକଙ୍କୁ ସାଧାରଣ ଚିକିତ୍ସା ଠାରୁ ଆରମ୍ଭ କରି ଜରୁରୀ ସ୍ୱାସ୍ଥ୍ୟସେବା ପାଇଁ ଅନ୍ୟ ଅଞ୍ଚଳକୁ ଯିବାକୁ ପଡୁଛି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିକଟରେ ୮ ଦଫା ଦାବି ଉପସ୍ଥାପନ କରାଯାଇଛି । ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମିର ଉନ୍ନତି ସହ ଡାକ୍ତର ଓ ଆବଶ୍ୟକ କର୍ମଚାରୀ ନିଯୁକ୍ତି ଏବଂ ରୋଗୀମାନଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇଦେବା ଉପରେ ଏହି ଦାବିପତ୍ରରେ ଗୁରୁତ୍ୱ ଦିଆଯାଇଛି। ଦାବିପତ୍ରରେ ଉଲ୍ଲେଖ ଅନୁଯାୟୀ, ଗୋଲାମୁଣ୍ଡା ଅଞ୍ଚଳର ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ପାଇଁ ନିମ୍ନଲିଖିତ ୮ଟି ଦାବି ରଖାଯାଇଛି। ଗୋଲାମୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କ ରହିବା ପାଇଁ ସରକାରୀ ଆବାସ ନିର୍ମାଣ କରିବାକୁ ଦାବି କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ପାଚେରି ନଥିବାରୁ ଏହାର ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ପାଚେରି ନିର୍ମାଣ କରିବାକୁ ଦାବି ହୋଇଛି । ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିବା ଆମ୍ବୁଲାନ୍ସର ସୁରକ୍ଷିତ ରଖଣାବେକ୍ଷଣ ପାଇଁ ସ୍ୱତନ୍ତ୍ର ଗୃହ ନିର୍ମାଣ କରିବାକୁ ଅନୁରୋଧ କରାଯାଇଛି। ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ପାଇବା ପାଇଁ ଅଞ୍ଚଳବାସୀଙ୍କୁ ଦୂର ସ୍ଥାନକୁ ଯିବାକୁ ପଡୁଥିବାରୁ ମୁଖ୍ୟ କାର୍ଯ୍ୟାଳୟ ଗୋଲାମୁଣ୍ଡାରେ ଖୋଲିବାକୁ ଦାବି କରାଯାଇଛି। ଡ୍ରେସିଂ ରୁମରେ ବେସିନ୍ ନଥିବାରୁ ଚିକିତ୍ସା ସମୟରେ ସ୍ୱଚ୍ଛତା ରକ୍ଷା ପାଇଁ ତୁରନ୍ତ ବେସିନ୍ ସ୍ଥାପନ କରିବାକୁ ଦାବି ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ବିଭାଗରେ ଆବଶ୍ୟକ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଯୋଗାଇଦେଇ ରୋଗୀମାନଙ୍କୁ ଉନ୍ନତ ଚିକିତ୍ସା ସେବା ପ୍ରଦାନ କରିବାକୁ ଦାବି କରାଯାଇଛି। କର୍ମୀମାନଙ୍କ ବୈଠକ ଓ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ସ୍ୱତନ୍ତ୍ର ବୈଠକ ଗୃହ ନଥିବାରୁ ଏକ ମିଟିଂ ହଲ୍ ନିର୍ମାଣ କରିବାକୁ ଦାବି ରଖାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠାର ଛାତରୁ ପାଣି ଝରୁଥିବା ସମସ୍ୟାର ସମାଧାନ ପାଇଁ ତୁରନ୍ତ ମରାମତି କରିବାକୁ ଦାବି କରାଯାଇଛି । ଗୋଲାମୁଣ୍ଡା ଅଞ୍ଚଳର ଲୋକେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବା ପାଇଁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭରଶୀଳ। ତେଣୁ ଉକ୍ତ ୮ ଦଫା ଦାବିର ଶୀଘ୍ର ସମାଧାନ କରିବା ସହ ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟସେବାକୁ ଅଧିକ ସୁଦୃଢ଼ କରିବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ହସ୍ତକ୍ଷେପ କରିବାକୁ ଦାବି ହୋଇଛି। ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ, ଗୋଲାମୁଣ୍ଡା ବ୍ଲକ୍ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ପ୍ରଦୀପ କୁମାର ପଣ୍ଡା, ବୈଶାଖୁ କେତକୀ , ଭୃଷବ ନାଏକ ଏବଂ ଗ୍ରାମବାସୀବୃନ୍ଦ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

ବିଜୁ ଏକ୍ସପ୍ରେସୱେରେ ଆଲୋକୀକରଣ ବ୍ୟବସ୍ଥା ଖେରୁଆଲରୁ ସୁନ୍ଦରଗଡ଼ ସୀମା ପର୍ଯ୍ୟନ୍ତ ଲାଗିବ ଷ୍ଟ୍ରିଟ୍ ଲାଇଟ୍



ଝାରସୁଗୁଡ଼ା, (ସବ୍ୟୁ) : ଜିଲ୍ଲା ଦେଇ ଯାଇଥିବା ବିଜୁ ଏକ୍ସପ୍ରେସୱେର ବିଭିନ୍ନ ପ୍ରମୁଖ ଛକ ତଥା ସଂଯୋଗକାରୀ ରାସ୍ତାରେ ଆଲୋକୀକରଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚଦ୍ଦାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଜୁ ଏକ୍ସପ୍ରେସୱେର ଖେରୁଆଲ ଠାରୁ ଆରମ୍ଭ କରି ସୁନ୍ଦରଗଡ଼ ସୀମା ପର୍ଯ୍ୟନ୍ତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ପାଇଁ ବିସ୍ତୃତ ଆଲୋ

ବାତ୍ୟା ଅର୍ଣ୍ଣବ ପ୍ରଭାବ : ମାଟିରେ ଲୋଟିଲା ସୁନାର ଫସଲ



ସମ୍ବଲପୁର ,(ସବ୍ୟୁ): ସମ୍ବଲପୁରରେ ବାତ୍ୟା ଅର୍ଣ୍ଣବର ପ୍ରଭାବ ଦେଖିବାକୁ ମିଳିଛି। ଲଗାଣ ବର୍ଷା ଓ ପବନ ଯୋଗୁଁ ଜିଲ୍ଲାରେ ବ୍ୟାପକ ଫସଲ ହାନି ହୋଇଛି। ବିଲରେ ଅମଳକ୍ଷମ ଧାନ ଲୋଟି ପଡିବା ସହ ପରିବା ଫସଲ ସମ୍ପୂର୍ଣ୍ଣ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ଫଳରେ ଉତ୍ପାଦନ ପ୍ରଭାବିତ ହେବା ଭୟରେ ଚାଷୀ ମାନେ ଧୈର୍ଯ୍ୟହରା ହୋଇ ପଡିଛନ୍ତି। ଗତ ୨୪ଘଣ୍ଟାରେ ଜିଲ୍ଲାରେ ହାରାହାରି ୫୯.୯ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସେଥିମଧ୍ୟରୁ ରେଢାଖୋଲରେ ୧୦୦ମିମି, ମାନେଶ୍ୱରରେ ୭୨.୮ମିମି, ଯୁଯୋମୁରାରେ ୭୧.୮ମିମି, ଧନକଉଡାରେ ୬୨.୪ମିମି, ନାକଟିଦେଉଳରେ ୬୨ମିମି, ରେଙ୍ଗାଲିରେ ୫୮.୪ମିମି, ଜମନକିରାରେ ୫୩.୭ମିମି, କୁଚିଣ୍ଡାରେ ୩୨.୮ମିମି ଓ ବାମରା ବ୍ଲକରେ ୨୮.୬ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। କେବଳ ଠେମରାରେ ୬୬ମିମି ଓ ଦୁର୍ଗାପାଲିରେ ୫୦.୪ମିମି ବର୍ଷା ହୋଇଛି। ଜିଲ୍ଲାରେ ଲଗାଣ ବର୍ଷା ସହ ତୁହାକୁ ତୁହା ପବନ ଯୋଗୁଁ ଧାନଗଛ ଅଧିକାଂଶ ଅଞ୍ଚଳରେ ଶୋଇ ପଡିଛି। ବର୍ଷା ପାଣିରେ ପାଚିଲା ଧାନ ଗଛ ବୁଡି ରହିଛି। ଏଭଳିସ୍ଥଳେ ସୁନାର ଫସଲ ଧାନ ନଷ୍ଟ ହେବା ଗୁରୁତର ପ୍ରଭାବିତ ହୋଇଥିବା ଜଣାପଡିଛି। ସେହିପରି ଅନେକ ସ୍ଥାନରେ ସଅଳ କିସମ ଧାନ କଟା ଯାଇଥିବା ବେଳେ ତାହା ପୁଣି ଜମି ଓ ଖଳାରେ ପଡି ଭିଜୁଛି। ଅନଯପଟେ ବର୍ଷା ଯୋଗୁଁ ଶାଗ, କୋବି ଓ ଟମାଟୋ ଆଦିର ଉତ୍ପାଦନ ହ୍ରାସ ପାଇବା ବିଶେଷ କରି ଖରାପ ପାଗ ଯୋଗୁଁ ପନିପରିବା ଚାଷ ଉପରେ ଏହାର କୁପ୍ରଭାବ ପଡିବା ଡେବେ କ୍ଷୟକ୍ଷତି ଆକଳନ କରାଯାଇ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

ପାଇକମାଳରେ ଗଞ୍ଜେଇ ଜବତ, ୩ ଗିରଫ



ପଦ୍ମପୁର,(ସବ୍ୟୁ) :ବରଗଡ଼ ଜିଲ୍ଲାର ପାଇକମାଳ ଥାନା ଅଞ୍ଚଳରେ ବେଆଇନ ଗଞ୍ଜେଇ ଚାଲାଣ ବେଳେ ପୁଲିସ ୨୫ କେଜି ୨୫୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ତିନି ଜଣଙ୍କୁ ଗିରଫ କରିଛି। ଗଞ୍ଜେଇ ଚାଲାଣରେ ବ୍ୟବହୃତ ଏକ ଇକୋ ଭ୍ୟାନ ଓ ତିନୋଟି ମୋବାଇଲ ଫୋନ ମଧ୍ୟ ଜବତ କରାଯାଇଛି। ଏହି ଘଟଣାରେ ଆଉ ଜଣେ ଅଭିଯୁକ୍ତ ଫେରାର ଥିବା ପୁଲିସ ସୂଚନା ଦେଇଛି।ପୁଲିସ ସୂତ୍ରରୁ ପ୍ରକାଶ ଯେ, ଗୁରୁବାର ସକାଳ ପ୍ରାୟ ୮ଟାରେ ପାଇକମାଳ ଥାନା ଅଧିକାରୀ ମାରିଆନୁସ ମିଞ୍ଜ ଏକ ବିଶ୍ୱସନୀୟ ସୂତ୍ରରୁ ଗଞ୍ଜେଇ ଚାଲାଣ ସମ୍ପର୍କରେ ସୂଚନା ପାଇଥିଲେ। ଏକ ଇକୋ ଭ୍ୟାନରେ ଗଞ୍ଜେଇ ନେଇ ଅଭିଯୁକ୍ତମାନେ ପୁରେନା ପଟରୁ ନୂଆପଡ଼ା ଅଭିମୁଖେ ଯାଉଥିବା ଖବର ମିଳିବା ପରେ ପୁଲିସ ଟିମ ବିଜୁ ଏକ୍ସପ୍ରେସ ୱେର ତେରେଙ୍ଗାଝାଞ୍ଜ ଛକ ନିକଟରେ ଯାଞ୍ଚ ଆରମ୍ଭ କରିଥିଲା। ଏହି ସମୟରେ ସନ୍ଦିଗ୍ଧ ଇକୋ ଭ୍ୟାନକୁ ଅଟକାଇ ତଲାସି କରାଯିବାରୁ ଗାଡ଼ି ଭିତରୁ ୨୫ କେଜି ୨୫୦ ଗ୍ରାମ ଗଞ୍ଜେଇ ମିଳିଥିଲା। ପୁଲିସ ଗଞ୍ଜେଇ ଜବତ କରିବା ସହ ଆଇନ ଅନୁଯାୟୀ ଆବଶ୍ୟକ ପ୍ରକ୍ରିୟା ଅନୁସରଣ କରିଥିଲା। ଚଢ଼ାଉ ସମୟରେ ପାଇକମାଳର ଅତିରିକ୍ତ ତହସିଲଦାର ହରିସିଂହ ମାଝୀ ଉପସ୍ଥିତ ଥିଲେ।

ଗିରଫ ଅଭିଯୁକ୍ତମାନେ ହେଲେ ନୂଆପଡ଼ା ଜିଲ୍ଲା। ବେଲଟୁକୁରୀ ଥାନା ଅନ୍ତର୍ଗତ ଭାଲେଶ୍ୱର ଗ୍ରାମର ପିଣ୍ଟୁ ସତନାମୀ (୨୧), ଛତିଶଗଡ଼ର ମହାସମୁନ୍ଦ ଜିଲ୍ଲା। କୋମାଖାନ ଥାନା ଅନ୍ତର୍ଗତ ଭଟଗାଁ ଗ୍ରାମର ହେମତାଜ ସତନାମୀ (୨୦) ଏବଂ ନୂଆପଡ଼ା ଜିଲ୍ଲା ଜୋଙ୍କ ଥାନା ଅନ୍ତର୍ଗତ ପାରକୋଡ଼ ଗ୍ରାମର ରିକେଶ ସତନାମୀ (୧୭)। ଅନ୍ୟପକ୍ଷରେ, ପାଇକମାଳ ଥାନା ଅନ୍ତର୍ଗତ ପୁରେନା ଗ୍ରାମର ଅର୍ଜୁନ ବାଗର୍ତ୍ତୀ ଫେରାର ଥିବା ପୁଲିସ ପ୍ରେସ ନୋଟ୍ରେ ଉଲ୍ଲେଖ କରାଯାଇଛି।ପୁଲିସ ଗଞ୍ଜେଇ ସହ ଛତିଶଗଡ଼ ନମ୍ବର ବିଶିଷ୍ଟ ଇକୋ ଭ୍ୟାନ , ମୋବାଇଲ ଫୋନ ଜବତ କରିଛି। ଏନେଇ ପାଇକମାଳ ଥାନାରେ କେସ ନମ୍ବର ୨୮୨/୨୦୨୬ରେ ଏନ୍ଡିପିଏସ ଆଇନ ଓ ବିଏନଏସ୍ ସମ୍ପୃକ୍ତ ଧାରାରେ ମାମଲା ରୁଜୁ ହୋଇଛି। ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଘଟଣାର ଅଧିକ ତଦନ୍ତ ଜାରି ରହିଛି।

ଶୁଭ୍ରାଂଶୁ ଡାଙ୍ଗଙ୍କୁ କାଂସ୍ୟ ପଦକ



ସମ୍ବଲପୁର,(ସବ୍ୟୁ):ଜାତୀୟ ଲନ୍‌ବଲ ପ୍ରତିଯୋଗିତାରେ ସମ୍ବଲପୁର ଖେଳାଳି ଶୁଭ୍ରାଂଶୁ ଡାଙ୍ଗ ୨୫ ବର୍ଷରୁ କମ ପୁରୁଷ ସିଙ୍ଗଲସରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଫଳରେ ସେ କାଂସ୍ୟ ପଦକ ହାସଲ କରି ଓଡିଶା ଏବଂ ସମ୍ବଲପୁର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଏହା ଜଣାପଡିବା ପରେ ତାଙ୍କୁ ସବୁ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ତେବେ ଏହି ସଫଳତା ସମ୍ବଲପୁର କ୍ରୀଡା ଇତିହାସରେ ନୂଆ ଫର୍ଦ୍ଦ ଯୋଡିଛି ବୋଲି ସମ୍ପାଦିକା ରଶ୍ମିତା ପୁରୋହିତ କହିଛନ୍ତି। ବଲାଙ୍ଗୀର ଆରଏନ୍ ସିଙ୍ଗଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସର ବୋଲିଂ ଗ୍ରୀନ କୋର୍ଟ ଠାରେ ୫ମ ଜାତୀୟ ଲନ୍‌ବଲ ପ୍ରତିଯୋଗିତା ଆୟୋଜିତ ହେଉଛି। ଏଥିରେ ଓଡିଶା ସମେମ ପଶ୍ଚିମବଙ୍ଗ, ଝାରଖଣ୍ଡ, ଉତ୍ତରାଖଣ୍ଡ, ବିହାର, ହରିୟାଣା, ଆସାମ, ମଧ୍ୟପ୍ରଦେଶ ଆଦି ରାଜ୍ୟର ଖେଳାଳୀ ମାନେ ଅଂଶଗ୍ରହଣ କରିଛନ୍ତି।

୧୫କିଗ୍ରା ଗଞ୍ଜେଇ ଜବତ : ୨ ଗିରଫ



ସମ୍ବଲପୁର, (ସବ୍ୟୁ): ବେଆଇନ ଭାବେ ଗଞ୍ଜେଇ ଚୋରାଚାଲାଣ ବେଳେ ଧମା ଅବକାରୀ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ବିହାର ମହାରାଜଗଞ୍ଜର ଅନୁଜ କୁମାର (୨୩) ଓ ରବିକୁମାର ଗୋସ୍ୱାମୀ (୨୬) ବୋଲି ଜଣାପଡିଛି। ସେମାନଙ୍କ ଠାରୁ ୧୫କିଗ୍ରା ଗଞ୍ଜେଇ ଜବତ କରିଛି। ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ପୋଲିସ ସାହାସପୁର ଛକରେ ଏମାନଙ୍କୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚବେଳେ ଉପରୋକ୍ତ ଗଞ୍ଜେଇ ଜବତ ହୋଇଛି।

ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ ଜିଲ୍ଲାସ୍ତରୀୟ କର୍ମଶାଳା

ସମ୍ବଲପୁର,(ସବ୍ୟୁ):ସ୍ଥାନୀୟ ଅଗ୍ରସେନ ଭବନ ଠାରେ ସମ୍ବଲପୁର ଜିଲ୍ଲା ଭାଜପା ପକ୍ଷରୁ ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ ଶୀର୍ଷକ ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜେପି ସଭାପତି ରାମଚନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ଶତପଥୀ ଓ ସୀମାଞ୍ଚଳ ଖଟେଇ, ସମ୍ବଲପୁର ଜିଲ୍ଲା ପ୍ରଭାରୀ କାଳନ୍ଦୀ ସାମଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନାଉରୀ ନାୟକ, ଗିରିଶ ପଟେଲ ଓ ଦେବେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଦଳୀୟ କର୍ମକର୍ତ୍ତାଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏହି କର୍ମଶାଳାରେ ଗଣତନ୍ତ୍ରର ସୁରକ୍ଷା, ଜନସାଧାରଣଙ୍କ ମୌଳିକ ଅଧିକାର ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧର ସୁଦୃଢ଼ୀକରଣ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । କେନ୍ଦ୍ରର ମୋଦୀ ସରକାର, ବିଜେପି ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ପ୍ରଶାସନିକ କାର୍ଯ୍ୟକାରୀ ସଂସ୍ଥା ବିରୁଦ୍ଧରେ ବିରୋଧୀଙ୍କ ଆନ୍ଦୋଳନ ଓ ଅପପ୍ରଚାରକୁ ପ୍ରତିହତ କରିବା ପାଇଁ ବିଜେପି ପକ୍ଷରୁ ଦେଶ ବଯାପି 'ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ' ଅଭିଯାନ ଆରମ୍ଭ କରାଯାଇଛି। ଏଥିରେ ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବବ୍ଟି, ଜିଲ୍ଲା ସାଧାରଣ ସମ୍ପାଦକ ସମୀର ରଞ୍ଜନ ବାବୁ ଓ ଆଶିଷ ହୋତା, ବରିଷ୍ଠ ନେତା ଦାମୋଦର କର, ମୋର୍ଚ୍ଚା ସଭାପତି ପ୍ରଭୁଦତ୍ତପଣ୍ଡା, ସୁଷମା ସାହୁ, ମିତ୍ରଭାନୁ ପ୍ରଧାନ, ହରବ୍ରତ ସେନାପତି, ଗୁର୍ଦିପ ସିଂ, ରମେଶ ପ୍ରଧାନଙ୍କ ସମେତ ବହୁ ସକ୍ରିୟ କର୍ମୀ ଅଂଶଗ୍ରହଣ କରିଥିଲେ ।

ଜାତୀୟ କବାଡି ପ୍ରତିଯୋଗିତାରେ ବରଗଡ଼ ଜିଲ୍ଲାର ଯୁବକ



ବରଗଡ ,(ସବ୍ୟୁ): ବରଗଡ ଜିଲ୍ଲାର ପ୍ରତିଭାବାନ ଯୁବ କବାଡି ଖେଲାଳୀ ଜାତୀୟ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନିତ ହେବା ବରଗଡ଼ କ୍ରୀଡ଼ା ଜଗତ ପାଇଁ ଗର୍ବର ମୁହୂର୍ତ୍ତ ଅଟେ। ବରଗଡ଼ କବାଡି କ୍ଲବ ଏବଂ ବରଗଡ଼ ଜିଲ୍ଲାର ପ୍ରତିଭାବାନ ଅଲରାଉଣ୍ଡର ଶୁଭମ ଭୋଇ ଆସନ୍ତା ୫୨ତମ ଜୁନିଅର ଜାତୀୟ କବାଡି ଚାମ୍ପିଅନସିପ ପାଇଁ ଓଡ଼ିଶା ରାଜ୍ୟ ଦଳରେ ସ୍ଥାନ ପାଇଛନ୍ତି।ଏହା ସମଗ୍ର ବରଗଡ଼ ଜିଲ୍ଲା ପାଇଁ ଏକ ବଡ଼ ଖୁସି ଖବର। ତାଙ୍କର କଠିନ ପରିଶ୍ରମ ଏବଂ ନିଷ୍ଠା ଆଜି ସାର୍ଥକ ହୋଇଛି। ଆସନ୍ତା ୧ ନଭେମ୍ବର ରୁ ୪ ନଭେମ୍ବର ୨୦୨୬ ବିହାର ଠାରେ ଏହି ପ୍ରତିଯୋଗିତା ଆୟୋଜିତ ହେବ। ଶୁଭମ ଭୋଇ ଏବଂ ସମଗ୍ର ଓଡ଼ିଶା ଦଳକୁ ଜିଲ୍ଲା କ୍ରୀଡା ସଂସଦ ତରଫରୁ ଅନେକ ଅନେକ ଶୁଭେଚ୍ଛା। ବିଜୟ ର ଗୌରବ ଆଣି ବରଗଡ଼ ତଥା ଓଡ଼ିଶାର ନାଁ ରୋଶନ କରନ୍ତୁ । ତାଙ୍କୁ ଜିଲ୍ଲା କ୍ରୀଡା ସଂସଦର ସମସ୍ତ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

କଫ ସିରପ ଜବତ, ଯୁବକ ଗିରଫ



ସମ୍ବଲପୁର ,(ସବ୍ୟୁ): ସମ୍ବଲପୁର ଅବକାରୀ ଜିଲ୍ଲା ମୋବାଇଲ ଟିମ୍ କଫସିରପ କାରବାର ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଣକ ମହୁଲପାଲି ଗ୍ରାମର ଆଦିତଯ ଜୟପୁରିଆ(୨୮) ବୋଲି ଜଣାପଡିଛି। ତାଙ୍କ ନିକଟରୁ ୪୨ଟି ନିଶା କଫସିରପ ଜବତ ହୋଇଛି। ଏନେଇ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

ସତର୍କତା ସଚେତନତା ସପ୍ତାହ ଅବସରରେ ନୁକ୍କଡ଼ ନାଟକ

ସମ୍ବଲପୁର ,(ସବ୍ୟୁ) ସମ୍ବଲପୁର ଡିଆରଏମ୍ କାର୍ଯ୍ୟାଳୟ ପରିସରରେ ସ୍ଥିତ ପ୍ରଗତି ଧାରା ଠାରେ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ପକ୍ଷରୁ ଏକ ନୁକ୍କଡ଼ ନାଟକ ପରିବେଷଣ କରାଯାଇଥିଲା। ସତର୍କତା ସଚେତନତା ସପ୍ତାହ-୨୦୨୬ ପାଳନ ଅବସରରେ ସାର୍ବଜନୀନ ସେବାରେ ସଚ୍ଚୋଟତା, ସ୍ୱଚ୍ଛତା ଏବଂ ନୈତିକ ଆଚରଣର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଏହାର ମୁଖ୍ୟ ଲକ୍ଷ୍ୟ ଅଟେ। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସନସନୱାଲ ଉପସ୍ଥିତ ରହି କଳାକାରଙ୍କୁ ଉତ୍ସାହିତ କରିଥିଲେ।

ଆପଦମିତ୍ରଙ୍କ ଡିଭିଜନସ୍ତରୀୟ ପ୍ରତିଯୋଗିତା ଶିବିର

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ନିଲଡୁଙ୍ଗରିସ୍ଥିତ ଉଦ୍ୟାନ ବିଭାଗ ପ୍ରଶିକ୍ଷଣ ଅନୁଷ୍ଠାନ ପରିସରରେ ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନସ୍ତରୀୟ ପ୍ରାଥମିକ ଚିକିତ୍ସା, ସନ୍ଧାନ ଓ ଉଦ୍ଧାର ପ୍ରତିଯୋଗିତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଆପଦମିତ୍ର ସ୍ୱେଚ୍ଛାସେବୀଙ୍କ ନିଃସ୍ୱାର୍ଥପର ସେବା ଓ ମାନବିକତାର ଉଚ୍ଚ ପ୍ରଶଂସା କରିଥିଲେ। ବିପର୍ଯ୍ୟୟ ସମୟରେ ତ୍ୱରିତ ଉଦ୍ଧାର, ଆହତଙ୍କୁ ପ୍ରାଥମିକ ଚିକିତ୍ସା ଓ ଅମୂଲ୍ୟ ଜୀବନ ରକ୍ଷା କରିବାରେ ଆପଦମିତ୍ର ସ୍ୱେଚ୍ଛାସେବୀଙ୍କ ଦକ୍ଷତା ବୃଦ୍ଧି ଲକ୍ଷ୍ୟରେ ଆୟୋଜିତ ଶିବିରରେ ଡାକ୍ତର ରାଜାରାମ ଷଡ଼ଙ୍ଗୀ, ଏଏଫଓ ସୁଦାମ କିସ୍କୋ, ବାସୁଦେବ ଲାମା, ଧନିରାମ ମୁଣ୍ଡା ଓ ଅଧ୍ୟାପକ ଶାନ୍ତନୁ କୁମାର ପ୍ରଧାନ ବିଚାରକ ଭାବେ ଯୋଗଦେଇ ପ୍ରତିଯୋଗୀ ଦଳ ଗୁଡ଼ିକର ଦକ୍ଷତା ଏବଂ ପ୍ରଦର୍ଶନର ମୂଲଯାୟନ କରିଥିଲେ। ପ୍ରାଥମିକ ଚିକିତ୍ସା ପ୍ରତିଯୋଗିତାରେ ଝାରସୁଗୁଡ଼ା ଜିଲ୍ଲା ପ୍ରଥମ, କଳାହାଣ୍ଡି ଦ୍ୱିତୀୟ ଓ ବଲାଙ୍ଗୀର ଜିଲ୍ଲା ତୃତୀୟ ସ୍ଥାନ ଅଧିକାର କରିଥିଲା। ସେହିପରି ସନ୍ଧାନ ଓ ଉଦ୍ଧାର ପ୍ରତିଯୋଗିତାରେ କଳାହାଣ୍ଡି ଜିଲ୍ଲା ପ୍ରଥମ ଓ ଝାରସୁଗୁଡ଼ା ଜିଲ୍ଲା ଦ୍ୱିତୀୟ ଓ ବଲାଙ୍ଗୀର ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ କୃତି ପ୍ରତିଯୋଗୀ ଦଳ ଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ବିପର୍ଯ୍ୟୟ ପ୍ରଶମନ ଅଧିକାରୀ ଗୀତାଞ୍ଜଳି ସା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କଳ୍ପନା ଦଳେଇ ସହଯୋଗ କରିଥିଲେ।

ସାଇକେଲ ଚୋରି ମାମଲା ଆସାମୀକୁ ଦୁଇବର୍ଷ କାରାଦଣ୍ଡ

ସମ୍ବଲପୁର,(ସବ୍ୟୁ): ଏକ ସାଇକେଲ ଚୋରି ମାମଲାର ବିଚାର କରି ସମ୍ବଲପୁର ଏସ.ଡି.ଜେ.ଏମ କୋର୍ଟ ବିଚାରପତି ଶୁଭଙ୍କର ମହାପାତ୍ର ଗୁରୁବାର ରାୟ ଶୁଣାଣି କରିଛନ୍ତି। ଧମା ଥାନା ଅର୍ନ୍ତଗତ ରଢି ଆପାଳି ନିବାସୀ ତ୍ରିଲୋଚନ ବେସନଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୧ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଆହୁରି ୨ମାସ ଅଧିକ କାରାଦଣ୍ଡର ଆଦେଶ ରହିଛି। ସୂଚନାଯୋଗ୍ୟ, ସମ୍ବଲପୁର ସହର ଗୁଜୁରାତି କଲୋନୀ ନିବାସୀ ଜିତେନ୍ଦ୍ର ସାମନ୍ତରାୟଙ୍କ ଘରୁ ଗତ ୨୨ଜୁନ, ୨୦୨୬ରେ ଏକ ସାଇକେଲ ଚୋରି ହୋଇଥିଲା। ଚୋରି ସମୟର ଦୃଶ୍ୟ ସିସିଟିଭି ଫୁଟେଜରେ କଏଦ ହୋଇଥିଲା। ଅଭିଯୋଗ ପରେ ଟାଉନ ଥାନାରେ ୨୫୨/୨୬ ଧାରା ୩୩୧(୩) ଓ ୩୦୫(କ)ରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ମୋଟ ୧୦ ଜଣ ସାକ୍ଷ୍ୟ ପ୍ରମାଣ ଆଧାରରେ ବିଚାର କରି କୋର୍ଟ ତ୍ରିଲୋଚନ ବେସନଙ୍କୁ ଦୋଷୀ ସାବ୍ୟସ୍ତ କରିଛି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଅରବିନ୍ଦ ନାୟକ , ଅଭୟ ନାୟକ ଓ ଶିବ ଦିଓ୍ୱାନ ମକଦ୍ଦମା ପରିଚାଳନା କରିଥିଲେ ।

ଖଟିଆରେ ରୋଗୀଙ୍କୁ ନଦୀ ପାର କରାଇଲେ ଗ୍ରାମବାସୀ



ରାୟଗଡ଼ା,(ସବ୍ୟୁ): ରାସ୍ତା ନାହିଁ, ପୋଲ ନାହିଁ। ଫଳରେ ଗୁରୁତର ରୋଗୀଙ୍କୁ ଖଟିଆରେ ବୋହି ନଦୀ ପାର କରାଇବାକୁ ପଡୁଛି। ଗତ ସପ୍ତାହ ମଧ୍ୟରେ ଏଭଳି ଦୁଇଟି ଘଟଣା ସାମ୍ନାକୁ ଆସିବା ପରେ ରାୟଗଡ଼ା ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ମୌଳିକ ଯାତାୟାତ ବ୍ୟବସ୍ଥାର ଚିତ୍ର ପଦାକୁ ଆସିଛି। କାଶୀପୁର ଓ ଗୁଡ଼ାରି ପରେ ଏବେ ରାୟଗଡ଼ା ସଦର ବ୍ଲକରୁ ଏଭଳି ଦୁର୍ଦ୍ଦଶାର ଚିତ୍ର ସାମ୍ନାକୁ ଆସିଛି। ରାୟଗଡ଼ା ବ୍ଲକ ପିତାମହଲ ପଞ୍ଚାୟତ ଅଧୀନ ବେହେରାଗୁଡ଼ା ନିକଟ ନାଗାବଳୀ ନଦୀର ଆରପାରିରେ ରହିଛି ବାଇସିଂ ପଞ୍ଚାୟତର ପୂଜାରୀବାନ୍ଧୁ ଗ୍ରାମ। ଗ୍ରାମକୁ ଯାତାୟାତ ପାଇଁ ଭଲ ରାସ୍ତା କିମ୍ବା ପୋଲ ନଥିବାରୁ ବର୍ଷା ଦିନରେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଏ। ନଦୀର ଜଳସ୍ତର ବୃଦ୍ଧି ପାଇଲେ ଗ୍ରାମବାସୀ ଏକପ୍ରକାର ବିଚ୍ଛିନ୍ନ ହୋଇପଡ଼ନ୍ତି। ସୂଚନାନୁସାରେ, ଗ୍ରାମର କାଳିଆ ବିଡ଼ିକାଙ୍କ ପୁଅ ଅଭି ବିଡ଼ିକା ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଗ୍ରାମବାସୀ ଖଟିଆରେ ବୋହି ନାଗାବଳୀ ନଦୀ ପାର କରାଇ ବେହେରାଗୁଡ଼ା ପାର୍ଶ୍ୱକୁ ଆଣିଥିଲେ। ସେଠାରେ ଅପେକ୍ଷାରତ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ବର୍ତ୍ତମାନ ଅଭି ସୁସ୍ଥ ଥିବା ଜଣାପଡ଼ିଛି। ଗ୍ରାମବାସୀଙ୍କ ଅଭିଯୋଗ, ପିତାମହଲ ପଞ୍ଚାୟତର ବେଢ଼େଲି ଗ୍ରାମ ଦେଇ ପୂଜାରୀବାନ୍ଧୁକୁ ରାସ୍ତା ନିର୍ମାଣ ପାଇଁ ପୂର୍ବରୁ ସର୍ଭେ ହୋଇଥିଲା। ମାଟି ରାସ୍ତା କାମ ଆରମ୍ଭ ହୋଇଥିଲେ ମଧ୍ୟ ତାହା ଅଧାପନ୍ତରିଆ ହୋଇ ପଡ଼ିରହିଛି। ଫଳରେ ଲୋକଙ୍କ ସମସ୍ୟାର ସମାଧାନ ହୋଇନାହିଁ। ଗ୍ରାମବାସୀ ସୁରେଶ କଲାକାଙ୍କ କହିବାନୁସାରେ, ନାଗାବଳୀ ଉପରେ ପୋଲ ନିର୍ମାଣ ହେଲେ ପ୍ରାୟ ୬ଟି ଗ୍ରାମର ଲୋକଙ୍କ ରାୟଗଡ଼ା ସହର ସହ ଯୋଗାଯୋଗ ସୁଗମ ହେବ। ବିଶେଷକରି ଜରୁରୀ ସମୟରେ ରୋଗୀଙ୍କୁ ଚିକିତ୍ସାଳୟ ନେବା ସହଜ ହେବ। ଗ୍ରାମବାସୀ ଅଧାପନ୍ତରିଆ ରାସ୍ତା କାମ ଶୀଘ୍ର ସାରିବା ସହ ନାଗାବଳୀ ଉପରେ ପୋଲ ନିର୍ମାଣ ପାଇଁ ଦାବି କରିଛନ୍ତି। ରାୟଗଡ଼ା ସଦର ବ୍ଲକରେ ଏବେବି ୩୨ଟି ଗ୍ରାମକୁ ପକ୍କା ରାସ୍ତା ନଥିବା ଏବଂ ୪ଟି ଗ୍ରାମକୁ କଚ୍ଚା ରାସ୍ତା ମଧ୍ୟ ନଥିବା କୁହାଯାଉଛି। ଏଭଳି ସ୍ଥିତିରେ ଦୁର୍ଗମ ଅଞ୍ଚଳବାସୀଙ୍କ ଯାତାୟାତ ସମସ୍ୟା କେବେ ଦୂର ହେବ, ତାହା ଏବେ ବଡ଼ ପ୍ରଶ୍ନ।

ଭାଲୁ ଆକ୍ରମଣରେ ଯୁବକ ଗୁରୁତର



ମୁରିବାହାଲ,(ସବ୍ୟୁ) : ବଲାଙ୍ଗୀର ଜିଲ୍ଲା ମୁରିବାହାଲ ରେଞ୍ଜ ଅଞ୍ଚଳରେ ଗୁରୁବାର ଦିନ ଏକ ଜଙ୍ଗଲି ଭାଲୁ ଆକ୍ରମଣରେ ବାନ୍ଧୁପଲା ପଞ୍ଚାୟତ ଯମୁନାବାହାଲ ଗ୍ରାମର ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି।ଏହି ରେଞ୍ଜ ଗୁଡିଘାଟ ସେକ୍ସନ

ସମ୍ପାଦକୀୟ



୨୭ ବର୍ଷ ପରେ...

ଦୀର୍ଘ ୨୭ ବର୍ଷ ପରେ ବାତ୍ୟା 'ଅର୍ଣ୍ଣବ' ଓଡ଼ିଶା ଉପକୂଳରେ ଥିବା ବଙ୍ଗୋପସାଗର ଦେଇ ଆନ୍ଧ୍ର ପ୍ରଦେଶରେ ସ୍ଥଳଭାଗ ସ୍ପର୍ଶ କରିଛି । ବାତ୍ୟା ପ୍ରଭାବରେ ବୃଷ୍ଟିପାତ ହୋଇ ଦକ୍ଷିଣ ଓଡ଼ିଶାର ଅଧିକାଂଶ ଅଞ୍ଚଳକୁ ବନ୍ୟାପ୍ଲାବିତ କରିବା ସହିତ ଅନେକ ଘରଦ୍ୱାର ଓ ଗଛବୃକ୍ଷସବୁକୁ ଭାଙ୍ଗିଚୁରି ପକାଇ ନାହିଁ ନଥିବା କ୍ଷତି କରି ପକାଇଛି । ୧୯୯୯ ମହାବାତ୍ୟା ପରେ ଅନେକ ବାତ୍ୟା ଓଡ଼ିଶାକୁ ଆସିଛି, ମାତ୍ର ମହାବାତ୍ୟା ପରି ଏତେ ଭୟାବହ କେହି ହୋଇ ନଥିଲେ । ତେବେ ମହାବାତ୍ୟା ଯୋଗୁଁ ଉପକୂଳ ଅଞ୍ଚଳରେ ପ୍ରଭୂତ ଭାବେ କ୍ଷୟକ୍ଷତି ହୋଇଥିଲା ଓ ଲୋକେ ଘୋର ଦୁର୍ଦ୍ଦଶା ମଧ୍ୟରେ ଥିଲେ ।

ପ୍ରଥମେ ଭୀଷଣ ବାତ୍ୟାର ରୂପ ନେଇ ଓଡ଼ିଶାର ଉପକୂଳବର୍ତ୍ତୀ ଗଞ୍ଜାମ ଜିଲ୍ଲାରେ ୧୯୯୯ ମସିହାର ଅକ୍ଟୋବର ୧୭ ଓ ୧୮ ତାରିଖରେ ପ୍ରଭୂତ କ୍ଷୟକ୍ଷତି କରାଇଥିଲା। ଏହା ଥିଲା ଅକ୍ଟୋବର ୨୯ ଓ ୩୦ ତାରିଖରେ ହୋଇଥିବା ମହାବାତ୍ୟା (୧୯୯୯)ର ପୂର୍ବାଭାସ ବୋଲି କହିଲେ କୌଣସି ଅତ୍ୟୁକ୍ତି ହେବନାହିଁ । ସେହି ସମୟରେ ଏ ପଟେ ଉପକୂଳ ଓଡ଼ିଶାରେ, ରାଜଧାନୀ ଭୁବନେଶ୍ୱର, କଟକ ସମେତ ଅନ୍ୟାନ୍ୟ ଗ୍ରାମ ଓ ସହରରେ ସେହି ସମୟରେ ପ୍ରବଳ ବୃଷ୍ଟିପାତ ହୋଇଥିଲା । ଅକ୍ଟୋବର ୧୮ ତାରିଖରେ ହଠାତ୍ ବିଏସ୍ଏନ୍ଏଲ୍ ଲ୍ୟାଣ୍ଡ ଫୋନରେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନ ଫୋନ କରି ପଚାରିଲେ ନୂଆଦିଲ୍ଲୀରୁ ଉପକୂଳ ଓଡ଼ିଶାର ଅବସ୍ଥା । ଜଣେ ସାମ୍ବାଦିକ ଭାବେ ଉତ୍ତର ଦେଲି– ଏ ସବୁ ଅଞ୍ଚଳରେ ପ୍ରବଳ ବର୍ଷା । ମାତ୍ର ଗଞ୍ଜାମ ଅଞ୍ଚଳରେ ବର୍ଷା ସାଙ୍ଗକୁ ବାତ୍ୟା ହୋଇଛି ବୋଲି ଶୁଣିଛି । ପାଣିପାଗ ଅଫିସର ଫୋନ ମିଳି ନଥିବାରୁ ବେଶୀ କିଛି ଜଣା ପଡୁନାହିଁ ବୋଲି ସେଦିନ ଜଣେ ସାମ୍ବାଦିକ ଭାବେ ଉତ୍ତର ଦେଇଥିଲି । ମୋବାଇଲ ଫୋନର ବ୍ୟବହାର ହେଉ ନ ଥିଲା ସେତେବେଳେ । ଅଟଳ ବିହାରୀ ବାଜପେୟୀ ଆମର ପ୍ରଧାନମନ୍ତ୍ରୀ ଥିଲେ । ଗିରିଧର ଗମାଙ୍ଗ ରାଜ୍ୟର ମୁଖ୍ୟମନ୍ତ୍ରୀ । ମାତ୍ର କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ବାବୁ କିଛି ସମୟ ପରେ ପୁଣି ଜଣାଇଲେ ଯେ ଗଞ୍ଜାମ ଅଞ୍ଚଳରେ ଭୀଷଣ ବାତ୍ୟା ହୋଇଛି । ମୁଖ୍ୟମନ୍ତ୍ରୀ ଗମାଙ୍ଗ ଗଞ୍ଜାମ ବାତ୍ୟା ଅଞ୍ଚଳକୁ ଯାଇ ପାରି ନଥିଲେ। ରାସ୍ତାଘାଟ ପ୍ରାୟ ଭାଙ୍ଗି ଯାଇଥିଲା । ଗଛପଡ଼ି ରାସ୍ତାସବୁ ବନ୍ଦ ହୋଇଯାଇଥିଲା । ମାତ୍ର ପରେ ସ୍ୱାଭାବିକ ପାଣିପାଗ ହେବା ପରେ କେନ୍ଦ୍ରମନ୍ତ୍ରୀଙ୍କ ମଧ୍ୟରୁ ଜର୍ଜ ଫର୍ଣ୍ଣାଣ୍ଡିଜ, ନବୀନ ପଟ୍ଟନାୟକ ଓ ଡାକ୍ତର ଦେବେନ୍ଦ୍ର ପ୍ରଧାନ ରାସ୍ତାଘାଟ ସଫା କରାଇ ଗଞ୍ଜାମର ବାତ୍ୟାଞ୍ଚଳ ପ୍ରଥମେ ପରିଦର୍ଶନ କରି କେନ୍ଦ୍ର ସରକାରଙ୍କ ପକ୍ଷରୁ ରିଲିଫ ପ୍ରଭୃତି ଦେଇ ସେମାନଙ୍କୁ ଆଶ୍ୱସ୍ତ କରିଥିଲେ । ପରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧିଙ୍କ ସହିତ ମୁଖ୍ୟମନ୍ତ୍ରୀ ଶ୍ରୀ ଗମାଙ୍ଗ ଯାଇ ଗଞ୍ଜାମ ପରିସ୍ଥିତି ଅନୁଧ୍ୟାନ କରିଥିଲେ ।

ଦୀର୍ଘ ୨୭ ବର୍ଷ ପରେ 'ଅର୍ଣ୍ଣବ' ବାତ୍ୟା ଆନ୍ଧ୍ର ସମେତ ଓଡ଼ିଶାରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି । ପରିସ୍ଥିତି ବଦଳି ଯାଇଛି । ସରକାର ଲୋକଙ୍କୁ ଉଦ୍ଧାର କରିବା ପାଇଁ ସତର୍କତାମୂଳକ ପଦକ୍ଷେପ ନେଉଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଓଡ଼ିଶା ଉପରେ ରହିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଜନସାଧାରଣଙ୍କ ଉପରେ ପ୍ରତି ବାତ୍ୟା ଓ ବନ୍ୟାର ବିପଦ ନ ପଡ଼ିବା ଲାଗି ଉଦ୍ୟମ ଜାରି ରଖିଛନ୍ତି ଏବଂ କେହି ଜଣେ ଯେପରି ପ୍ରାଣ ନ ହରାଇବେ ସେଥିପାଇଁ ସେ ପ୍ରତିଶ୍ରୁତି ଦେଇଛନ୍ତି । ତଥାପି ଅବିଭକ୍ତ କୋରାପୁଟ ଓ ଗଞ୍ଜାମ ଜିଲ୍ଲାରେ ବନ୍ୟାଦୁର୍ଗତମାନେ ଖୁବ ଦୁର୍ଦ୍ଦଶା ମଧ୍ୟରେ ଅଛନ୍ତି । ଋଷିକୁଲ୍ୟା ନଦୀରେ ବନ୍ୟା ଆସିବାରୁ ଆଖପାଖ ଗାଁର ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ସରକାରୀ ଓ ବେସରକାରୀ ସ୍ତରରେ ସେମାନଙ୍କୁ ଉଦ୍ଧାର କରି ରିଲିଫ ଦେବାକୁ ଏବେ ଉଦ୍ୟମ କରାଯିବା ଉଚିତ ।

ଦୀର୍ଘ ୨୭ ବର୍ଷ ପରେ 'ଅର୍ଣ୍ଣବ' ବାତ୍ୟା ଆନ୍ଧ୍ର ସମେତ ଓଡ଼ିଶାରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି । ପରିସ୍ଥିତି ବଦଳି ଯାଇଛି । ସରକାର ଲୋକଙ୍କୁ ଉଦ୍ଧାର କରିବା ପାଇଁ ସତର୍କତାମୂଳକ ପଦକ୍ଷେପ ନେଉଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଓଡ଼ିଶା ଉପରେ ରହିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଜନସାଧାରଣଙ୍କ ଉପରେ ପ୍ରତି ବାତ୍ୟା ଓ ବନ୍ୟାର ବିପଦ ନ ପଡ଼ିବା ଲାଗି ଉଦ୍ୟମ ଜାରି ରଖିଛନ୍ତି ଏବଂ କେହି ଜଣେ ଯେପରି ପ୍ରାଣ ନ ହରାଇବେ ସେଥିପାଇଁ ସେ ପ୍ରତିଶ୍ରୁତି ଦେଇଛନ୍ତି । ତଥାପି ଅବିଭକ୍ତ କୋରାପୁଟ ଓ ଗଞ୍ଜାମ ଜିଲ୍ଲାରେ ବନ୍ୟାଦୁର୍ଗତମାନେ ଖୁବ ଦୁର୍ଦ୍ଦଶା ମଧ୍ୟରେ ଅଛନ୍ତି । ଋଷିକୁଲ୍ୟା ନଦୀରେ ବନ୍ୟା ଆସିବାରୁ ଆଖପାଖ ଗାଁର ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ସରକାରୀ ଓ ବେସରକାରୀ ସ୍ତରରେ ସେମାନଙ୍କୁ ଉଦ୍ଧାର କରି ରିଲିଫ ଦେବାକୁ ଏବେ ଉଦ୍ୟମ କରାଯିବା ଉଚିତ ।

ଶିକ୍ଷାକୁ ଅଧିକ ଧ୍ୟାନ ଦିଆଯାଉ



ଡ. ସନ୍ତୋଷ କୁମାର ମହାପାତ୍ର

ଭଲ ମଣିଷ ତିଆରି କରିବାରେ ଓ ମଣିଷର ପ୍ରତିଭାର ବିକାଶ ତଥା ଏକ ସୁସ୍ଥ ସମାଜ ଗଢ଼ିବାରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଯେଉଁ ଦେଶର ଶିକ୍ଷା ବ୍ୟବସ୍ଥା ଯେତେ ଉନ୍ନତ ଓ ଗୁଣାତ୍ମକ ସେହି ଦେଶ ସେତେ ଅଧିକ ବିକଶିତ । ଶିକ୍ଷା ଲୋକଙ୍କୁ ସେମାନଙ୍କର ଭବିଷ୍ୟତ ପାଇଁ ସୁଯୋଗ ଓ ସମ୍ଭାବନା ସୃଷ୍ଟି କରେ । ଶିକ୍ଷା ମାଧ୍ୟମରେ, ଲୋକମାନେ ସେମାନଙ୍କର ନିଜସ୍ୱ କ୍ଷମତା ଏବଂ ଦକ୍ଷତା ବିଷୟରେ ସୂଚନା ପାଇବାକୁ ସକ୍ଷମ ହୁଅନ୍ତି, ଯାହା ସେମାନଙ୍କୁ ନିଜର ଜୀବନର ଲକ୍ଷ୍ୟ ଓ କାର୍ଯ୍ୟ କରିବାର ଏକ କ୍ଷେତ୍ର ବାଛିବାକୁ ସହଜ କରିଥାଏ, ଯେଉଁଥିରେ ସେମାନେ ଉତ୍କର୍ଷ ହାସଲ କରିପାରିବେ । ୨୦୪୭ ସୁଦ୍ଧା ଭାରତକୁ ଏକ 'ବିକଶିତ ରାଷ୍ଟ୍ର' ଭାବେ ଉଭା ହେବାର ପ୍ରସଙ୍ଗ ଆଲୋଚନାର ବିଷୟ ପାଲଟିଛି । ଅନେକ ଅର୍ଥନୀତିଜ୍ଞ ଏବଂ ନୀତି ନିର୍ଦ୍ଧାରକମାନେ ବିଶ୍ୱାସ କରନ୍ତି ଯେ ଏହି ଲକ୍ଷ୍ୟଗୁଡ଼ିକ ଅତ୍ୟନ୍ତ ମହତ୍ୱାକାଂକ୍ଷୀ । ଭାରତ କେଉଁ ଆଧାରରେ ଏକ 'ବିକଶିତ ରାଷ୍ଟ୍ର' ହୋଇପାରିବ ତାହା ଏପର୍ଯ୍ୟନ୍ତ କେହି ବ୍ୟାଖ୍ୟା କରିନାହାଁନ୍ତି । ପୁନଶ୍ଚ ଆସନ୍ତା କାଲିକୁ କିଏ ଦେଖିଛି ? ଜିଡ଼ିପି କେବଳ ମାନଦଣ୍ଡ ହୋଇପାରିବ ନାହିଁ । ଏଥିପାଇଁ ଶିକ୍ଷା ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରି ଉଚ୍ଚ ଗୁଣାତ୍ମକ ମାଗଣା ଶିକ୍ଷା ପ୍ରଥମେ ଦିଆଯିବା ଆବଶ୍ୟକ । ସେଗୁଡ଼ିକୁ ହାସଲ କରିବା ପାଇଁ ଶିକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ଆବଶ୍ୟକ । ଆଗରୁ ଶିକ୍ଷା ବ୍ୟବସ୍ଥା ସରକାରଙ୍କ ନିୟନ୍ତ୍ରଣରେ ଥିଲାବେଳେ ଲୋକଙ୍କୁ ଶିକ୍ଷା ବାବଦରେ କମ୍ ବ୍ୟୟ କରିବାକୁ ପଡୁଥିଲା । କିନ୍ତୁ ଶିକ୍ଷାର ବ୍ୟାପକ ଘରୋଇକରଣ ଯୋଗୁ ଆଜି ଉଚ୍ଚଶିକ୍ଷା ବିଶେଷକରି ବୈଷୟିକ ଶିକ୍ଷା କେବଳ ଧନୀକ ଶ୍ରେଣୀ ପିଲାଙ୍କ ପାଇଁ ଉପଲବ୍ଧ ହୋଇପାରୁଛି । ଗରିବଙ୍କ ପାଇଁ ଅପହଞ୍ଚ ହୋଇଛି । ଉଚ୍ଚ ଶିକ୍ଷା ବା ବୈଷୟିକ ଶିକ୍ଷା ପ୍ରାପ୍ତ ହେବାତ ଦୂରର କଥା, ସ୍ୱାଧୀନତାର ୮୦ ବର୍ଷ ପରେ ବି ଆଜି ପ୍ରାଥମିକ, ମାଧ୍ୟମିକ ଶିକ୍ଷା ମଧ୍ୟ ପିଲାମାନଙ୍କୁ ଠିକ୍ ଭାବେ ମିଳୁନାହିଁ । ବିଭିନ୍ନ ବିଦ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମି ନାହିଁ କି ଶିକ୍ଷକ ନାହାଁନ୍ତି । ଖେଳପଡ଼ିଆ ଦୂରର କଥା ଏପରିକି ଶୌଚାଳୟ ନାହିଁ । ବିଭିନ୍ନ କଲେଜରେ ପରୀକ୍ଷାଗାର ଏବଂ ଲାଇବ୍ରେରୀ ନାହିଁ ।

ଗତ ଫେବୃଆରୀ ୨୬ରେ ଥିଙ୍କ–ଟ୍ୟାଙ୍କ ପିଆର୍ଏସ୍ ଲେଜିସଲେଟିଭ୍ ରିସର୍ଚ୍ଚର ଶିକ୍ଷା ସମ୍ପର୍କରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା । ଏହି ରିପୋର୍ଟ ଅନୁଯାୟୀ, ସମଗ୍ର ଭାରତରେ ଅତି କମ୍‌ରେ ୩୫% ସ୍କୁଲରେ ୫୦ କିମ୍ବା ତା'ଠାରୁ କମ୍ ଛାତ୍ରଛାତ୍ରୀ ପଢୁଛନ୍ତି ଏବଂ କେବଳ ଗୋଟିଏ କିମ୍ବା ଦୁଇ ଜଣ ଶିକ୍ଷକ ଅଛନ୍ତି । ନୀତି ଆୟୋଗଙ୍କ ଅନୁଯାୟୀ, ଭାରତର ୩୬% ସରକାରୀ ସ୍କୁଲରେ ୫୦ରୁ କମ୍ ଛାତ୍ରଛାତ୍ରୀ ଥିଲେ ଏବଂ ପ୍ରାୟ ୧୦% ସ୍କୁଲରେ ୨୦ରୁ କମ୍ ଥିଲେ । ଏହି ସ୍କୁଲଗୁଡ଼ିକରେ କେବଳ ଗୋଟିଏ କିମ୍ବା ଦୁଇ ଜଣ ଶିକ୍ଷକ ଥିଲେ । ଛୋଟ ସ୍କୁଲଗୁଡ଼ିକ, ଯେଉଁଠାରେ ସାଧାରଣତଃ କମ୍ ଶିକ୍ଷକ ଥାଆନ୍ତି, ଅନେକ ସମସ୍ୟା ଦେଖାଯାଇଥାଏ । ନୂତନ ଶିକ୍ଷା ନୀତି (୨୦୨୦) ଅନୁଯାୟୀ, ଶିକ୍ଷକମାନଙ୍କୁ ଏକାଧିକ ଗ୍ରେଡ୍ ଏବଂ ବିଷୟ ପଢ଼ାଇବାକୁ ପଡ଼ିଥାଏ । ଏପରିକି ସେହି ବିଷୟଗୁଡ଼ିକ ପଢାଇବାକୁ ମଧ୍ୟ ପଡିଥାଏ ଯେଉଁଥିରେ ସେମାନଙ୍କର ଯଥେଷ୍ଟ ଯୋଗ୍ୟତା ଓ ଦକ୍ଷତା ନାହିଁ । ଏହା ବ୍ୟତୀତ, ଶିକ୍ଷକମାନେ ସେମାନଙ୍କର ସମୟର ଏକ ବଡ଼ ଅଂଶ ପ୍ରଶାସନିକ କାର୍ଯ୍ୟରେ ଦେବାକୁ ପଡ଼ିଥାଏ, ଯାହା ଶିକ୍ଷାଦାନ କରିବାର ଉଦ୍ଦିଷ୍ଟ ସମୟକୁ ପ୍ରଭାବିତ କରେ । ପୁନଶ୍ଚ ୨୦୨୨–୨୩ ସୁଦ୍ଧା, ପ୍ରଥମରୁ ୮ମ ଶ୍ରେଣୀ ପାଇଁ ୧୬% ଶିକ୍ଷକ ପଦବୀ ଖାଲି ପଡ଼ିଥିଲା । ଏହି ଖାଲି ପଦବୀ ବେଶୀ ଝାଡ଼ଖଣ୍ଡରେ (୪୦%), ବିହାର (୩୨%), ମିଜୋରାମ (୩୦%) ଏବଂ ତ୍ରିପୁରା (୨୬%) ରହିଛି । ୨୦୨୩–୨୪ ସୁଦ୍ଧା, ପ୍ରାଥମିକ ସ୍ତରରୁ ଉଚ୍ଚ ପ୍ରାଥମିକ ସ୍ତର ପର୍ଯ୍ୟନ୍ତ ପ୍ରାୟ ୧୨% ଶିକ୍ଷକଙ୍କ ବୃତ୍ତିଗତ ଶିକ୍ଷାଦାନ ଯୋଗ୍ୟତା ନ ଥିଲା । ଶିକ୍ଷା ମନ୍ତ୍ରଣାଳୟ ରିପୋର୍ଟରେ (୨୦୨୩–୨୪) ଅନୁଯାୟୀ, ପ୍ରାକ୍–ପ୍ରାଥମିକ ସ୍ତରରେ ୪୮% ଶିକ୍ଷକ ଅଯୋଗ୍ୟ ଥିଲେ । ଶିକ୍ଷା, ମହିଳା, ଶିଶୁ, ଯୁବ ଏବଂ କ୍ରୀଡା ସମ୍ପର୍କିତ ସ୍ଥାୟୀ କମିଟି (୨୦୨୩) ରାଜ୍ୟଗୁଡ଼ିକ ଦ୍ୱାରା ଶିକ୍ଷକ ନିଯୁକ୍ତିକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲା ଏବଂ ନିଯୁକ୍ତିରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ରାଜ୍ୟଗୁଡ଼ିକୁ ଏକ ସ୍ୱୟଂଶାସିତ ଶିକ୍ଷକ ନିଯୁକ୍ତି ବୋର୍ଡ ଗଠନ କରିବାକୁ ସୁପାରିଶ କରିଥିଲା ।

ଲୋକସଭାରେ ଉପସ୍ଥାପିତ ସରକାରୀ ତଥ୍ୟ ଏବଂ ନୀତି ଆୟୋଗର ଏକ ରିପୋର୍ଟ ଅନୁଯାୟୀ, ୨୦୧୪–୧୫ରୁ ୨୦୨୪–୨୫ ମଧ୍ୟରେ ସାରା ଭାରତରେ ପ୍ରାୟ ୯୩,୦୦୦ରୁ ୯୪,୦୦୦ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ବନ୍ଦ ହୋଇଯାଇଛି କିମ୍ବା ଅନ୍ୟ ବିଦ୍ୟାଳୟ ସହ ମିଶ୍ରିତ ହୋଇଯାଇଛି (ଯାହାର ହାରାହାରି ଦୈନିକ ପ୍ରାୟ ୨୫ଟି ବିଦ୍ୟାଳୟ ବନ୍ଦ ହେବା ସହ ସମାନ) । ଏହି ସମୟ ମଧ୍ୟରେ ସରକାରୀ ବିଦ୍ୟାଳୟ ସଂଖ୍ୟା ୧୧.୦୭ ଲକ୍ଷରୁ ହ୍ରାସ ପାଇ ୧୦.୧୩ ଲକ୍ଷ ରହିଛି । ଏହି ସମୟ ମଧ୍ୟରେ, ଘରୋଇ ବିଦ୍ୟାଳୟ ସଂଖ୍ୟା ୨.୮୮ ଲକ୍ଷରୁ ବୃଦ୍ଧି ପାଇ ୩.୩୯ ଲକ୍ଷରେ ପହଞ୍ଚିଛି । ବିଦ୍ୟାଳୟଗୁଡ଼ିକ ବନ୍ଦ ହେବା ପରିସ୍ଥିତିଠାରୁ ଭିନ୍ନ, ଉଚ୍ଚଶିକ୍ଷା କ୍ଷେତ୍ରରେ ହ୍ରାସ ପରିବର୍ତ୍ତେ ଅଭିବୃଦ୍ଧି ଦେଖିବାକୁ ମିଳିଛି । ଭାରତରେ ବିଶ୍ୱବିଦ୍ୟାଳୟଗୁଡ଼ିକର ମୋଟ ସଂଖ୍ୟା ୭୬୦ (୨୦୧୪–୧୫)ରୁ ବୃଦ୍ଧି ପାଇ ୧,୨୮୯ (୨୦୨୩–୨୪) ହୋଇଛି, ଅର୍ଥାତ୍ ୫୦୦ରୁ ଅଧିକ ବିଶ୍ୱବିଦ୍ୟାଳୟ ବୃଦ୍ଧି ପାଇଛି । ଏଗୁଡ଼ିକ ମଧ୍ୟରୁ ଅଧିକାଂଶ ଘରୋଇ ସଂସ୍ଥା ଦ୍ୱାରା ପରିଚାଳିତ ହେଉଛି, ଯାହା ଶିକ୍ଷା କ୍ଷେତ୍ରରେ ବଢୁଥିବା ଘରୋଇକରଣକୁ ସୂଚିତ କରେ । ଗତ ଦଶନ୍ଧି ମଧ୍ୟରେ, ଘରୋଇ ବିଶ୍ୱବିଦ୍ୟାଳୟ ସଂଖ୍ୟାରେ ପ୍ରାୟ ୧୪୯% (୨୧୯ରୁ ୫୪୬ କୁ) ବୃଦ୍ଧି ଘଟିଥିବା ବେଳେ, ସରକାରୀ ବିଶ୍ୱବିଦ୍ୟାଳୟ ସଂଖ୍ୟାରେ କେବଳ ୪୫.୪% (୫୦୪ରୁ ୭୩୩କୁ) ବୃଦ୍ଧି ପରିଲକ୍ଷିତ ହୋଇଛି ।

ସେହିପରି 'ପ୍ରଥମ' ନାମକ ଏକ ଖ୍ୟାତନାମା ସ୍ୱେଚ୍ଛାସେବୀ ସଂସ୍ଥା ଏହାର ବାର୍ଷିକ ଶିକ୍ଷା ସ୍ଥିତି ରିପୋର୍ଟରେ ଗ୍ରାମୀଣ ଶିକ୍ଷାବ୍ୟବସ୍ଥା ଉପରେ ଏକ ନୈରାଶ୍ୟଜନକ ଚିତ୍ର ପ୍ରଦାନ କରିଛି । ଏହି ସଂସ୍ଥା ଦେଶବ୍ୟାପୀ ସର୍ଭେ କରି ଗ୍ରାମୀଣ ଭାରତରେ ପିଲାମାନଙ୍କ ଶିକ୍ଷା ସ୍ତରର ମୂଲ୍ୟାଙ୍କନ କରେ । ଏହାର ରିପୋର୍ଟ ଅନୁଯାୟୀ ୨୦୨୪ରେ ଗଣିତରେ ଫେଡାଣ କରିପାରୁଥିବା ତୃତୀୟ ଶ୍ରେଣୀର ପିଲାଙ୍କ ସଂଖ୍ୟା ମାତ୍ର ୩୩.୭% । ଅବଶ୍ୟ ଏହା ୨୦୨୨ରେ ୨୫.୯% ଥିଲା ଏବଂ ୨୦୧୮ରେ ୨୮.୨% । ବେସରକାରୀ ବିଦ୍ୟାଳୟଗୁଡ଼ିକରେ ପ୍ରାୟ ୪% ବୃଦ୍ଧି ଦେଖାଯାଇଥିବା ବେଳେ, ସରକାରୀ ବିଦ୍ୟାଳୟଗୁଡ଼ିକରେ ଏହି କ୍ଷେତ୍ରରେ ୭% ବୃଦ୍ଧି ଘଟିଛି । ସେହିପରି ୨୦୨୪ରେ ଦ୍ୱିତୀୟ ଶ୍ରେଣୀ ସ୍ତରର ପାଠ ପଢ଼ିପାରୁଥିବା ପଞ୍ଚମ ଶ୍ରେଣୀର ପିଲାଙ୍କ ସଂଖ୍ୟା ମାତ୍ର ୪୪.୮% ଥିଲା । ଅବଶ୍ୟ ଏହା ୨୦୨୨ରେ ୩୮.୫% ଥିଲା ଏବଂ ୨୦୧୮ରେ ୪୪.୨% ଥିଲା । ତଥାପି ଏପର୍ଯ୍ୟନ୍ତ ଘରୋଇ ବିଦ୍ୟାଳୟଗୁଡ଼ିକରେ ଏହି ହାର କରୋନା ମହାମାରୀ ପୂର୍ବ ସ୍ତରରେ ପହଞ୍ଚି ନାହିଁ । ୨୦୧୮ ମସିହାରେ ଏହା ୬୫.୧% ଥିଲାବେଳେ ୨୦୨୪ ମସିହାରେ ୫୯.୩% ରହିଛି । ଅତ୍ୟନ୍ତ ଚିନ୍ତାର ବିଷୟ ହେଉଛି ଯେ ୧୪–୧୬ ବୟସ ବର୍ଗର ୮୨% ଅଧିକ ପିଲା ସ୍ମାର୍ଟଫୋନ୍ ବ୍ୟବହାର କରିବାକୁ ଜାଣନ୍ତି, କିନ୍ତୁ ସେମାନଙ୍କ ମଧ୍ୟରୁ କେବଳ ୫୭% ପ୍ରତିଶତ ଏହାକୁ ଶିକ୍ଷାଗତ ଉଦ୍ଦେଶ୍ୟରେ ବ୍ୟବହାର କରନ୍ତି । ରିପୋର୍ଟରେ ଥିବା ତଥ୍ୟ ଦର୍ଶାଉଛି ଯେ ସରକାରୀ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଏବଂ ଛାତ୍ର ଉଭୟଙ୍କ ଉପସ୍ଥାନ ବୃଦ୍ଧି ପାଇଛି, କିନ୍ତୁ ତାହା ଆଶାଜନକ ନୁହେଁ । ଉଚ୍ଚଶିକ୍ଷା କଥା ନ କହିଲେ ଚଳେ ।

ଏକ ସେବା ଭିତ୍ତିକ ଅର୍ଥନୀତିରେ, ଏକ ସୁଶିକ୍ଷିତ କର୍ମଶକ୍ତି ହେଉଛି ଉତ୍ପାଦନ ବୃଦ୍ଧି, ନବସୃଜନ ଏବଂ ଦୀର୍ଘକାଳୀନ ଅଭିବୃଦ୍ଧି ବଜାୟ ରଖିବାର ଚାବିକାଠି । ନୋବେଲ ପୁରସ୍କାର ବିଜେତା ଆମେରିକୀୟ ଅର୍ଥନୀତିଜ୍ଞ, ଟି.ଡବ୍ଲ୍ୟୁ. ସ୍କଲ୍ଟଜ୍ ତାଙ୍କ ପ୍ରସିଦ୍ଧ ପୁସ୍ତକ, 'ଦି ଇକୋନୋମିକ୍ ଭ୍ୟାଲୁ ଅଫ୍ ଏଡୁକେସନରେ', ଶିକ୍ଷା ଅର୍ଥନୈତିକ ଅଭିବୃଦ୍ଧିରେ ଯୋଗଦାନ ଦେଉଥିବା ଦୁଇଟି ଗୁରୁତ୍ୱପୂର୍ଣ୍ଣ ଦିଗ କଥା ଉଲ୍ଲେଖ କରିଛନ୍ତି । ତାହାହେଲା ଗବେଷଣାରୁ ଉତ୍ପନ୍ନ ଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ଉନ୍ନତି ମାଧ୍ୟମରେ ଏବଂ ସ୍କୁଲ ଶିକ୍ଷା ସ୍ତରର ପ୍ରସାର ମାଧ୍ୟମରେ ଦକ୍ଷ ଶ୍ରମ ଶକ୍ତି ଯୋଗାଣ ବୃଦ୍ଧି କରିବା । ଆଜିର ଅର୍ଥନୈତିକ ବିକାଶ ମୁଖ୍ୟତଃ ପ୍ରଯୁକ୍ତିବିଦ୍ୟା ଅଗ୍ରଗତି ଉପରେ ନିର୍ଭରଶୀଳ ଯେଉଁଠାରେ ଶିକ୍ଷା ନୂତନ ପ୍ରଯୁକ୍ତିବିଦ୍ୟା ସୃଷ୍ଟି ଏବଂ ପ୍ରସାରଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭାବରେ କାର୍ଯ୍ୟ କରେ । ଏହା ସହିତ, ଅର୍ଥନୀତିଗୁଡ଼ିକ ଅନ୍ୟତ୍ର ପ୍ରସ୍ତୁତ ପ୍ରଯୁକ୍ତିବିଦ୍ୟାକୁ କେତେ ହାରରେ ଗ୍ରହଣ କରିପାରିବେ ତାହା ସେମାନଙ୍କ ଜନସଂଖ୍ୟାର ଜ୍ଞାନ ଏବଂ ଦକ୍ଷତା ଉପରେ ନିର୍ଭର କରେ । 'ଦି କ୍ୱାର୍ଟରଲି ଜର୍ଣ୍ଣାଲ ଅଫ୍ ଇକୋନୋମିକ୍ସ'ରେ ପ୍ରକାଶିତ ସେମାନଙ୍କର ୧୯୯୨ର ଗବେଷଣା ପତ୍ର, 'ଏ କଣ୍ଟ୍ରିବ୍ୟୁସନ୍ ଟୁ ଦି ଏମ୍ପିରିକସ୍ ଅଫ୍ ଇକୋନୋମିକ୍ସ' ରେ, ଅର୍ଥନୀତିଜ୍ଞ, ଏନ. ଗ୍ରେଗୋରୀ ମାଙ୍କିଓ୍ୱ, ଡେଭିଡ୍ ରୋମର ଏବଂ ଡେଭିଡ୍ ଏନ. ୱେଲ୍, ଭୌତିକ ପୁଞ୍ଜି ସହିତ ମାନବ ପୁଞ୍ଜିକୁ ଅନ୍ତର୍ଭୁକ୍ତ କରି 'ସୋଲୋ' ଅଭିବୃଦ୍ଧି ମଡେଲକୁ ବିସ୍ତାର କରିଛନ୍ତି । ସେମାନେ ଦର୍ଶାଇଛନ୍ତି ଯେ ଶିକ୍ଷାର ଗୁଣାତ୍ମକ ବୃଦ୍ଧି ଜୀବନଧାରଣ ମାନରେ ଉନ୍ନତି ଆଣିବାରେ ସାହାଯ୍ୟ କରେ । ଏହା ସୂଚାଇ ଦିଏ ଯେ ଭାରତ ଭଳି ଦେଶ ଶିକ୍ଷାର ଗୁଣବତ୍ତା ବୃଦ୍ଧି କରି ସେମାନଙ୍କର ବିକାଶକୁ ତ୍ୱରାନ୍ୱିତ କରିପାରିବେ । ୟୁନେସ୍କୋ ବିଶ୍ୱାସ କରେ ଯେ ଶିକ୍ଷା ଜୀବନ ସାରା ସମସ୍ତଙ୍କ ପାଇଁ ଏକ ମାନବିକ ଅଧିକାର ଏବଂ ଏହା ସମସ୍ତଙ୍କୁ ପ୍ରାପ୍ତ ହେବା ଉଚିତ । ଶିକ୍ଷା ମଧ୍ୟ ଆର୍ଥିକ ଅଭିବୃଦ୍ଧିକୁ ବୃଦ୍ଧି କରିପାରିବ । ୟ

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଅର୍ଣ୍ଣବ...

ଅବବାହିକାରେ ବଡ଼ ବନ୍ୟା ଦେଖାଦେଇଛି । ସେହିପରି ବଂଶଧାରାରେ ଜଳସ୍ତର ବଢ଼ିବା ସହ କାଶୀନଗରରେ ଜଳସ୍ତର ୫୫.୩୫ ମିଟର ଥିବାବେଳେ ବିପଦ ସଂକେତ ୫୪.୬୦ ମିଟର ରହିଛି । ଏବେ ଏଠାରେ ବିପଦ ସଂକେତ ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି । ଫଳରେ ଗଞ୍ଜାମ ଓ ଗଜପତି ଜିଲ୍ଲାର ଶତାଧିକ ପଞ୍ଚାୟତ ଏବଂ ପୌରାଞ୍ଚଳଗୁଡ଼ିକ ପାଣିଘେରରେ ରହିଛି ।

ଗୁରୁବାର ସକାଳ ସାଢ଼େ ୮ଟା ସୁଦ୍ଧା ଗଞ୍ଜାମ ଜିଲ୍ଲାର ସାନଖେମୁଣ୍ଡିରେ ୩୮୮ ମିମି, ଚିକିଟିରେ ୩୦୯ ମିମି, ରଙ୍ଗେଇଲୁଣ୍ଡାରେ୬୬୨ ମିମି, ଦିଗପହଣ୍ଡିରେ୨୫୨ ମିମି, କୁକୁଡ଼ାହାଣ୍ଡିରେ୨୦୯ ମିମି ବର୍ଷା ରେକର୍ଡ଼ କରାଯାଇଛି । ପ୍ରବଳ ବର୍ଷା ଯୋଗୁ ଜାତୀୟ ରାଜପଥ ୩୨୬ ଗଞ୍ଜାମରୁ ଅନ୍ୟ ୫ ଜିଲ୍ଲାକୁ ସଂଗେ କରୁଥିବାରୁ ରାସ୍ତା ବନ୍ଦ ହେବାରୁ ଯାତାୟାତ ପ୍ରଭାବିତ ହୋଇଛି । ବନ୍ୟା ପରିସ୍ଥିତି ଦେଖାଦେବାରୁ ଆସନ୍ତା ୩୧ ତାରିଖ ଯାଏଁ ଗଞ୍ଜାମ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ ଛୁଟି ଘୋଷଣା କରାଯାଇଛି । ସେହିଭଳି କନ୍ଧମାଳର ଜି.ଉଦୟଗିରିରେ ୪୬୨ ମିମି ବର୍ଷା ରେକର୍ଡ଼ ହୋଇଥିବାବେଳେ କେ.ନୂଆଗାଁରେ ୨୪୦ ମିମି ଓ ଫିରିଙ୍ଗିଆରେ ୨୧୬ ମିମି ବର୍ଷା ରେକର୍ଡ଼ କରାଯାଇଛି । ଅବିଶ୍ରାନ୍ତ ବର୍ଷା ଯୋଗୁ କଳିଙ୍ଗା ଘାଟିରେ ପୁଣି ଭୂସ୍ଖଳନ ହୋଇଛି । ଅନ୍ଧାରୀକୋଟ ନିକଟସ୍ଥ ପାହାଡ଼ରେ ଭୂସ୍ଖଳନ ହୋଇ ଏକ ବିରାଟକାଳୟ ପଥର ଖସିଛି । ଏଥିସହ ବ୍ୟାଘ୍ରଦେବୀ ମନ୍ଦିର ପାଖରେ ଥିବା ପାହାଡ଼ରୁ ଗଛ ଉପୁଡ଼ି ରାସ୍ତାରେ ପଡ଼ିବା ଯୋଗୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ରାଇକିଆ ବ୍ଲକ୍‌ରେ ମଧ୍ୟ ଭୟଙ୍କର ଭୂସ୍ଖଳନ ହୋଇଛି । ମାଣିକେଶ୍ୱରୀ ଡଙ୍ଗିସି ପାହାଡ଼ରୁ ମାଟି ଅତଡ଼ା ଖସି ଡଙ୍ଗିସି ଗ୍ରାମର ୫ରୁ ଅଧିକ ଘର ନଷ୍ଟ ହୋଇଛି ।

ଗଜପତି ଜିଲ୍ଲାରେ ମଧ୍ୟ ଭୀଷଣ ବର୍ଷା ହୋଇଥିବା ଜଣାପଡ଼ିଛି । ଗଜପତି ଜିଲ୍ଲାର ମହେନ୍ଦ୍ରଗଡ଼ରେ ୪୫୮ ମିମି ବର୍ଷା ରେକର୍ଡ଼ ହୋଇଥିବାବେଳେ ମୋହନାରେ ୨୯୯ ମିମି, ନୂଆଗଡ଼ରେ ୧୬୩ ମିମି, ଗୋସାଣିରେ ୧୫୧ ମିମି, ଗୁମ୍ମାରେ ୧୫୦ ମିମି ବର୍ଷା ହୋଇଛି । ଫଳରେ ଗଜପତି ଜିଲ୍ଲା ସୀମାନ୍ତ ତପ୍ତପଣି ଘାଟିରେ ଭୂସ୍ଖଳନ ହେବାରୁ ଜାତୀୟ ରାଜପଥ ୩୨୬ରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହାଇଯାଇଛି । ତପ୍ତପାଣି ଘାଟିରେ ପାହାଡ଼ରୁ ମାଟି ଓ ପଥର ଖସି ରାସ୍ତା ଉପରେ ପଡ଼ିଛି । ବଡ଼ବଡ଼ ପଥର ରାସ୍ତା ଅବରୋଧ କରିବାରୁ ଗାଡ଼ିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଛି ।

୩୮୫୫ କୋଟିର...

ଜୈବ ଇନ୍ଧନ, ଇସ୍ପାତ, ରସାୟନ ଓ ପେଟ୍ରୋକେମିକାଲ୍ସ, ମହାକାଶ ଓ ପ୍ରତିରକ୍ଷା ଉପକରଣ, ଔଷଧ ଉତ୍ପାଦନ, ପରିବହନ ଭିତ୍ତିଭୂମି, ପର୍ଯ୍ୟଟନ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଏହି ନିବେଶ ହେବ । ରାଜ୍ୟର ୧୨ଟି ଜିଲ୍ଲା- ଅନୁଗୁଳ, ବାଲେଶ୍ୱର, ଭଦ୍ରକ, କଟକ, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, ଖୋର୍ଦ୍ଧା, ନୟାଗଡ଼, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ରେ ଏହି ପ୍ରକଳ୍ପଗୁଡ଼ିକ ପ୍ରତିଷ୍ଠା ହେବ । କାଗଜ, ପ୍ୟାକେଜିଂ ଓ ପ୍ଲାଷ୍ଟିକ୍ କ୍ଷେତ୍ରରେ ମୋଟ ୧,୦୨୯.୯୧ କୋଟି ଟଙ୍କାର ଦୁଇଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଏହା ଦ୍ୱାରା ୧,୯୬୦ଟି ନିଯୁକ୍ତି ସୃଷ୍ଟି ହେବାର ଆକଳନ କରାଯାଇଛି । ଆଲିଶା ଟୋରେଣ୍ଟ କ୍ଲୋଜର୍ସ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍ ନୟାଗଡ଼ରେ ୫୨୯.୯୧ କୋଟି ଟଙ୍କା ବ୍ୟୟରେ ପାନୀୟବୋତଲ ପାଇଁ ଢାଙ୍କୁଣି ଉତ୍ପାଦନ କାରଖାନା ସ୍ଥାପନ କରିବ । ଏଥିରେ ୨୫୦ ଜଣଙ୍କୁ ନିଯୁକ୍ତି ମିଳିବ । ସେହିପରି ଷ୍ଟାର୍କ ରିଜ୍ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ୫୦୦ କୋଟି ଟଙ୍କା ନିବେଶରେ କାଗଜ ଓ କାଗଜଜାତ ସାମଗ୍ରୀ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବ । ଏହି ପ୍ରକଳ୍ପରେ ୧,୬୧୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ସଙ୍କୁଚିତ ଜୈବ ଗ୍ୟାସ୍ (ସିବିଜି) ଉତ୍ପାଦନ ପାଇଁ ତିନୋଟି ପ୍ରକଳ୍ପରେ ୬୮୦ କୋଟି ଟଙ୍କା ନିବେଶ ହେବ । ଏହା ଦ୍ୱାରା ୯୮୪ଟି ନିଯୁକ୍ତି ସମ୍ଭାବନା ରହିଛି । ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଅନୁଗୁଳ, ଯାଜପୁର ଓ ସମ୍ବଲପୁରରେ ୩୬୦ କୋଟି ଟଙ୍କା ବ୍ୟୟରେ ବାର୍ଷିକ ୧୪,୮୫୦ ଟନ୍ କ୍ଷମତାବିଶିଷ୍ଟ କାରଖାନା ସ୍ଥାପନ କରିବ । ଏଥିରେ ୭୪୫ଟି ନିଯୁକ୍ତି ସୁଯୋଗ ରହିଛି ।

କିନେଟା ଗ୍ଲୋବାଲ୍ ଲିମିଟେଡ୍ ସୁନ୍ଦରଗଡ଼ରେ ୧୭୦ କୋଟି ଟଙ୍କା ନିବେଶରେ ବାର୍ଷିକ ୮,୨୫୦ ଟନ୍ କ୍ଷମତାର ପ୍ରକଳ୍ପ କରିବ । ଏହା ଦ୍ୱାରା ୧୭୦ଟି ନିଯୁକ୍ତି ମିଳିବ । ଶ୍ରୀମେଟାଲିକ୍ସ ବାୟୋ ଏନର୍ଜି ଲିମିଟେଡ୍ ବାଲେଶ୍ୱରରେ ୧୫୦ କୋଟି ଟଙ୍କା ନିବେଶରେ ବାର୍ଷିକ ୬,୬୦୦ ଟନ୍ କ୍ଷମତାର କାରଖାନା ସ୍ଥାପନ କରିବ । ଏଥିରେ ୬୯ଟି ନିଯୁକ୍ତି ସୃଷ୍ଟି ହେବ ।

ଇସ୍ପାତର ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ ଓ ଶିଳ୍ପ ଉପକରଣ ଉତ୍ପାଦନ କ୍ଷେତ୍ରରେ ୩୨୩.୮୧ କୋଟି ଟଙ୍କାର ତିନୋଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି । ସାହା ଷ୍ଟିଲ୍ ପ୍ରାଇଭେଟ୍ ଲିମିଟେଡ୍ ସମ୍ବଲପୁରରେ ୭୨.୮୧ କୋଟି ଟଙ୍କା ନିବେଶ କରିବ । ଏହି ପ୍ରକଳ୍ପରେ ୨୮୦ଟି ନିଯୁକ୍ତି ସୃଷ୍ଟି ହେବ । ଏମ୍‌ପିଆଇଏଲ୍ ଷ୍ଟିଲ୍ ଷ୍ପ୍ରିଙ୍ଗର୍ସ ଲିମିଟେଡ୍ ଯାଜପୁରରେ ୨୦୦ କୋଟି ଟଙ୍କା ନିବେଶରେ ଭାରୀ ଇସ୍ପାତ ଢାଞ୍ଚା ନିର୍ମାଣ କାରଖାନା ସ୍ଥାପନ କରିବ । ଏଥିରେ ୨୦୦ଟି ନିଯୁକ୍ତି ମିଳିବ । ଆର୍ମର ଇଣ୍ଡଷ୍ଟ୍ରିଜ୍ ସୁନ୍ଦରଗଡ଼ରେ ୫୧ କୋଟି ଟଙ୍କା ନିବେଶ କରି ୧୫୪ଟି ନିଯୁକ୍ତି ସୃଷ୍ଟି କରିବ । ଖୋର୍ଦ୍ଧାରେ ମହାକାଶ ଓ ପ୍ରତିରକ୍ଷା ଉପକରଣ ଉତ୍ପାଦନ କ୍ଷେତ୍ରରେ ଦୁଇଟି ପ୍ରକଳ୍ପ ପାଇଁ ୧୧୭ କୋଟି ଟଙ୍କା ନିବେଶ ହେବ । ଷ୍ଟୋନହକ୍ ଟେକ୍ନୋଲୋଜିସ୍ ପ୍ରାଇଭେଟ୍ ଲିମିଟେଡ୍ ୬୫ କୋଟି ଟଙ୍କା ବ୍ୟୟରେ ଡ୍ରୋନ୍ ଓ ମାନବବିହୀନ ବିମାନ ପ୍ରଣାଳୀ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବ । ଏଥିରେ ୮୦୦ଟି ନିଯୁକ୍ତି ସମ୍ଭାବନା ରହିଛି । କ୍ଲାସିକ୍ ଟେକ୍ନୋଲୋଜିଷ୍ଟିକ୍ସ ଆଣ୍ଡ ଟ୍ରେଡ୍ ପ୍ରାଇଭେଟ୍ ଲିମିଟେଡ୍ ୫୨ କୋଟି ଟଙ୍କା ନିବେଶରେ ଏକ ମହାକାଶ ଉପକରଣ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବ । ଏଥିରେ ୩୭୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ଅମୃତାଶ୍ ହେଲ୍‌ଥକେୟାର ପ୍ରାଇଭେଟ୍ ଲିମିଟେଡ୍‌ର ଦ୍ୱିତୀୟ ୟୁନିଟ୍ ଖୋର୍ଦ୍ଧାରେ ୧୫୨.୬୯ କୋଟି ଟଙ୍କା ନିବେଶରେ ଔଷଧ ଉତ୍ପାଦନ କାରଖାନା ସ୍ଥାପନ କରିବ । ଏଥିରେ ୫୨୦ଟି ନିଯୁକ୍ତି ସମ୍ଭାବନା ରହିଛି । କାରଖାନାରେ ବାର୍ଷିକ ୧୫୦ କୋଟି ଟାବଲେଟ୍, ୨୧ କୋଟି କ୍ୟାପ୍‌ସୁଲ୍ ଓ ୪.୮ କୋଟି ଇଞ୍ଜେକ୍ସନ୍ ଉତ୍ପାଦନ କରିବାର କ୍ଷମତା ରହିବ ।

ଗଞ୍ଜାମରେ ଆର୍‌ବି ଆବୋଡ୍ସ ପ୍ରାଇଭେଟ୍ ଲିମିଟେଡ୍ ୨୦୯.୩୫ କୋଟି ଟଙ୍କା ନିବେଶରେ ଏକ ସମନ୍ୱିତ ଲଜିଷ୍ଟିକ୍ସ ପାର୍କ ସ୍ଥାପନ କରିବ । ଏହି ପ୍ରକଳ୍ପରେ ୩୪୫ଟି ନିଯୁକ୍ତି ସୁଯୋଗ ରହିଛି । ଏହା ସହିତ ୫ ମେଗାୱାଟ୍ କ୍ଷମତାର ଛାତ ଉପର ସୌରଶକ୍ତି କେନ୍ଦ୍ର ମଧ୍ୟ ସ୍ଥାପନ କରାଯିବ । ପର୍ଯ୍ୟଟନ ଓ ଆତିଥ୍ୟ କ୍ଷେତ୍ରରେ ଛଅଟି ପ୍ରକଳ୍ପ ପାଇଁ ୧,୦୩୫.୬୨ କୋଟି ଟଙ୍କା ନିବେଶ ହେବ । ଏହା ଦ୍ୱାରା ୧,୩୩୭ଟି ନିଯୁକ୍ତି ସୃଷ୍ଟି ହେବାର ସମ୍ଭାବନା ରହିଛି । ଖୋର୍ଦ୍ଧା, ଝାରସୁଗୁଡ଼ା, ପୁରୀ ଓ କଟକରେ ପଞ୍ଚତାରକା ହୋଟେଲ୍, ବିଳାସପୂର୍ଣ୍ଣ ରିସର୍ଟ ଓ ସମ୍ମିଳନୀ କେନ୍ଦ୍ର ପ୍ରତିଷ୍ଠା କରାଯିବ । ଆଶୀର୍ବାଦ ଇଞ୍ଜିନିୟରିଂ ଆଣ୍ଡ କନ୍‌ଷ୍ଟ୍ରକ୍ସନ୍ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ୩୧୦ କୋଟି ଟଙ୍କା ନିବେଶରେ ଏକ ପଞ୍ଚତାରକା ହୋଟେଲ୍ ସ୍ଥାପନ କରିବ । ଏଥିରେ ୨୭୦ଟି ନିଯୁକ୍ତି ସୁଯୋଗ ରହିଛି । ସ୍ୱାମୀ ରିସର୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ୧୫୩ କୋଟି ଟଙ୍କା ନିବେଶରେ ଆଉ ଏକ ପଞ୍ଚତାରକା ହୋଟେଲ୍ ନିର୍ମାଣ କରିବ, ଯେଉଁଥିରେ ୨୪୯ ଜଣଙ୍କୁ ନିଯୁକ୍ତି ମିଳିବ ।

ଝାରସୁଗୁଡ଼ାରେ ରୋୟାଲ୍ ନେଷ୍ଟ ହସ୍ପିଟାଲିଟି ପ୍ରାଇଭେଟ୍ ଲିମିଟେଡ୍ ୧୫୦ କୋଟି ଟଙ୍କା ବ୍ୟୟରେ ପଞ୍ଚତାରକା ବିଳାସପୂର୍ଣ୍ଣ ରିସର୍ଟ ଓ ସମ୍ମିଳନୀ କେନ୍ଦ୍ର ସ୍ଥାପନ କରିବ । ଏଥିରେ ୧୯୩ଟି ନିଯୁକ୍ତି ସୃଷ୍ଟି ହେବ । ପୁରୀରେ ଶ୍ରୀକୃଷ୍ଣ ଇଣ୍ଟେଟ୍ସ ଆଣ୍ଡ କନ୍‌ଷ୍ଟ୍ରକ୍ସନ୍ ପ୍ରାଇଭେଟ୍ ଲିମିଟେଡ୍ ୧୩୫ କୋଟି ଟଙ୍କା ନିବେଶରେ ଏକ ଉଚ୍ଚମାନର ରିସର୍ଟ ସ୍ଥାପନ କରିବ । ଏଥିରେ ୨୩୫ଟି ନିଯୁକ୍ତି ସୁଯୋଗ ରହିଛି । କେପି ପ୍ରାଇମ୍ ଆସେଟ୍ସ ପ୍ରାଇଭେଟ୍ ଲିମିଟେଡ୍ ୧୨୦ କୋଟି ଟଙ୍କା ନିବେଶରେ ଏକ ପଞ୍ଚତାରକା ବିଳାସପୂର୍ଣ୍ଣ ହୋଟେଲ୍ ସ୍ଥାପନ କରିବ । ଏଥିରେ ୨୫୦ ଜଣଙ୍କୁ ନିଯୁକ୍ତି ମିଳିବ । କଟକରେ ମା' ଭଟ୍ଟାରିକା ମିନେରାଲ୍ସ ୬୪.୦୪ କୋଟି ଟଙ୍କା ନିବେଶରେ ମହାନଦୀ କୂଳରେ ଚାରିତାରକା ରିସର୍ଟ 'ମହାନଦୀ ଆଳୟ' ପ୍ରତିଷ୍ଠା କରିବ । ଏହା ଦ୍ୱାରା ୧୫୦ଟି ନିଯୁକ୍ତି ସୃଷ୍ଟି ହେବ ।

ଲିଣ୍ଡେ ସାଉଥ୍ ଏସିଆ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ୮୨ କୋଟି ଟଙ୍କା ନିବେଶରେ ଏକ ଗ୍ଲୋବାଲ୍ କମ୍ପିଟେନ୍ସି ସେଣ୍ଟର ସ୍ଥାପନ କରିବ । ଏଠାରେ ପରିବହନ ଓ ଦୂରସ୍ଥ ପରିଚାଳନା ସେବା ଯୋଗାଇ ଦିଆଯିବ । ଏହି ପ୍ରକଳ୍ପରେ ୨୧୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ରାଜ୍ୟ ସରକାରଙ୍କ ଏକକ ବାତାୟନ ଅନୁମୋଦନ ବ୍ୟବସ୍ଥା ମାଧ୍ୟମରେ ଏହି ନିବେଶ ପ୍ରସ୍ତାବଗୁଡ଼ିକୁ ଅନୁମତି ମିଳିଛି । ୧୨ଟି ଜିଲ୍ଲାରେ ଏହି ପ୍ରକଳ୍ପଗୁଡ଼ିକର ପ୍ରସ୍ତାବିତ ବିସ୍ତାର ରାଜ୍ୟର ଶିଳ୍ପ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ନିଯୁକ୍ତି, ପର୍ଯ୍ୟଟନ ଓ ଆର୍ଥିକ କାର୍ଯ୍ୟକଳାପକୁ ନୂଆ ଦିଗ ଦେବ ବୋଲି ଆଶା କରାଯାଉଛି । ଏହା ରାଜ୍ୟ ସରକାରଙ୍କ 'ସମୃଦ୍ଧ ଓଡ଼ିଶା ୨୦୩୬' ଲକ୍ଷ୍ୟକୁ ଆଗକୁ ନେବାରେ ସହାୟକ ହେବ ।

ପ୍ରଦେଶ କଂଗ୍ରେସ କମିଟିର ମନସାରଙ୍କୁ ଶ୍ରଦ୍ଧାଞ୍ଜଳି

ଖଇରା,(ସବ୍ୟୁ) :ଖଇରା ବ୍ଲକ ସାରୁଗାଁ ପଞ୍ଚାୟତ ଅଧୀନ କାକୁଡିଆ। ଗ୍ରାମରେ ମନ ସାର ଭାବେ ପରିଚିତ ପୂର୍ବତନ ପ୍ରଧାନଶିକ୍ଷକ ସ୍ୱର୍ଗତ ମନୋରଞ୍ଜନ ବେହେରାଙ୍କୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ ଓ କଂଗ୍ରେସର ବରିଷ୍ଠ ନେତୃବୃନ୍ଦ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଏହି ଅବସରରେ ଭୁବନେଶ୍ୱର କେଶୁରା ବାଇପାସ ଛକସ୍ଥିତ ଗାଲାକ୍ସି ମଣ୍ଡପରେ ଆୟୋଜିତ ସ୍ମୃତିଚାରଣ ସଭାରେ ପିସିସି ସଭାପତିଙ୍କ ସମେତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ବରିଷ୍ଠ ନେତା ସୁର ରାଉତରାୟ,ପୂର୍ବତନ ଏମପି ଅନନ୍ତ ପ୍ରସାଦ ସେଠୀ,ପ୍ରାକ୍ତନ ମୁଖ୍ୟଶାସନ ସଚିବ ବିଜୟ ପଟ୍ଟନାୟକ,ପ୍ରଭାରୀ ସିପି ମିତ୍ତଲ,ହଳଧର ସେଠୀ,ମାନସ କର,ସୋର ର ବିଧାୟକ ପ୍ରାର୍ଥୀ ସୁବ୍ରତ ଧଡା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ପ୍ରଧାନ ଶିକ୍ଷକଙ୍କ ବିଭିନ୍ନ ଗୁଣ ଉପରେ ଆଲୋକପାତ କରିଥିଲେ। ସ୍ୱର୍ଗତ ବେହେରାଙ୍କ ବିଭିନ୍ନ ଗୁଣାବଳୀକୁ ନେଇ ପ୍ରସ୍ତୁତ ସ୍ମରଣିକା ମନେ ପଡନ୍ତି ମନସାରକୁ କଂଗ୍ରେସ ନେତୃବୃନ୍ଦ ଉନ୍ମୋଚନ କରିଥିଲେ। ମନୋରଞ୍ଜନ ବେହେରାଙ୍କ ପୁଅ ତଥା ସିମୁଳିଆ ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ସମସ୍ତ କାର୍ଯ୍ୟର ସଂଯୋଜନା କରିଥିଲେ।

ପୁଣି...

ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ସୂଚନା ଦିଆଯାଇଛି ।

ଆସନ୍ତା ୧ ତାରିଖଠାରୁ ଦକ୍ଷିଣ ଓଡ଼ିଶାରେ ବର୍ଷା ଆରମ୍ଭ ହେବ । ବିଶେଷକରି ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଓ ଗଞ୍ଜାମ ଜିଲ୍ଲାର ସ୍ଥାନେସ୍ଥାନେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି । ଏହି ସମୟରେ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ବହିପାରେ । ୨ ତାରିଖରେ ମାଲକାନଗିରି ଜିଲ୍ଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିଲାବେଳେ ରାୟଗଡ଼ା, କୋରାପୁଟ, ଗଜପତି ଓ ଗଞ୍ଜାମ ଜିଲ୍ଲାର ସ୍ଥାନେସ୍ଥାନେ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

ସମ୍ଭାବ୍ୟ ବାତ୍ୟା କେଉଁ ସ୍ଥାନକୁ ଯିବ ଏବଂ ଗତିପଥ କ'ଣ ରହିବ, ତାହା ଆସନ୍ତା ଦୁଇଦିନ ମଧ୍ୟରେ ସ୍ପଷ୍ଟ ହେବ । ଓଡ଼ିଶାରେ ବର୍ଷାର ପରିମାଣ ଆହୁରି ବୃଦ୍ଧି ପାଇବ କି ନାହିଁ, ତାହା ସ୍ପଷ୍ଟ ଚିହ୍ନିତ ଲଘୁଚାପ ସୃଷ୍ଟି ହେବାପରେ ଜଣାପଡ଼ିବ ବୋଲି ପାଣିପାଗ ବିଶେଷଜ୍ଞ କହିଛନ୍ତି । ଦକ୍ଷିଣ ଆଣ୍ଡାମାନରେ ସୃଷ୍ଟି ହୋଇଥିବା ଲଘୁଚାପ ଆନ୍ଧ୍ର ଆଡ଼କୁ ଯିବାର ଅଧିକ ସମ୍ଭାବନା ରହିଛି ।

ଆସନ୍ତା ୯ରୁ ରାଜ୍ୟସ୍ତରୀୟ ନାଟ୍ୟ ସମାରହ

ବାଲେଶ୍ୱର,(ସବ୍ୟୁ):୨୭ତମ ରାଜ୍ୟସ୍ତରୀୟ ଶିଶୁ ନାଟକ ମୋହତ୍ସବ ୯.୧୧.୨୬ ଠାରୁ ୧୪.୧୧.୨୬ ପର୍ଯ୍ୟନ୍ତ ଗାନ୍ଧୀସ୍ମୃତି ଭବନ ରେ ଅନୁଷ୍ଠିତ ହେବ । ଏଥିରେ ୨୭ଟି ବିଦ୍ୟାଳୟ ଅଂଶ ଗ୍ରହଣ କରିବାର ପ୍ରତିଶୃତି ଦେଇଛନ୍ତି । ୧୫.୧୧.୨୬ ରେ ପିଲାମାନଙ୍କୁ ପୁରସ୍କୃତ କରିବା ସହିତ ସେହି ସନ୍ଧ୍ୟାରେ ଆନନ୍ଦ ଶଙ୍କର ନାଟ୍ୟ ସପ୍ତାହର ଶୁଭାରମ୍ଭ ନାଟ୍ୟକାରଙ୍କ ସଫଳ ଶିଶୁନାଟକ - ବୁଲୁ ଓସ୍ତାଦ ର ମଞ୍ଚନରୁ ଆରମ୍ଭ ହୋଇ ୨୧ ତାରିଖରେ ଉଦଯାପିତ ହେବ । ବାଲେଶ୍ୱରର କଳାକାର, ବାରିପଦାର ସମ୍ଭାବନା, ନାଟ୍ୟଶ୍ରୀ , ଭୁବନେଶ୍ୱରର ନଟରାଜ, ବିଦ୍ୟାକନକ ସୃଜନାନୁଷ୍ଠାନ ଓ ରାଉରକେଲାର ପଞ୍ଚତତ୍ୱ ନାଟ୍ୟସଂସ୍ଥା ଏଥିରେ ଅଂଶ ଗ୍ରହଣ କରିବେ ।

AFFIDAVIT

By virtue of an affidavit sworn before Executive Magistrate, Jaipatna, on dated 29.10.2026. I, Salindra Majhi, S/o- Late Gananchu Majhi, Aged (46), Resident of Vill/Po- Kumjore, Ps- Jaipatna, Dist- Kalahandi. Declare that I have changed my name from **Surendra Majhi** to **Salindra Majhi**. Henceforth, I shall be known as **Salindra Majhi** for all purposes.

Sd/- Salindra Majhi

AFFIDAVIT

By virtue of an affidavit sworn before Executive Magistrate, Jaipatna, on dated 28.10.2026. I, Bhagirathi Majhi, S/o- Late Krushna Majhi, Aged (44), Resident of Vill- Gandaguda, Po- Paikakendumundi, Ps- Jaipatna, Dist- Kalahandi. Declare that I have changed my daughter's name from **Kumari Khitispa Majhi** to **Kshitispa Majhi**. Henceforth, she shall be known as **Kshitispa Majhi** for all purposes.

Sd/-Bhagirathi Majhi

AFFIDAVIT

I, **Prafulla Ch. Nayak**, S/o. Late Krushna Chandra Nayak, resident of Jaipur, Po-Kolar, Ps-Tirtol, Dist-Jagatsinghpur, Pin-754162, Odisha declare by this affidavit No. 19545 dtd. 07.11.2025 that now onwards I shall be known as **PRAFULLA CHANDRA NAYAK** for all future purposes.

GOVERNMENT OF ODISHA
OFFICE OF THE PROJECT ADMINISTRATOR, ITDA, BANAIGADA
Ph/Fax: 06626-244429 | E-mail: itdabni@od.gov.in
QUOTATION/TENDER CALL NOTICE
26001/56/2627 **No. 1015/ITDA(B), Dt. 16.10.2026**

Sealed quotations are invited from reputed Travel Agencies/Tour Operators/Private Individuals for hiring one BS-VI compliant Electric SUV on a monthly basis for the office of the Project Administrator, ITDA, Banaigada.

- Maximum hiring charge: Rs. 55,000/- per month (excluding GST and charging cost)
- Minimum range: 300 KM on a single full charge
- EMD: Rs. 13,200/- by Demand Draft in favour of "Project Administrator, ITDA, Banaigada", payable at Banaigada
- Mandatory: valid GST registration numbers, with copies of the certificates
- Last date of submission: 31.10.2026 up to 3.00 PM
- Opening of tender: 31.10.2026 at 4.00 PM
- Tender forms and terms & conditions: available in the office on working days from 16.10.2026 to 31.10.2026 (up to 1.00 PM)

Incomplete tenders and tenders received after the due date are liable to be rejected. The Project Administrator reserves the right to reject any or all tenders without assigning any reason.

Sd/- Project Administrator
ITDA, Banaigada
OIPR : 26001/26050/1/26-27/0001

BHANJANAGAR MUNICIPALITY
Dist : Ganjam, Odisha,PIN-761126
E-Mail:bhanjanagarn.hud@nic.in, Ph .No. 06821-241107.
13001/2293/2627 Letter No : 2919 / Dt. 27.10.2026
EXPRESSION OF INTEREST (EOI)

Bhanjanagar Municipality invites EOI from experienced, competent and eligible Agencies/Bidders for **Supply & Installation of Drinking Water Kiosk cum RO System at Smart Park Hatibandha of Bhanjanagar Municipality.**

The Tender Schedule will be available at Development Section of Bhanjanagar Municipality @ Rs 1000/- (Rupees One Thousand) only from **Dt- 28.10.2026, 11.00A.M. to 5.00P.M. of 07.11.2026** (With in Office Hour) and the tender schedule received with in stipulated time period will be **open on 09.11.2026 at 11.00 A.M.**. in presence of the respective quotationers and their authorized representatives.

Any other clarification regarding EOI may contact Development Section of Bhanjanagar Municipality or Email:- **bhanjanagarn.hud@gmail.com.**

The authority reserves the right to accept, reject or cancel any or all the quotations without assigning any reason thereof.

Sd/- Executive Officer
Bhanjanagar Municipality
OIPR : 13001/13144/1/26-27/0024

Government of Odisha Department of Water Resources
OFFICE OF THE SUPERINTENDING ENGINEER, BOLANGIR IRRIGATION DIVISION. BOLANGIR
32001/1180/2627 e-mail-ee.bol.irr@gmail.com
e-Procurement Notice No. 03 of 2026-27
BID IDENTIFICATION NO. -BID-BGR-03 of 2026-27
No.5080 / Dated. 27.10.2026

The Superintending Engineer, Balangir Irrigation Division, Balangir on behalf of his Excellency, the Governor of Odisha invites online Percentage rate tenders in Single cover system to be received in online mode only for the works as detailed below. Bid documents consisting of work, estimated cost, cost of tender paper. EMD time of completion , class of contractor, the set of terms & conditions of contract and other necessary documents can be seen in e-Procurement portal www.tendersorissa.gov.in in complete online process only.

1.	Nature of work	:	Civil Works
2.	Number of works	:	1 (One)
3.	Approximate amount put to tender.	:	Rs. 18.18 lakh
4.	Period of completion	:	04 (Four) Calendar months.
5.	Date & time of availability of Bid document in the portal	:	Dt 02.11.2026-10.00 AM to 13.11.2026 up to 5.30 PM
6.	Last date & time of seeking Tender clarification.	:	Dt 13.11.2026 .up to 5.30 PM.
7.	Last date & time of receipt of Bids in the portal.	:	Dt 13.11.2026-upto 5.30 PM
8	Date, time & place of opening of bids in the portal.	:	Dt. 16.11.2026 at 11.00 AM- in the office of the Superintending, Balangir Irrigation Division Balangir
9.	Name & address of the officer Inviting bid.	:	Superintending Engineer, Balangir Irrigation Division, Balangir. At-Laltikra, P.O- Rajendra College, Dist: Balangir, PIN-767002.
10.	Any corrigendum required will be made available in Govt, web-site only.		

Further details can be se

୨୦ 30th ANNIVERSARY
ସମୟ
ପ୍ରତିଷ୍ଠାତା : ବସନ୍ତ କୁମାର ବିଶ୍ୱାଳ
ଶୁକ୍ରବାର, ୩୦ ଅକ୍ଟୋବର ୨୦୨୬
ତ୍ରିଂଶତମ ବିଶେଷାଙ୍କ

ମାଲାବାର ଗୋଲ୍ଡ ପକ୍ଷରୁ ଦୀପାବଳି ଓ ଧନତେରସ୍‌ର ସ୍ୱତନ୍ତ୍ର ଅଫର୍

ଭୁବନେଶ୍ୱର, (ସବ୍ୟୁ) : ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍ର ଭୁବନେଶ୍ୱର ଶାଖା ପକ୍ଷରୁ ଦୀପାବଳି କ୍ୟାମ୍ପେନ୍-୨୦୨୬ ଆରମ୍ଭ କରାଯାଇଛି। ଏହି ଅଫର୍ ନଭେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ରହିବ। ଏଥିସହ ନଭେମ୍ବର ୮ ତାରିଖ ପର୍ଯ୍ୟନ୍ତ ଆର୍ଟିଷ୍ଟ୍ରି ଶୋ' ମଧ୍ୟ ଆୟୋଜିତ ହେଉଛି। ଏହା ମାଧ୍ୟମରେ ଗ୍ରାହକମାନେ ହସ୍ତନିର୍ମିତ ଅଳଙ୍କାରର କଳାତ୍ମକ ନୈପୁଣ୍ୟ ସହ ପାରମ୍ପରିକ ଓ ଆଧୁନିକ ଡିଜାଇନ୍ର ବ୍ୟାପକ ସମ୍ଭାର ଦେଖିବାର ସୁଯୋଗ ପାଇବେ।ଓଡ଼ିଶାର ବହୁମୁଖୀ ପ୍ରତିଭାଧାରୀ ଶ୍ରୀମୟୀ ମିଶ୍ରଙ୍କ ଦ୍ୱାରା ଦୀପାବଳି କ୍ୟାମ୍ପେନ୍ ଓ ଆର୍ଟିଷ୍ଟ୍ରି ଶୋ'ର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍ର ପରିଚାଳନା ଟିମ୍ ଉପସ୍ଥିତ ଥିଲେ। ଆର୍ଟିଷ୍ଟ୍ରି ଶୋ'ରେ ମାଇନ୍ ହୀରା ଅଳଙ୍କାର, ଏରା ଅନ୍କଟ୍ ହୀରା, ପ୍ରେସିଆ ରତ୍ନ ଅଳଙ୍କାର, ଏଥନିକ୍ସ ହସ୍ତନିର୍ମିତ ଅଳଙ୍କାର ଓ ବିରାଜ ରୟାଲ୍ ପୋକ୍କି ଅଳଙ୍କାର ସମେତ ବିଭିନ୍ନ ସ୍ୱତନ୍ତ୍ର



ବ୍ରାଣ୍ଡ୍ର ଅଳଙ୍କାର ପ୍ରଦର୍ଶିତ ହେଉଛି। ଏଥିସହ ଧନତେରସ୍ ଓ ଦୀପାବଳି ପାଇଁ ମନହାରୀ, ଚିତ୍ରାଙ୍ଗୀ ଓ ଜୁଲ୍ କଲେକ୍ସନ୍ ଉପଲବ୍ଧ ହୋଇଛି। ମନହାରୀ କଲେକ୍ସନ୍ରେ ବିଭିନ୍ନ ଉତ୍ସବ ପାଇଁ ଅଳଙ୍କାର, ଚିତ୍ରାଙ୍ଗୀରେ ଓଡ଼ିଶାର ସାଂସ୍କୃତିକ ଓ କଳାତ୍ମକ ଐତିହ୍ୟ ଏବଂ ଜୁଲ୍ କଲେକ୍ସନ୍ରେ ହାଲୁକା ଓଜନର ଅଳଙ୍କାର ରହିଛି। ଦୀପାବଳି ଅବସରରେ କମ୍ପାନୀ ପକ୍ଷରୁ ସୁନା ଅଳଙ୍କାରର ଗଢ଼ା ମଜୁରି ଉପରେ ୩୦ ପ୍ରତିଶତ ପର୍ଯ୍ୟନ୍ତ, ହୀରାର ମୂଲ୍ୟ ଉପରେ ୩୦ ପ୍ରତିଶତ ପର୍ଯ୍ୟନ୍ତ, ଏରା ଓ ପ୍ରେସିଆ ଅଳଙ୍କାରର ଗଢ଼ା ମଜୁରି ଉପରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ଏବଂ ରୁପା ଅଳଙ୍କାରର ଗଢ଼ା ମଜୁରି ଉପରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଘୋଷଣା କରାଯାଇଛି। ଏଥିସହ ଗ୍ରାହକମାନେ ଅଗ୍ରିମ ୧୦ ପ୍ରତିଶତ ଅର୍ଥ ପ୍ରଦାନ କରି ଧନତେରସ୍ ପାଇଁ ଅଳଙ୍କାର ବୁକ୍ କରିପାରିବେ। ବୁକିଂ ସମୟର ଦର କିମ୍ବା ପ୍ରଚଳିତ ଦର ମଧ୍ୟରୁ ଯେଉଁଟି କମ୍ ହେବ, ସେହି ଦରରେ ଅଳଙ୍କାର ମିଳିବ। ଏହାସହ ପ୍ରତ୍ୟେକ ଅଗ୍ରିମ ବୁକିଂରେ ଗ୍ରାହକଙ୍କୁ ଏକ ରୁପା ମୁଦ୍ରା ମାଗଣାରେ ଦିଆଯିବ। ମାଲାବାର ଗ୍ରୁପ୍ର ଅଧ୍ୟକ୍ଷ ଏମ୍ ଅହମ୍ମଦ କହିଛନ୍ତି ଯେ, ପାର୍ବଣ ଋତୁର ଆନନ୍ଦକୁ ଦ୍ୱିଗୁଣିତ କରିବା ସହ ଗ୍ରାହକଙ୍କୁ କ୍ରୟରେ ଅଧିକ ମୂଲ୍ୟ ଓ ସୁବିଧା ପ୍ରଦାନ କରିବା ହେଉଛି ଏହି ଅଫର୍ର ଉଦ୍ଦେଶ୍ୟ। ପ୍ରତ୍ୟେକ ଅଳଙ୍କାର ଏକ କାହାଣୀ ବହନ କରେ ଏବଂ ଦୀପାବଳି ପ୍ରିୟଜନଙ୍କ ସହ ସ୍ମରଣୀୟ ମୁହୂର୍ତ୍ତ ସୃଷ୍ଟି କରିବାର ଅବସର ବୋଲି ସେ କହିଛନ୍ତି।

ମା' ଦକ୍ଷିଣକାଳୀଙ୍କ କାଳୀପୂଜା ନିମନ୍ତେ ମାଟି ଅନୁକୂଳ

ସାକ୍ଷୀଗୋପାଳ,(ସବ୍ୟୁ) : ବୀରଗୋବିନ୍ଦପୁର ଗ୍ରାମର ଆରାଧ୍ୟା ଦେବୀ ମା' ଦକ୍ଷିଣକାଳୀଙ୍କ ଆଗାମୀ କାଳୀପୂଜା ଅବସରରେ ମୃଣ୍ମୟୀ ପ୍ରତିମା ନିର୍ମାଣ ନିମନ୍ତେ ପାରମ୍ପରିକ ମାଟି ଅନୁକୂଳ ଅନୁଷ୍ଠାନ ଭକ୍ତି, ଶ୍ରଦ୍ଧା ଓ ଆଧ୍ୟାତ୍ମିକ ପରିବେଶରେ ସମ୍ପନ୍ନ ହୋଇଛି । ଆସନ୍ତା ନଭେମ୍ବର ୮ ଓ ୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ମା'ଙ୍କ ପବିତ୍ର କାଳୀପୂଜା ପାଇଁ ଏହି ମାଟି ଅନୁକୂଳ ଏକ ମହତ୍ତ୍ୱପୂର୍ଣ୍ଣ ପାରମ୍ପରିକ ବିଧି । ଏହି ଅନୁଷ୍ଠାନ ସହିତ ମା'ଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହୋଇଛି ।

ନର୍ସିଙ୍ଗ ମହାବିଦ୍ୟାଳୟରେ ବୈଜ୍ଞାନିକ ନମୁନା ପ୍ରଦର୍ଶନ



ଭୁବନେଶ୍ୱର (ସବ୍ୟୁ): ହାଇଟେକ ନର୍ସିଙ୍ଗ ମହାବିଦ୍ୟାଳୟରାଉରକେଲା ଠାରେଅଧ୍ୟୟନରତ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ରୋଗୀ ଚିକିତ୍ସା ପ୍ରଣାଳୀ ପଦ୍ଧତି ଓ ବସ୍ତିବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବାର ଅଭିନବ ଆଧୁନିକ ବୈଜ୍ଞାନିକ କୌଶଳର ନମୁନା ପ୍ରଦର୍ଶନ କରିଛନ୍ତି । ଆଗାମୀ ଦିନରେ ଏହି ନମୁନାକୁ ଆଧାରକରି ବିଦ୍ୟାର୍ଥୀ ମାନେ ଉତ୍ତମ ଜ୍ଞାନ ଅର୍ଜନ କରିବା ସହ ଜନସାଧାରଣଙ୍କ ନିକଟତର ହୋଇ ପାରିବେ ବୋଲି ପ୍ରତିଷ୍ଠାତା ଅଧ୍ୟକ୍ଷ ଡ଼କ୍ଟର ତିରୁପତି ପାଣିଗ୍ରାହୀ ସେବିକା ଛାତ୍ର ଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି । ଉକ୍ତ ପ୍ରଦର୍ଶନୀରେ ମନେଜିଙ୍ଗ ଟ୍ରଷ୍ଟି ଡ଼କ୍ଟର ରାକେଶ କୁମାର ପାଣିଗ୍ରାହୀ , ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଶାନ୍ତ ଆଚାର୍ଯ୍ୟ, ସେବିକା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼କ୍ଟର ଶ୍ରାବନ୍ତି ମେଟୁ , ଜ୍ୟୋତିର୍ମୟ ପଣ୍ଡା ଓ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ମହାନ୍ତି ଉପସ୍ଥିତ ରହି ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ।

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ସତର୍କତା ସଚେତନତା ସପ୍ତାହ

ଭୁବନେଶ୍ୱର, (ସବ୍ୟୁ): ସତର୍କତା ସଚେତନତା ସପ୍ତାହ–୨୦୨୬ ଅବସରରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଭୁବନେଶ୍ୱରସ୍ଥିତ



ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ପକ୍ଷରୁ ୨୮ ଅକ୍ଟୋବର ୨୦୨୬ ତାରିଖରେ "ପ୍ରଶାସନରେ ସତର୍କତାର ବିଭିନ୍ନ ଦିଗ" ଶୀର୍ଷକ ଏକ ବକ୍ତୃତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଜୁ ପଟ୍ଟନାୟକ ପୋଲିସ ତାଲିମ ଏକାଡେମୀର ପୋଲିସ ମହାନିରୀକ୍ଷକ ଅନୁପ କୁମାର ସାହୁ, ଆଇପିଏସ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ରାକେଶ କୁମାର ଯାଦବ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ନେଟୱର୍କ–ଓଓର ମହାପ୍ରବନ୍ଧକ ପ୍ରବୁଦ୍ଧ କୁମାର, ନେଟୱର୍କ–ଓର ମହାପ୍ରବନ୍ଧକ ଡଃ ବନ୍ଦନା ଅଗ୍ରୱାଲ ଏବଂ ସତର୍କତା ବିଭାଗର ଉପମହାପ୍ରବନ୍ଧକ ସନ୍ଦୀପ ମୁନ୍ ଉପସ୍ଥିତ ଥିଲେ। ନିଜ ଅଭିଭାଷଣରେ ଅନୁପ କୁମାର ସାହୁ ଏକ ସଂଗଠନଠାରୁ ସାଧାରଣ ଜନତାଙ୍କ ଆଶା ଓ ଆକାଂକ୍ଷା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ସେ ପ୍ରଶାସନରେ ସତର୍କତା, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ନୈତିକ ଆଚରଣର ଗୁରୁତ୍ୱ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ବ୍ୟାଙ୍କର ଆଭ୍ୟନ୍ତରୀଣ କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ଓ କଥକ ନୃତ୍ୟର ମନୋରମ ସାଂସ୍କୃତିକ ପରିବେଷଣ କରାଯାଇଥିଲା, ଯାହା ଉପସ୍ଥିତ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସତର୍କତା ସଚେତନତା ସପ୍ତାହ ଅବସରରେ ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟରେ ଆୟୋଜିତ ବକ୍ତୃତା, ବିତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପ୍ରଶାସନରେ ସତ୍ୟନିଷ୍ଠା, ସ୍ୱଚ୍ଛତା ଓ ନୈତିକ ମୂଲ୍ୟବୋଧର ପ୍ରସାର ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛି।

ବିଏସଏନଏଲ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉଦଘାଟିତ

ଭୁବନେଶ୍ୱର, (ସବ୍ୟୁ) : ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସଏନଏଲ), ଓଡ଼ିଶା ସିଜିଏମଙ୍କ କାର୍ଯ୍ୟାଳୟ ପରିସରରେ ଗୁରୁବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୬ ଉଦଘାଟିତ ହୋଇଛି । ଏହି ଅବସରରେ ସଚ୍ଚୋଟତା ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଏସଏନଏଲ, ଓଡ଼ିଶାର ସିଜିଏମ୍ ଆଇ.ଜି. ସୋରେନ୍ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ସିଜିଏମ୍ ଶ୍ରୀ ସୋରେନ୍ ହିନ୍ଦି ଏବଂ ଇଂରାଜୀରେ ସମସ୍ତ କର୍ମଚାରୀମାନଙ୍କୁ ସଚ୍ଚୋଟତା ଶପଥ ପାଠ କରାଇଥିଲେ । ଏହି ଅବସରରେ ଭିଜିଲାନ୍ସ ଡିଜିଏମ୍ କେ.ସି. ପତି, ସିଏମଟିଏସ-ଏସଏଣ୍ଡଏମ୍ ଜିଏମଜି. ମେହେର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ବିଏସଏନଏଲ ପକ୍ଷରୁ ଆସନ୍ତା ୧ ନଭେମ୍ବର ପର୍ଯ୍ୟନ୍ତ ଦୁର୍ନୀତି ନିବାରଣସ ଚେତନତା ସପ୍ତାହ କାର୍ଯ୍ୟକ୍ରମ ପାଳନ କରାଯିବ । ଏହି ଅବସରରେ ""ବିଏସଏନଏଲ ସଦାଚାର ନିୟମ ଏବଂ ହିତକୁ ନେଇଦ୍ୱନ୍ଦ୍ୱ"", ""ଏଆଇ ବନାମ ଏଆଇ, ସାଇବର ସୁରକ୍ଷାର ନୂତନ ଦିଗ"", ""ଇଂରାଜୀ ପ୍ରବନ୍ଧ ପ୍ରତିଯୋଗିତା" ଏବଂ ଦୁର୍ନୀତି ନିବାରଣ ସଚେତନତା ସପ୍ତାହର ଉଦଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

କେନ୍ଦ୍ରୀୟ ଅନୁଦାନ - କମ୍ ମିଳିଛି

ଭୁବନେଶ୍ୱର(ତଥ୍ୟ) ରାଜ୍ୟକୁ ମିଳିଥିବା କେନ୍ଦ୍ରୀୟ ଅନୁଦାନ ପରିମାଣ ଗତ ଆର୍ଥିକ ବର୍ଷ ତୁଳନାରେ କମ୍ ରହିଛି । ସେପ୍ଟେମ୍ବର ଶେଷ ସୁଦ୍ଧା ଗତବର୍ଷ ତୁଳନାରେ ପ୍ରାୟ ୨୦ ପ୍ରତିଶତ କମ୍ ଅନୁଦାନ ମିଳିବା ଏବେ ଚିନ୍ତାର କାରଣ ହୋଇଛି । ଏହାର ପ୍ରଭାବ ଉନ୍ନୟନ କାର୍ଯ୍ୟ ଉପରେ ପଡିବ ବୋଲି ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ଚଳିତ ଆର୍ଥିକ ବର୍ଷର ବଜେଟ୍‌ରେ କେନ୍ଦ୍ରରୁ ୪୦ହଜାର କୋଟି ଟଙ୍କା ମିଳିବ ବୋଲି ଆକଳନ କରାଯାଇଥିଲା। ତଦନୁଯାୟୀ ରାଜ୍ୟ ସରକାର ବଜେଟ୍ ବୃଦ୍ଧାନ୍ତ କରିଥିଲେ। ତେବେ ସେପ୍ଟେମ୍ବର ଶେଷସୁଦ୍ଧା କେନ୍ଦ୍ରୀୟ ଅନୁଦାନ ବାବଦରେ ରାଜ୍ୟକୁ ମିଳିଛି ମାତ୍ର ୪୫୭୯ କୋଟି ଟଙ୍କା। ଯାହାକି ଗତ ଆର୍ଥିକ ବର୍ଷର ଏହି ସମୟ ତୁଳନାରେ ପ୍ରାୟ ୨୦ ପ୍ରତିଶତ କମ୍ ରହିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ସେପ୍ଟେମ୍ବର ଶେଷସୁଦ୍ଧା କେନ୍ଦ୍ରରୁ ଅନୁଦାନ ବାବଦରେ ୫୭୨୦ କୋଟି ଟଙ୍କା ମିଳିଥିଲା ଓ ସେହିବର୍ଷ ବଜେଟ୍‌ରେ କେନ୍ଦ୍ରରୁ ଅନୁଦାନ ଆକାରରେ ୪୧ହଜାର କୋଟି ଟଙ୍କାରୁ ଅଧିକ ମିଳିବ ବୋଲି ହିସାବ ହୋଇଥିଲା। ତେବେ ଚଳିତ ଆର୍ଥିକ ବର୍ଷର ଛଅମାସରେ କେନ୍ଦ୍ରୀୟ ଅନୁଦାନ ବାବଦରେ ଯେତିକି ଅର୍ଥ ମିଳିଛି ତାହା ବଜେଟ୍ ଆକଳନର ମାତ୍ର ୧୧.୪୪ ପ୍ରତିଶତ ଥିବା ଜଣାଯାଇଛି।

ତେବେ କେନ୍ଦ୍ରୀୟ ଅଂଶଧନ ଟିକସ ବାବଦରେ ମିଳିଥିବା ଅର୍ଥର ପରିମାଣ ଗତ ଆର୍ଥିକ ବର୍ଷ ତୁଳନାରେ ୮ ପ୍ରତିଶତରୁ ଅଧିକ ରହିଛି। ଚଳିତ ଆର୍ଥିକ ବର୍ଷର ସେପ୍ଟେମ୍ବର ଶେଷ ସୁଦ୍ଧା କେନ୍ଦ୍ରୟ ଅଂଶଧନ ଟିକସ ବାବଦରେ ପ୍ରାୟ ୩୧ ହଜାର କୋଟି ଟଙ୍କା ମିଳିଛି ଯାହାକି ଗତବର୍ଷର ଏହି ସମୟରେ ମିଳିଥିବା ଅର୍ଥ ପରିମାଣର ଠାରୁ ୮ ପ୍ରତିଶତରୁ ଅଧିକ ରହିଛି। ସେହିଭଳି ମିଳିଥିବା ଅର୍ଥ ବଜେଟ୍ ଆକଳନ ଅର୍ଥର ୪୫ ପ୍ରତିଶତରୁ ଅଧିକ ରହିଥିବା ହିସାବ କରାଯାଇଛି। ତେବେ ମୋଟାମୋଟି ଭାବେ ଚଳିତ ଆର୍ଥିକ ବର୍ଷର ବଜେଟ୍‌ରେ କେନ୍ଦ୍ରରୁ ଅନୁଦାନ ଓ ଅଂଶଧନ ଟିକସ ବାବଦରେ ୧,୦୭,୫୦୦ କୋଟି ଟଙ୍କା ମିଳିବ ବୋଲି ଆକଳନ ହୋଇଥିବାବେଳେ ସେପ୍ଟେମ୍ବର ଶେଷସୁଦ୍ଧା ୩୫,୪୯୩ କୋଟି ଟଙ୍କା ମିଳିଛି। ଏହା ଗତ ଆର୍ଥିକ ବର୍ଷର ଏହି ସମୟରେ ମିଳିଥିବା ଅର୍ଥଠାରୁ ପ୍ରାୟ ୪ ପ୍ରତିଶତ ଅଧିକ ରହିଥିବାବେଳେ ମୋଟ୍ ଆକଳନର ୩୩ ପ୍ରତିଶତ ଥିବା ଜଣାଯାଇଛି। ଅନ୍ୟ ପକ୍ଷରେ ରାଜ୍ୟ ସରକାରଙ୍କର ନିଜସ୍ୱ ଟିକସ ରାଜସ୍ୱ ଓ ଅଣଟିକସ ରାଜସ୍ୱ ଆଦାୟ ପରିମାଣ ଗତ ଆର୍ଥିକ ବର୍ଷ ତୁଳନାରେ ଅଧିକ ରହିଥିବା ଜଣାଯାଇଛି। ଚଳିତ ଆର୍ଥିକ ବର୍ଷର ସେପ୍ଟେମ୍ବର ଶେଷସୁଦ୍ଧା ନିଜସ୍ୱ ଟିକସ ବାବଦରେ ରାଜ୍ୟ ସରକାର ପାଖାପାଖି ୨୯ହଜାର କୋଟି ଟଙ୍କା ଆଦାୟ କରିଥିବାବେଳେ ଅଣଟିକସ ରାଜସ୍ୱ ବାବଦରେ ୨୭ହଜାର କୋଟି ଟଙ୍କାରୁ ଅଧିକ ଆଦାୟ କରିଛନ୍ତି। ଏହି ଆଦାୟ ଗତ ଆର୍ଥିକ ବର୍ଷର ଏହି ସମୟ ତୁଳନାରେ ଯଥାକ୍ରମେ ୮ ପ୍ରତିଶତ ଓ ୧୪ ପ୍ରତିଶତରୁ ଅଧିକ ରହିଛି। ଉଭୟ ଟିକସ ଆଦାୟ ପରିମାଣ ଗତବର୍ଷ ତୁଳନାରେ ୧୧ ପ୍ରତିଶତରୁ ଅଧିକ ରହିଥିବା ଜଣାଯାଇଛି।

ଟ୍ରାନ୍ସପୋର୍ଟ କର୍ପୋରେସନ ଅଫ ଇଣ୍ଡିଆ ଲିମିଟେଡ ପକ୍ଷରୁ

୨୦୨୬ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା

ଭୁବନେଶ୍ୱର (ସବ୍ୟୁ): ଦେଶର ଅଗ୍ରଣୀ ସମନ୍ୱିତ ମଲ୍ଟିମୋଡାଲ ଲଜିଷ୍ଟିକ୍ସ ଓ ସପ୍ଲାଏ ଚେନ ସଲ୍ୟୁସନ ପ୍ରଦାନକାରୀ ସଂସ୍ଥା ଟ୍ରାନ୍ସପୋର୍ଟ କର୍ପୋରେସନ ଅଫ ଇଣ୍ଡିଆ ଲିମିଟେଡ (ଟିସିଆଇ) ଆଜି ୩୦ ସେପ୍ଟେମ୍ବର ୨୦୨୬ରେ ଶେଷ ହୋଇଥିବା ତ୍ରୈମାସିକ ଓ ଅର୍ଦ୍ଧବାର୍ଷିକର ଆର୍ଥିକ ଫଳାଫଳ ଘୋଷଣା କରିଛି। ଟିସିଆଇ ଟ.୧୩,୯୭୯ ମିଲିୟନର ସମନ୍ୱିତ ରାଜସ୍ୱ ହାସଲ କରିଛି, ଯାହା ଗତ ବର୍ଷର ସମାନ ଅବଧିର ଟ.୧୨,୧୭୪ ମିଲିୟନ ତୁଳନାରେ ୧୪.୮% ଅଧିକ। କମ୍ପାନୀର ସୁଧ, କର, ମୂଲ୍ୟହ୍ରାସ ଓ ଆମର୍ଟାଇଜେସନ ପୂର୍ବରୁ ଆୟ (ଇବିଆଇଟିଡିଏ) ଟ.୧,୭୫୯ ମିଲିୟନ ରହିଛି, ଯାହା କ୍ୟୁ୨/ ଆର୍ଥିକବର୍ଷ୨୦୨୬ର ଟ.୧,୬୨୪ ମିଲିୟନ ତୁଳନାରେ ୮.୩% ଅଧିକ। କର ପରବର୍ତୀ ଲାଭ (ପିଏଟି): କର ପରବର୍ତୀ ଲାଭ ୩% ବୃଦ୍ଧି ପାଇ ଟ.୧,୧୬୯ ମିଲିୟନରେ ପହଂଚିଛି, ଯାହା ଗତ ବର୍ଷର ସମାନ ତ୍ରୈମାସିକରେ ଟ.୧,୧୩୫ ମିଲିୟନ ଥିଲା। ଟ୍ରାନ୍ସପୋର୍ଟ କର୍ପୋରେସନ ଅଫ ଇଣ୍ଡିଆ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ବିନୀତ ଅଗ୍ରୱାଲ କହିଛନ୍ତି, "ଭାରତରେ ଉପଭୋଗ ଓ ବାଣିଜ୍ୟର ପ୍ରବାହ ବଢ଼ିବା ସହିତ ସଡ଼କ, ରେଳ, ଉପକୂଳ ପରିବହନ, ଗୋଦାମ ଓ ପ୍ରଯୁକ୍ତି ଉପରେ ଆଧାରିତ ଟିସିଆଇର ସମନ୍ୱିତ ମଡେଲ କ୍ରମାଗତ ଭାବେ ନିଜର ଶକ୍ତି ପ୍ରମାଣ କରିଚାଲିଛି। ବିବିଧ ପୋର୍ଟଫୋଲିଓ, ଗ୍ରାହକଙ୍କ ସହ ଗଭୀର ସମ୍ପର୍କ ଏବଂ ବୃହତ୍ ସ୍ତରରେ ବିଶ୍ୱସନୀୟ, ପ୍ରଯୁକ୍ତି-ଆଧାରିତ ସପ୍ଲାଏ ଚେନ ସଲ୍ୟୁସନ ଗ୍ରାହକଙ୍କ ବଦଳୁଥିବା ଆବଶ୍ୟକତା ଅନୁସାରେ ସେବା ଯୋଗାଇବାରେ ଆମକୁ ସାହାଯ୍ୟ କରୁଛି। ୩ପିଏଲ, ଗୋଦାମ ଓ ମଲ୍ଟିମୋଡାଲ ଲଜିଷ୍ଟିକ୍ସରେ ଆମେ ଭଲ ଗତି ଦେଖୁଛୁ। ରେଳ, ସଡ଼କ ଓ ଉପକୂଳ ପରିବହନ ଯୋଗୁଁ ଦୂରଗାମୀ ମାଲ ପରିବହନ ଅଧିକ ଦକ୍ଷ ଓ କମ୍ ନିର୍ଗମନଯୁକ୍ତ ହେଉଛି।

ବାଲିଯାତ୍ରା ପ୍ଲଟ ପାଇଁ ପଞ୍ଜୀକରଣ ଅବଧି ୩୧ ପର୍ଯ୍ୟନ୍ତ ବୃଦ୍ଧି

୧ହଜାରରୁ ଅଧିକ ପ୍ଲଟ ପାଇଁ ପଞ୍ଜୀକରଣ ଶେଷ

କଟକ,(ସବ୍ୟୁ): ଐତିହାସିକ କଟକ ବାଲିଯାତ୍ରାକୁ ନେଇ ବ୍ୟବସାୟୀ, ଉଦ୍ୟୋଗୀ ଓ ବିଭିନ୍ନ ଅନୁଷ୍ଠାନ ମଧ୍ୟରେ ବ୍ୟାପକ ଉତ୍ସାହ ପ୍ରକାଶ ପାଇଛି। ଅକ୍ଟୋବର ୧୦ ତାରିଖରୁ ଆରମ୍ଭ ହୋଇଥିବା ପଞ୍ଜୀକରଣ ପ୍ରକ୍ରିୟାରେ କ୍ଷୁଦ୍ର ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ବାଣିଜ୍ୟିକ ସଂସ୍ଥା, ଉଦ୍ୟୋଗ ଓ ଅନୁଷ୍ଠାନଗୁଡ଼ିକ ଆଗ୍ରହର ସହ ସାମିଲ ହୋଇଛନ୍ତି। ପଞ୍ଜୀକରଣ ପ୍ରକ୍ରିୟାକୁ ସରଳ ଓ ସୁବିଧାଜନକ କରିବା ପାଇଁ ଅନଲାଇନ୍ ଓ ଅଫ୍‌ଲାଇନ୍ ଉଭୟ ମାଧ୍ୟମରେ ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ବାଲିଯାତ୍ରା ପଡ଼ିଆରେ ଷ୍ଟଲ୍ ସ୍ଥାପନ ପାଇଁ ପ୍ରାୟ ୧୦୦୦ ପ୍ଲଟ୍‌ର ପଞ୍ଜୀକରଣ ହୋଇସାରିଥିବା ବେଳେ ଆଉ ଅଳ୍ପ କିଛି ପ୍ଲଟ୍ ଖାଲି ରହିଛି। ଆଗ୍ରହୀ ବ୍ୟବସାୟୀଙ୍କ ସୁବିଧା ତଥା ଅଧିକ ଅଂଶଗ୍ରହଣକୁ ଦୃଷ୍ଟିରେ ରଖି ପ୍ଲଟ୍ ପଞ୍ଜୀକରଣର ଶେଷ ତାରିଖକୁ ଆଉ ଗୋଟିଏ ଦିନ ବଢ଼ାଇ ଅକ୍ଟୋବର ୩୧ ତାରିଖ କରାଯାଇଛି। ବାତ୍ୟା ଅର୍ଣ୍ଣବ ଯୋଗୁଁ ସୃଷ୍ଟ ଖରାପ ପାଗ ପାଇଁ ଦୁଇ ଦିନ ହେବ ଆଗ୍ରହୀ ବ୍ୟବସାୟୀ ପଞ୍ଜିକରଣରେ ସାମାନ୍ୟ ହ୍ରାସ ପାଇଥିଲା। ତେଣୁ ଏହି ଅବଧି ଗୋଟିଏ ଦିନ ବୃଦ୍ଧି କରାଯାଇଛି । ଆଗ୍ରହୀ ବ୍ୟବସାୟୀ ଓ ଅନୁଷ୍ଠାନଗୁଡ଼ିକ katakabalijatra.net କିମ୍ବା kataka.odisha.gov.in ୱେବ୍‌ସାଇଟ୍ ମାଧ୍ୟମରେ ଅନଲାଇନ୍‌ରେ ପ୍ଲଟ୍ ପଞ୍ଜୀକରଣ କରିପାରିବେ। ଏଥିସହ ବାରବାଟୀ ପ୍ୟାଲେସ୍‌ରେ ଅଫ୍‌ଲାଇନ୍ ପଞ୍ଜୀକରଣର ସୁବିଧା ମଧ୍ୟ ଉପଲବ୍ଧ ରହିଛି। ଏହି ସୁବିଧା ସକାଳ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲୁଛି ।

ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ମାମଲା

ହାଇକୋର୍ଟଙ୍କ ହସ୍ତକ୍ଷେପକୁ ସ୍ୱାଗତ କଲା ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଗୁରୁବାର ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ତଥା ଓଡ଼ିଶା ବିଧାନସଭାର

ପ୍ରଶାନ୍ତ ମହାସାଗରରେ ଉତ୍ତେଜନା।

ଚୀନର ଶକ୍ତି ପ୍ରଦର୍ଶନ, ୫୦ ଜାହାଜ ମୁତୟନ



ବେଜିଂ/ତାଇପେଇ: ପଶ୍ଚିମ ପ୍ରଶାନ୍ତ ମହାସାଗରରେ ଚୀନ୍ର ବ୍ୟାପକ ନୌସାମରିକ ଗତିବିଧିକୁ ନେଇ ଏସିଆରେ ଉଦ୍ୱେଗ ବଢ଼ିଛି। ଦକ୍ଷିଣ ଜାପାନଠାରୁ ତାଇୱାନ ଦେଇ ଫିଲିପାଇନ୍ସ ନିକଟବର୍ତ୍ତୀ ସମୁଦ୍ର ଅଞ୍ଚଳରେ ଚୀନ୍ର ୫୦ରୁ ଅଧିକ ଯୁଦ୍ଧଜାହାଜ ଓ ଅନ୍ୟ ସରକାରୀ ଜାହାଜ ଚଳାଚଳ କରୁଥିବା ତାଇୱାନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏହାକୁ ନେଇ ତାଇୱାନ, ଜାପାନ ଓ ଫିଲିପାଇନ୍ସ ସତର୍କ ହୋଇପଡ଼ିଛନ୍ତି। ତାଇୱାନର ଜାତୀୟ ସୁରକ୍ଷା ପରିଷଦର ସଚିବ ଜୋସେଫ୍ ୱୁ ପ୍ରକାଶ କରିଥିବା ଏକ ମାନଚିତ୍ରରେ ମୋଟ ୫୩ଟି ଚୀନ୍ ଜାହାଜର ଅବସ୍ଥିତି ଦର୍ଶାଯାଇଛି। ସେଥିମଧ୍ୟରୁ ୩୪ଟି ଯୁଦ୍ଧଜାହାଜ ରହିଛି। ଏଥିରେ ଚୀନ୍ର ବିମାନବାହୀ ଯୁଦ୍ଧଜାହାଜ 'ଲିଆଓନିଙ୍ଗ୍' ମଧ୍ୟ ସାମିଲ ଅଛି। ଏହି ଜାହାଜଗୁଡ଼ିକର ଗତିବିଧି ଉପରେ ତାଇୱାନ ନଜର ରଖିଛି।ଜାପାନର ଦକ୍ଷିଣ ଉପକୂଳ ନିକଟରେ ଚୀନ୍ର ଯୁଦ୍ଧଜାହାଜ ଚଳାଚଳ କରୁଥିବା ଖବର ମଧ୍ୟ ଆସିଛି। ଅନ୍ୟପଟେ ଦକ୍ଷିଣ ଚୀନ୍ ସାଗରକୁ ନେଇ ଫିଲିପାଇନ୍ସ ସହ ଚୀନ୍ର ମତଭେଦ ବଢ଼ିଛି। ତାଇୱାନର ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଏଭଳି ସାମରିକ ଗତିବିଧି ଆଞ୍ଚଳିକ ଶାନ୍ତି ଓ ସ୍ଥିରତାକୁ ପ୍ରଭାବିତ କରିପାରେ। ତେବେ ଚୀନ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ ପୂର୍ବରୁ କହିଥିଲା ଯେ 'ଲିଆଓନିଙ୍ଗ୍'ର ଅଭ୍ୟାସ ନିୟମିତ ସାମରିକ ପ୍ରଶିକ୍ଷଣର ଅଂଶ, ଏହା କୌଣସି ନିର୍ଦ୍ଦିଷ୍ଟ ଦେଶକୁ ଲକ୍ଷ୍ୟ କରି ହୋଇନାହିଁ। ତଥାପି ଏହି ଘଟଣା ଏସିଆ-ପ୍ରଶାନ୍ତ ଅଞ୍ଚଳରେ ସୁରକ୍ଷା ଚିନ୍ତାକୁ ଅଧିକ ତୀବ୍ର କରିଛି।

ୟୁକ୍ରେନ ଷ୍ଟେସନରେ ଡ୍ରୋନ୍ ଆକ୍ରମଣ: ୧୩ ଯାତ୍ରୀ ମୃତ



କିଭ୍: ୟୁକ୍ରେନର ଡନିପ୍ରୋ ରେଳ ଷ୍ଟେସନରେ ଗୁରୁବାର ସକାଳେ ରୁଷିଆ ପକ୍ଷରୁ ଏକ ଭୟାବହ ଜେଟ୍-ପାୱାର୍ଡ ଡ୍ରୋନ୍ ଆକ୍ରମଣ କରାଯାଇଛି। ଷ୍ଟେସନର ପ୍ଲାଟଫର୍ମରେ ଛିଡ଼ା ହୋଇଥିବା ଏକ ଯାତ୍ରୀବାହୀ ଟ୍ରେନ୍ ଉପରେ ଏହି ଡ୍ରୋନ୍ ମାଡ଼ ହେବା ଫଳରେ ୧୩ ଜଣ ଯାତ୍ରୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ୧୦ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ୟୁକ୍ରେନୀୟ ରେଳବାଇ ପକ୍ଷରୁ ଟେଲିଗ୍ରାମରେ ଦିଆଯାଇଥିବା ସୂଚନା ଅନୁଯାୟୀ, ଡନିପ୍ରୋରୁ ଜାପୋରଜିଆ ଯିବାକୁ ଥିବା ନଂ ୮୬୬ ନିୟମିତ ଇଲେକ୍ଟ୍ରିକ୍ ଟ୍ରେନଟି ପ୍ଲାଟଫର୍ମରେ ଛିଡ଼ା ହୋଇଥିବା ସମୟରେ ରୁଷର କ୍ଷେପଣାସ୍ତ୍ର ସଦୃଶ ଜେଟ୍ ଡ୍ରୋନ୍ ସିଧାସଳଖ ଆସି ପିଟି ହୋଇଥିଲା। ବିପଦପୂର୍ଣ୍ଣ ସାଇରନ୍ ବାଜିବା ସତ୍ତ୍ୱେ ଯାତ୍ରୀମାନେ ପ୍ଲାଟଫର୍ମରେ ଉପସ୍ଥିତ ଥିବାରୁ ମୃତାହତଙ୍କ ସଂଖ୍ୟା ବୃଦ୍ଧି ପାଇଛି। ସାଧାରଣ ନାଗରିକଙ୍କ ଉପରେ ଆକ୍ରମଣକୁ ନେଇ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଗଭୀର କ୍ଷୋଭ ପ୍ରକାଶ କରିବା ସହ ଅନ୍ତର୍ଜାତୀୟ ସମୁଦାୟର ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସୋସିଆଲ ମିଡିଆ "ଏକ୍ସ" ରେ ଲେଖି ଜେଲେନସ୍କି ପ୍ରଶ୍ନ କରିଛନ୍ତି ଯେ, କେତେକ ରୁଷୀୟ ଶକ୍ତି କ୍ଷେତ୍ର ଉପରୁ ପ୍ରତିବନ୍ଧକ ହଟାଯିବା ପରଠାରୁ ରୁଷ ନିଜର ଆକ୍ରମଣକାରୀ ମନୋଭାବ କମାଇବା ପରିବର୍ତ୍ତେ ନିରୀହ ଜନସାଧାରଣଙ୍କ ଉପରେ ଆହୁରି କେତେ ଆତଙ୍କବାଦୀ ଆକ୍ରମଣ ଚଳାଇବ? ଅପରପକ୍ଷରେ, ଡନିପ୍ରୋ ମେୟର ବୋରିସ୍ ଫିଲାଟୋଭ୍ ଏହାକୁ ସହର ପାଇଁ ଏକ ବଡ଼ ଟ୍ରାଜେଡ଼ି ବୋଲି କହିଛନ୍ତି।

କୁକି ଗଡ଼ରେ ବନ୍ଦୀ ୧୪୭ ନାଗା ନାଗରିକ

ମଣିପୁର ଅଶାନ୍ତ

ଇମ୍ଫାଲ/କାଙ୍ଗପୋକପି: ମଣିପୁରରେ ମେଇତେଇ-କୁକି ହିଂସା ପରେ ଏବେ ନାଗା ଓ କୁକି ସମ୍ପ୍ରଦାୟ ମଧ୍ୟରେ ଚାଲିଥିବା ରକ୍ତାକ୍ତ ସଂଘର୍ଷ ସ୍ଥିତିକୁ ଅଧିକ ଜଟିଳ କରିଦେଇଛି। କାଙ୍ଗପୋକପି ଜିଲ୍ଲାର କୋନସାଖୁଲ୍ ଗ୍ରାମରେ ରହୁଥିବା ୧୪୭ ଜଣ ନାଗା ନାଗରିକ ଗତ ପାଞ୍ଚ ମାସ ହେବ ନିଜ ଗାଁ ଭିତରେ ଏକପ୍ରକାର ବନ୍ଦୀ ଜୀବନ ବିତାଉଛନ୍ତି। ଗ୍ରାମରୁ ବାହାରକୁ ଯିବା ପାଇଁ ଥିବା ଏକମାତ୍ର ରାସ୍ତାଟି କୁକି-ବହୁଳ ଅଞ୍ଚଳ ଦେଇ ଯାଇଥିବାରୁ, ଆକ୍ରମଣ ଓ ଅପହରଣ ଭୟରେ ଗ୍ରାମବାସୀ ଗାଁ ବାହାରକୁ ପାଦ କାଢ଼ିପାରୁ ନାହାନ୍ତି। ଗତ ମେ' ୧୩ ତାରିଖରେ ଏହି ଗ୍ରାମର ୨୦ ଜଣ ନାଗା ନାଗରିକଙ୍କୁ ନିକଟସ୍ଥ ଲୋଇଲନ୍ ଭାଇଫେଇ ଗ୍ରାମର କୁକି ଗ୍ରାମବାସୀ ଅପହରଣ କରି ଉଗ୍ରପନ୍ଥୀଙ୍କୁ ହସ୍ତାନ୍ତର କରିଥିଲେ। ପରବର୍ତ୍ତୀ ସମୟରେ ଜୁନ୍ ୧୦ ତାରିଖରେ ସୁରକ୍ଷା ବାହିନୀ ୬ ଜଣ ନାଗା ଯୁବକଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏହି ଘଟଣା ପରଠାରୁ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଗ୍ରାମରେ ଥିବା ୭୬ଟି ପରିବାର ମଧ୍ୟରୁ ଅନେକ ସୁରକ୍ଷିତ ସ୍ଥାନକୁ ଚାଲିଯାଇଥିବା ବେଳେ ଜମି ଜବରଦଖଲ ଭୟରେ ପ୍ରାୟ ୪୬ଟି ପରିବାରର ୧୪୭ ଜଣ ଲୋକ ଗାଁ ନଛାଡ଼ି ସେଠାରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି। ସମ୍ପ୍ରତି ଗ୍ରାମବାସୀଙ୍କୁ ଜରୁରୀକାଳୀନ ଖାଦ୍ୟସାମଗ୍ରୀ, ଔଷଧ ଏବଂ ନିତ୍ୟବ୍ୟବହାର୍ଯ୍ୟ ଜିନିଷ ଯୋଗାଇବା ପାଇଁ ସିଆରପିଏଫ୍ ଯବାନମାନେ ନିୟୋଜିତ ଅଛନ୍ତି।

ଆମେରିକାର ପରମାଣୁ କେନ୍ଦ୍ରରେ ଅଗ୍ନିକାଣ୍ଡ: ଜରୁରୀ ପରିସ୍ଥିତି ଘୋଷଣା



ୱାଶିଂଟନ: ଆମେରିକାର ଦକ୍ଷିଣ କାରୋଲିନା ରାଜ୍ୟର ଏକ ପ୍ରମୁଖ ପରମାଣୁ କେନ୍ଦ୍ରର ଏକ ପରୀକ୍ଷାଗାରରେ ଅଗ୍ନିକାଣ୍ଡ ଘଟିବା ପରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି। ଆଇକେନ୍ ସହର ନିକଟସ୍ଥ ସାଭାନା ନଦୀ ସାଇଟ୍(ଏସଆରଏସ) କମ୍ପ୍ଲେକ୍ସରେ ଥିବା ସାଭାନା ନଦୀ ଜାତୀୟ ପରୀକ୍ଷାଗାରରେ ଅଗ୍ନିକାଣ୍ଡ ଘଟିଛି। ଅଧିକାରୀଙ୍କ ଅନୁଯାୟୀ, ତୁରନ୍ତ ଜରୁରୀକାଳୀନ କାର୍ଯ୍ୟ ଆରମ୍ଭ କରାଯାଇଥିଲା ଏବଂ ପ୍ରାୟ ଦୁଇ ଘଣ୍ଟା ପରେ ନିଆଁ ଲିଭାଇ ଦିଆଯାଇଥିଲା। ଅଧିକାରୀମାନେ କହିଛନ୍ତି ଯେ, ପ୍ରଭାବିତ କୋଠା ବାହାରେ ତେଜସ୍କ୍ରିୟ ପଦାର୍ଥ ବ୍ୟାପିବାର କୌଣସି ରିପୋର୍ଟ ନାହିଁ। ସତର୍କତା ସ୍ୱରୂପ, ପରୀକ୍ଷାଗାର ପ୍ରବେଶ ସ୍ଥାନଗୁଡ଼ିକୁ ବନ୍ଦ କରିଦିଆଯାଇଛି ଏବଂ ବାହାରୁ ପ୍ରବେଶ କରୁଥିବା ଯାନବାହାନ ଗୁଡ଼ିକୁ ବନ୍ଦ କରିଦିଆଯାଇଛି। ପରୀକ୍ଷାଗାର ଚାରିପାଖରେ ରେଳ, ନଦୀ ଏବଂ ବିମାନ ଯାତ୍ରାକୁ ମଧ୍ୟ ପ୍ରତିବନ୍ଧିତ କରାଯାଇଛି। ସ୍ଥାନୀୟ ବାସିନ୍ଦାଙ୍କୁ ରେଡିଓ ଏବଂ ଟେଲିଭିଜନ ଖବର ବିଷୟରେ ଅପଡେଟ୍ ରହିବାକୁ ପରାମର୍ଶ ଦିଆଯାଇଛି। ରଣନୈତିକ ସୁରକ୍ଷା ମିଶନକୁ ସମର୍ଥନ ସାଭାନା ନଦୀ ସ୍ଥଳ ହେଉଛି ଆମେରିକାର ପରମାଣୁ ଅସ୍ତ୍ର କାର୍ଯ୍ୟକ୍ରମ ସହିତ ଜଡିତ ଏକ ପ୍ରମୁଖ ପରୀକ୍ଷାଗାର। ଏହା ୭୫ ବର୍ଷରୁ ଅଧିକ ସମୟ ଧରି ଆମେରିକୀୟ ସେନାର ରଣନୈତିକ ସୁରକ୍ଷା ମିଶନକୁ ସମର୍ଥନ କରିଆସୁଛି। ଆମେରିକାର ଶକ୍ତି ବିଭାଗ ଅନୁଯାୟୀ, ଏହି ସୁବିଧା ପରମାଣୁ ସାମଗ୍ରୀ ଏବଂ ରେଡିଓଆକ୍ଟିଭ ଅପଚୟକୁ ପରିଚାଳନା କରିଥାଏ।ସେଣ୍ଟରଟି ୧୯୫୦ ଦଶକରେ ନିର୍ମିତ ହୋଇଥିଲା ନ୍ୟୁକ୍ଲିୟର ସେଣ୍ଟରର ୱେବସାଇଟ୍ ଅନୁଯାୟୀ, ଏହାର ପ୍ରାଥମିକତା ହେଉଛି କର୍ମଚାରୀ, ଜନସାଧାରଣ ଏବଂ ପରିବେଶର ସୁରକ୍ଷା ଏବଂ ଦେଶର ସୁରକ୍ଷା ସୁନିଶ୍ଚିତ କରିବା। ଏହି ସେଣ୍ଟରଟି ୧୯୫୦ ଦଶକରେ ନିର୍ମିତ ହୋଇଥିଲା। ସେହି ସମୟରେ ଏଠାରେ ପାଞ୍ଚଟି ନ୍ୟୁକ୍ଲିୟର ରିଆକ୍ଟର ନିର୍ମାଣ କରାଯାଇଥିଲା। ଏଗୁଡ଼ିକ ନ୍ୟୁକ୍ଲିୟର ଅସ୍ତ୍ରଶସ୍ତ୍ରରେ ବ୍ୟବହୃତ ସାମଗ୍ରୀ ଉତ୍ପାଦନ କରିବା ପାଇଁ ବ୍ୟବହୃତ ହେଉଥିଲା। ମୁଖ୍ୟତଃ ଟ୍ରିଟିୟମ୍ ଏବଂ ପ୍ଲୁଟୋନିୟମ୍-୨୩୯। ଏଠାରେ ଦୁଇଟି ରାସାୟନିକ ପୃଥକୀକରଣ ପ୍ଲାଣ୍ଟ ମଧ୍ୟ ନିର୍ମିତ ହୋଇଥିଲା। ଏହା ସହିତ ଅନ୍ୟାନ୍ୟ ସହାୟକ ସୁବିଧା ମଧ୍ୟ ନିର୍ମାଣ କରାଯାଇଥିଲା।

ବାଂଲା ବାୟୁସେନା ଅଧିକାରୀଙ୍କ ରହସ୍ୟମୟ ମୃତ୍ୟୁ

ଶେଖ ହସିନାଙ୍କ ପଳାୟନର କରିଥିଲେ ଭିଡିଓ ସୁଟିଂ

ଢାକା: ଅଗଷ୍ଟ ୨୦୨୪ରେ ଶେଖ୍ ହସିନା ଦେଶ ଛାଡି ପଳାୟନ କରିବାର ଭିଡିଓ ସୁଟିଂ କରିଥିବା ବାଂଲାଦେଶ ବାୟୁସେନାର ଜଣେ ପୂର୍ବତନ ଅଧିକାରୀଙ୍କ ମୃତଦେହ ଢାକା ନଦୀରେ ଭାସମାନ ଅବସ୍ଥାରେ ମିଳିଛି। ତାଙ୍କ ପରିବାର ଭିଡିଓ ସୁଟିଂ ଫୁଟେଜକୁ ନେଇ ହତ୍ୟା ଓ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ୨୮ ବର୍ଷୀୟ ଫ୍ଲାଇଟ୍ ଲେଫ୍ଟନାଣ୍ଟ କେଏମ୍ ତାହସିଫ୍ ସୌରୀ ନିଖୋଜ ହେବାର ଗୋଟିଏ ଦିନ ପରେ ବୁଧବାର (୨୮ ଅକ୍ଟୋବର) ତାଙ୍କ ମୃତଦେହ ତୁରାଗ ନଦୀରୁ ଉଦ୍ଧାର କରାଯାଇଥିଲା। ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଅଧିକାରୀମାନେ କହିଛନ୍ତି। ସୌରୀଙ୍କ ସମ୍ପର୍କୀୟ ଭାଇ, ମୋଶଫେକା ଜାହାନ, ଫେସବୁକରେ ଅଭିଯୋଗ କରିଛନ୍ତି ଯେ, ସେ ହସିନାଙ୍କ ଭିଡିଓ ପାଇଁ ନିର୍ଯାତନାର ସମ୍ମୁଖୀନ ହୋଇଥିଲେ ଓ ତାଙ୍କୁ ହତ୍ୟା କରାଯାଇଥିଲା। ଅଗଷ୍ଟ ୨୦୨୪ ରେ ବାଂଲାଦେଶ ବାୟୁସେନାରୁ ସୌରିଙ୍କୁ ବହିଷ୍କାର କରାଯିବା ଓ ଶେଖ ହାସିନାଙ୍କ ଦେଶ ଛାଡି ପଳାୟନର ଫୁଟେଜ୍ ସେୟାର କରିବାରେ ତାଙ୍କର କଥିତ ଭୂମିକା ବିଷୟରେ ପ୍ରଶ୍ନ ଉଠିଛି। ତେବେ କର୍ତ୍ତୃପକ୍ଷ ଭିଡିଓ ପ୍ରକାଶ କରିବାରେ ତାଙ୍କର ସମ୍ପୃକ୍ତିକୁ ନିଶ୍ଚିତ କରିନାହାନ୍ତି କିମ୍ବା ଏହାସହିତ ସୌରିଙ୍କ ମୃତ୍ୟୁ ମଧ୍ୟରେ କୌଣସି ସମ୍ପର୍କ ସ୍ଥାପନ କରିନାହାନ୍ତି। ଭାରତରେ ନିର୍ବାସିତ ଭାବେ ଥିବା ଶେଖ୍ ହସିନା ବାଂଲାଦେଶ ଫେରିବାକୁ ଘୋଷଣା କରିଥିଲେ। ତାଙ୍କ ପ୍ରତ୍ୟାବର୍ତ୍ତନ ପୂର୍ବରୁ ବାୟୁସେନା ଅଧିକାରୀଙ୍କ ମୃତ୍ୟୁ ଘଟିଛି।

ଦକ୍ଷିଣ କୋରିଆକୁ ଟାର୍ଗେଟ: ଉତ୍ତର କୋରିଆର ୧୦ କ୍ଷେପଣାସ୍ତ୍ର ନିକ୍ଷେପ



ସିଓଲ: ଦକ୍ଷିଣ କୋରିଆ ସହ ସମ୍ପର୍କ ତିକ୍ତ ହେଉଥିବା ବେଳେ ଉତ୍ତର କୋରିଆ ପକ୍ଷରୁ ଗୁରୁବାର ସମୁଦ୍ର ଆଡ଼କୁ ପ୍ରାୟ ୧୦ଟି ସ୍ୱଳ୍ପ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଛି। ଦକ୍ଷିଣ କୋରିଆର ସେନା ଏହି ସୂଚନା ଦେଇଛି। ଏହାକୁ ନେଇ ଅଞ୍ଚଳରେ ସାମରିକ ଉତ୍ତେଜନା ବଢ଼ିଛି। ଦକ୍ଷିଣ କୋରିଆର ସେନା ଅନୁଯାୟୀ, ଉତ୍ତର କୋରିଆର ପୂର୍ବ ଉପକୂଳବର୍ତ୍ତୀ ୱନସାନ ଅଞ୍ଚଳରୁ ଏହି କ୍ଷେପଣାସ୍ତ୍ରଗୁଡ଼ିକ ନିକ୍ଷେପ କରାଯାଇଛି। ଏହାପରେ ଦକ୍ଷିଣ କୋରିଆ ନିଜର ନିରୀକ୍ଷଣ ବଢ଼ାଇବା ସହ ଆମେରିକା ଓ ଜାପାନ ସହ ତଥ୍ୟ ଆଦାନପ୍ରଦାନ କରୁଛି। ଗତ ସେପ୍ଟେମ୍ବରରେ ସୀମା ନିକଟରେ ବାରୁଦ ସୁଡ଼ଙ୍ଗ ବିସ୍ଫୋରଣରେ ଦକ୍ଷିଣ କୋରିଆର ତିନି ଜଣ ସୈନିକ ଆହତ ହୋଇଥିଲେ। ଏଥିପାଇଁ ଦକ୍ଷିଣ କୋରିଆ ଉତ୍ତର କୋରିଆକୁ ଦାୟୀ କରିଥିବା ବେଳେ ପ୍ୟୋଙ୍ଗୟାଙ୍ଗ ଏହାକୁ ଖଣ୍ଡନ କରିଛି। ସୀମାରେ ନୂଆ ଅସ୍ତ୍ର ମୁତୟନ ଓ ପ୍ରଚାର ଧ୍ୱନିବର୍ଦ୍ଧକ ପୁଣି ଚାଲୁ କରିବାକୁ ଉତ୍ତର କୋରିଆର ଧମକ ପରେ ଏହି ଘଟଣା ଦୁଇ ଦେଶ ମଧ୍ୟରେ ସଂଘର୍ଷ ଆଶଙ୍କା ବଢ଼ାଇଛି। ଗୁରୁବାରର ଉତ୍କ୍ଷେପଣ କରାଯାଇଥିବା କ୍ଷେପଣାସ୍ତ୍ର ଗତ କିଛି ସପ୍ତାହ ତଳେ ଉତ୍ତର କୋରିଆ ଦ୍ୱାରା ପରୀକ୍ଷଣ କରାଯାଇଥିଲା, ଯେଉଁଥିରେ ବୁଡ଼ାଜାହାଜରୁ ନିକ୍ଷେପ କରାଯାଇଥିବା କ୍ରୁଜ୍ କ୍ଷେପଣାସ୍ତ୍ର ଓ ହାଇପରସୋନିକ୍ କ୍ଷେପଣାସ୍ତ୍ର ସାମିଲ। ବିଶେଷଜ୍ଞମାନେ କହିଛନ୍ତି ଯେ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କିମ୍ ଜୋଙ୍ଗ ଉନଙ୍କ ସହିତ କୂଟନୀତି ପୁନଃସ୍ଥାପିତ କରିବାକୁ ଇଚ୍ଛା ପ୍ରକାଶ କରିବାରୁ ଉତ୍ତର କୋରିଆ ଆମେରିକା ଉପରେ ଚାପ ପକାଇବାକୁ ଏପରି କାର୍ଯ୍ୟାନୁଷ୍ଠାନ ନେଉଥିବା ଅନୁମାନ କରାଯାଉଛି।

ବିଜେପି ହାତରୁ ଗଲା ବାରାଣସୀ, ନାଗପୁର ଆସନ

ନୂଆଦିଲ୍ଲୀ: ଉତ୍ତରପ୍ରଦେଶ, ମହାରାଷ୍ଟ୍ର,ବିହାର ଏବଂ କର୍ଣ୍ଣାଟକର ଆଦି ଚାରି ରାଜ୍ୟର ୨୮ଟି ବିଧାନ ପରିଷଦ ଆସନ ପାଇଁ ନିର୍ବାଚନ ଫଳାଫଳ ନେଇ ଶାସକ ବିରୋଧୀ ମୁହାଁମୁହିଁ ହୋଇଛନ୍ତି। ବାରାଣସୀ ଏବଂ ନାଗପୁର ଆସନ ଶାସକ ଦଳ ହାତରୁ ଖସିବା ନେଇ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ଶିକ୍ଷକ ଏବଂ ସ୍ନାତକ ନିର୍ବାଚନ ମଣ୍ଡଳୀର ୧୧ଟି ଉତ୍ତର ପ୍ରଦେଶ ବିଧାନ ପରିଷଦ ଆସନ ମଧ୍ୟରୁ ବିଜେପି ଛଅଟି ଆସନ ଜିତିଛି। ଯେତେବେଳେ ସମାଜବାଦୀ ପାର୍ଟି ପାଞ୍ଚଟିରେ ବିଜୟୀ ହୋଇଛି। ବାରାଣସୀରେ ସମାଜବାଦୀ ପାର୍ଟି ଶିକ୍ଷକ ଏବଂ ସ୍ନାତକ ଉଭୟ ନିର୍ବାଚନ ମଣ୍ଡଳୀରେ ବିଜେପି ପରାସ୍ତ ହୋଇଛି। ବାରାଣସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକସଭା ନିର୍ବାଚନ ମଣ୍ଡଳୀ। ତେଣୁ ଏହି ଫଳାଫଳକୁ ନେଇ ରାଜନୈତିକ ବାକ୍ ଯୁଦ୍ଧ ତୀବ୍ର ହେବାରେ ଲାଗିଛି । ମହାରାଷ୍ଟ୍ରର ନାଗପୁରରେ କଂଗ୍ରେସ ମଧ୍ୟ ବିଜେପି ନେତୃତ୍ୱାଧୀନ ମହାୟୁତି ମେଣ୍ଟଠାରୁ ଆସନ ଛଡ଼ାଇ ନେଇଛି। ନାଗପୁର ହେଉଛି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମୁଖ୍ୟାଳୟ ଏବଂ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀଙ୍କ ଗୃହକ୍ଷେତ୍ର। ମାତ୍ର ଦଳ ସେଠାରେ ବିଜୟ ଧାରାରୁ ବିଚ୍ଛିନ୍ନ ହୋଇଯାଇଛି।

ଡିଜିଟାଲ ଠକେଇ: ବ୍ୟାଙ୍କ ଦେବେ କ୍ଷତିପୂରଣ

ନୂଆଦିଲ୍ଲୀ: ଡିଜିଟାଲ ଠକେଇ ପାଇଁ ବ୍ୟାଙ୍କଗୁଡ଼ିକୁ ଉତ୍ତରଦାୟୀ କରାଯିବା ଦରକାର। ଡିଜିଟାଲ ଠକେଇ ପୀଡ଼ିତଙ୍କୁ ସୁରକ୍ଷା ଦେବା ବ୍ୟାଙ୍କଗୁଡ଼ିକର ଦାୟିତ୍ୱ। ଡିଜିଟାଲ ଠକେଇ ପୀଡ଼ିତଙ୍କୁ ବ୍ୟାଙ୍କ ପକ୍ଷରୁ କ୍ଷତିପୂରଣ ମିଳିବା ସପକ୍ଷରେ ମତ ରଖିଛନ୍ତି ସର୍ବୋଚ୍ଚ ଅଦାଲତ।ଯଦି ଡିଜିଟାଲ ଗିରଫଦାରୀ ଠକେଇ ଦ୍ୱାରା କେହି କ୍ଷତି ସହୁଛନ୍ତି ଓ ବ୍ୟାଙ୍କର ଅବହେଳା ଯୋଗୁ ସାଇବର ଲୁଟେରା ସେମାନଙ୍କ ଯୋଜନାରେ ସଫଳ ହେଉଛନ୍ତି, ତା'ହେଲେ ଆର୍ଥିକ ସଂସ୍ଥା ପ୍ରଭାବିତଙ୍କୁ କ୍ଷତିପୂରଣ ଦେବା ଆବଶ୍ୟକ ବୋଲି କହିଛନ୍ତି କୋର୍ଟ। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି ଯେ ବାଧ୍ୟତାମୂଳକ ପ୍ରତିଷେଧକ ମୂଳକ ପଦକ୍ଷେପର ଆବଶ୍ୟକତା ରହିଛି। ଗ୍ରାହକଙ୍କ ବ୍ୟାଙ୍କ ଆକାଉଣ୍ଟରେ ଅସ୍ୱାଭାବିକ ନେଣଦେଣକୁ ତୁରନ୍ତ ରଦ୍ଦ କରାଯାଉ। ସନ୍ଦେହଜନକ କାର୍ଯ୍ୟକଳାପର ସ୍ଥଯଚାଳିତ ରିପୋର୍ଟିଂ ଓ ଫିଜିକାଲ ଯାଞ୍ଚ ଭଳି ବ୍ୟବସ୍ଥାକୁ ବ୍ୟାଙ୍କ ଆପଣାଇବା ଉଚିତ। ଏହାଦ୍ୱାରା ବାସ୍ତବରେ ଆକାଉଣ୍ଟଧାରୀ ନେଣଦେଣ କରୁଛନ୍ତି କି ନାହିଁ, ତାହା ସ୍ପଷ୍ଟ ହୋଇପାରିବ। ଶୁଣାଣି ବେଳେ ସିଜେଆଇ ଆହୁରି କହିଛନ୍ତି ଯେ "ବ୍ୟାଙ୍କର୍ସ ଭାବେ ପୀଡ଼ିତଙ୍କୁ ସୁରକ୍ଷା ଦେବା ଆପଣମାନଙ୍କ କର୍ତ୍ତବ୍ୟ। ପ୍ରାଧିକୃତ ଅଧିକାରୀମାନେ ଏହି ପ୍ରସଙ୍ଗରେ କ'ଣ କରୁଛନ୍ତି? ଆପଣମାନେ ବଡ଼ ବଡ଼ କମ୍ପାନୀର ନେଣଦେଣ ବେଳେ ସମ୍ଭବତଃ ଅସ୍ୱାଭାବିକ ଅନୁଭବ କରି ନ ପାରନ୍ତି। କିନ୍ତୁ ଯେଉଁ ବ୍ୟକ୍ତି ସାଧାରଣତଃ ୧୦ କିମ୍ବା ୨୦ ହଜାର ଉଠାନ୍ତି, କିନ୍ତୁ ହଠାତ୍ ଯଦି ସେ ୫୦ ହଜାର ଉଠାଉଛନ୍ତି, ତା'ହେଲେ ଆପଣମାନେ ଏହାକୁ ଅସ୍ୱାଭାବିକ ଭାବିବେ ନାହିଁ?"ଏହି ଖଣ୍ଡପୀଠରେ ସିଜେଆଇଙ୍କ ସମେତ ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି ମୋହନା ରହିଛନ୍ତି।

ପେଣ୍ଟାଗନରୁ ଆଉ ଜଣେ ଜେନେରାଲ ବହିଷ୍କୃତ

ୱାଶିଂଟନ: ଆମେରିକାର ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ ପେଣ୍ଟାଗନର ଜଣେ ବରିଷ୍ଠ ସାମରିକ ରଣନୀତିଜ୍ଞ ସେନା ଲେଫ୍ଟନାଣ୍ଟ ଜେନେରାଲ ବ୍ରେଟ୍ ସିଲଭିଆଙ୍କୁ ଜଏଣ୍ଟ ଷ୍ଟାଫ୍ଙ୍କ ପଦରୁ ହଟାଇ ଦେଇଛନ୍ତି। ରିପୋର୍ଟ ଅନୁଯାୟୀ,ସେ ଜଏଣ୍ଟ ଷ୍ଟାଫ୍ଙ୍କ ରଣନୀତି ଯୋଜନା ଏବଂ ନୀତି ନିର୍ଦ୍ଦେଶାଳୟର ମୁଖ୍ୟ ଥିଲେ ଯାହା ଜେ-୫ ଭାବରେ ଜଣାଶୁଣା। ଇରାନ ସହିତ ଚାଲିଥିବା ଉତ୍ତେଜନା ମଧ୍ୟରେ ଏହି ବଡ଼ ପଦକ୍ଷେପ ନିଆଯାଇଛି। ଆମେରିକା ସେନାରେ ଜେ-୫ ହେଉଛି ରଣନୀତି, ଯୋଜନା ଏବଂ ନୀତି ନିର୍ଦ୍ଧାରଣ କରୁଥିବା ଏକ ପ୍ରମୁଖ ବିଭାଗ। ଏହା ୟୁଏସ୍ ଜଏଣ୍ଟ ଚିଫ୍ସ ଅଫ୍ ଷ୍ଟାଫ୍ସର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ।

ପାକିସ୍ତାନରେ ଅମ୍ଳଜାନ ସିଲିଣ୍ଡର ବିସ୍ଫୋରଣ, ୧୦ ମୃତ



ଇସଲାମାବାଦ: ପାକିସ୍ତାନର ଦକ୍ଷିଣାଞ୍ଚଳ ସିନ୍ଧ୍ ପ୍ରଦେଶର ଥରପାରକର ଜିଲ୍ଲାର

ଚତୁର୍ଥ ଟି-୨୦ରେ ଭାରତର ପରୀକ୍ଷା ନିରୀକ୍ଷା ସମ୍ଭାବନା

କୁଲଦୀପ, ବରୁଣଙ୍କୁ ମିଳିପାରେ ସୁଯୋଗ: ଆହତ ଇଶାନଙ୍କ ଫେରିବା ନେଇ ଆଶଙ୍କା

ଅକଲାଣ୍ଡ,୨୯।୧୦(ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳାକୁ ଭାରତ ୩-୦ରେ ଆଗୁଆ ଜିତିସାରିଛି। ତେଣୁ ଶୁକ୍ରବାର ଖେଳାଯିବାକୁ ଥିବା ଚତୁର୍ଥ ମ୍ୟାଚରେ ଭାରତୀୟ ଦଳ କିଛି ପରୀକ୍ଷାନିରୀକ୍ଷା କରିପାରେ। ବିଶେଷକରି ସ୍ପିନର କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ମିଳିବାର ସମ୍ଭାବନା ରହିଛି। ଶୃଙ୍ଖଳାର ପ୍ରଥମ ତିନିଟି ମ୍ୟାଚରେ ଭାରତ ବ୍ୟାଟିଂରେ ଗଭୀରତା ରଖିବା ଉପରେ ଗୁରୁତ୍ୱ ଦେଇଛି। ଅଷ୍ଟମ ସ୍ଥାନ ପର୍ଯ୍ୟନ୍ତ ବ୍ୟାଟର୍ ରଖି ଦଳ ଆକ୍ରମଣାତ୍ମକ ଖେଳିବାର ରଣନୀତି ଆପଣାଇଛି। ଏହାର ଫାଇଦା ମଧ୍ୟ ଦଳକୁ ମିଳିଛି। ତେବେ ଶୃଙ୍ଖଳା ହାତେଇ ସାରିଥିବାରୁ ଅବଶିଷ୍ଟ ଦୁଇଟି ମ୍ୟାଚରେ ବେଞ୍ଚ୍ରେ ବସିଥିବା ଖେଳାଳିଙ୍କୁ ସୁଯୋଗ ଦେବାକୁ ଦଳ ଚିନ୍ତା କରିପାରେ। ମଧ୍ୟଭାଗ ଓଭର୍ରେ କୁଲଦୀପଙ୍କ ବୋଲିଂ ଦଳ ପାଇଁ ଉପଯୋଗୀ ହୋଇପାରେ। ଦୀର୍ଘ ସମୟ ଧରି ସୁଯୋଗ ନମିଳିଲେ ତାଙ୍କ ଆତ୍ମବିଶ୍ୱାସ ଉପରେ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି। ସେହିପରି ବରୁଣ ଚକ୍ରବର୍ତ୍ତୀଙ୍କୁ ମଧ୍ୟ ଖେଳାଇବା ନେଇ ବିଚାର କରାଯାଇପାରେ।

ଅନ୍ୟପକ୍ଷରେ ସ୍ପିନ୍ ଅଲ୍ରାଉଣ୍ଡର ନମନ ଧୀର ଗତ ମ୍ୟାଚଗୁଡ଼ିକରେ ବୋଲିଂ କରିବାର ସୁଯୋଗ ପାଇନାହାନ୍ତି। ଅକ୍ଷର ପଟେଲ



ବୋଲିଂ ସୁଯୋଗ ପାଇଥିଲେ ମଧ୍ୟ ତାଙ୍କ ଇକୋନୋମି ହାର ୯.୫୮ ରହିଛି। ଦଳକୁ ଫେରିଥିବା ଅଭିଜ୍ଞ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ମଧ୍ୟ ଏଯାଏଁ ଆଶାନୁରୂପ ପ୍ରଭାବ ପକାଇପାରିନାହାନ୍ତି। ମୟଙ୍କ ଯାଦବଙ୍କ ବଦଳରେ ସୁଯୋଗ ପାଇଥିବା ପ୍ରିନ୍ସ ଯାଦବଙ୍କ ପ୍ରଦର୍ଶନ ମଧ୍ୟ ଉଲ୍ଲେଖନୀୟ ହୋଇନାହିଁ। ତେଣୁ ମୟଙ୍କଙ୍କୁ ଚୂଡ଼ାନ୍ତ ଏକାଦଶରେ ଫେରାଇବା ନେଇ ବିଚାର ହୋଇପାରେ। ଆହତ ଯୋଗୁଁ ଗତ ଦୁଇଟି ମ୍ୟାଚରୁ ବାଦ୍ ପଡ଼ିଥିବା ଇଶାନ କିଶାନ ଏଯାଏଁ ସମ୍ପୂର୍ଣ୍ଣ ସୁସ୍ଥ ହୋଇନଥିବାରୁ ତାଙ୍କ ଫେରିବା ସମ୍ଭାବନା କମ୍ ରହିଛି। ଏଭଳି ସ୍ଥିତିରେ ବୈଭବ ସୂର୍ଯ୍ୟବଂଶୀଙ୍କୁ ପୁଣି ଥରେ ଖେଳିବାର ସୁଯୋଗ ମିଳିପାରେ। ନୀତୀଶ କୁମାର ରେଡ୍ଡୀଙ୍କ ସ୍ଥାନରେ ଶିବମ ଦୁବେଙ୍କୁ ଖେଳାଇବା ନେଇ ମଧ୍ୟ ଦଳ ବିଚାର କରିପାରେ। ଅନ୍ୟପଟେ ଭାରତୀୟ ବ୍ୟାଟର୍ଙ୍କ ଆକ୍ରମଣାତ୍ମକ ଖେଳ ନ୍ୟୁଜିଲାଣ୍ଡ ପାଇଁ ଚିନ୍ତାର କାରଣ ହୋଇଛି। ଅଧିନାୟକ ମିଚେଲ ସାଣ୍ଟନରଙ୍କ ପ୍ରଦର୍ଶନ ଭଲ ରହିଥିବାବେଳେ ଅନ୍ୟ ବୋଲର୍ମାନେ ଆଶାନୁରୂପ ସଫଳତା ପାଇନାହାନ୍ତି। ଏହା ସହ ମ୍ୟାଟ୍ ହେନ୍ରି ଓ ଲକି ଫର୍ଗୁସନ ଆହତ ହୋଇ ଅବଶିଷ୍ଟ ଦୁଇଟି ମ୍ୟାଚ୍ରୁ ବାଦ୍ ପଡ଼ିବା ଘରୋଇ ଦଳ ପାଇଁ ବଡ଼ ଝଟକା। ତଥାପି ଚତୁର୍ଥ ମ୍ୟାଚ୍ ଜିତି ସମ୍ମାନ ଫେରାଇବାକୁ ନ୍ୟୁଜିଲାଣ୍ଡ ଚେଷ୍ଟା କରିବ।

ଭାରତର ସମ୍ଭାବ୍ୟ ଏକାଦଶ

ଅଭିଷେକ ଶର୍ମା, ସଞ୍ଜୁ ସାମସନ୍ (ୱିକେଟରକ୍ଷକ), ବୈଭବ ସୂର୍ଯ୍ୟବଂଶୀ, ଶ୍ରେୟସ ଆୟର (ଅଧିନାୟକ), ତିଳକ ବର୍ମା, ନୀତୀଶ କୁମାର ରେଡ୍ଡୀ/ଶିବମ ଦୁବେ, କୁଲଦୀପ ଯାଦବ/ବରୁଣ ଚକ୍ରବର୍ତ୍ତୀ, ନମନ ଧୀର, ଭୁବନେଶ୍ୱର କୁମାର, ପ୍ରିନ୍ସ ଯାଦବ/ମୟଙ୍କ ଯାଦବ, ଅର୍ଶଦୀପ ସିଂହ।

ନ୍ୟୁଜିଲାଣ୍ଡର ସମ୍ଭାବ୍ୟ ଏକାଦଶ

ଫିନ୍ ଆଲେନ୍, ଟିମ୍ ସେଫର୍ଟ (ୱିକେଟରକ୍ଷକ), ବେଭନ୍ ଜାକବ୍ସ/ଡେଭନ୍ କନୱେ, ଗ୍ଲେନ୍ ଫିଲିପ୍ସ, ଡାରିଲ୍ ମିଚେଲ୍, ମାଇକେଲ୍ ବ୍ରେସ୍ୱେଲ୍, ମିଚେଲ୍ ସାଣ୍ଟନର (ଅଧିନାୟକ), ନାଥନ୍ ସ୍ମିଥ୍, କାଇଲ୍ ଜାମିସନ୍, ଆଦମ୍ ମିଚେଲ, ଜାକବ୍ ଡଫି।

ବର୍ଷା ବାଧକ ମ୍ୟାଚରେ ଓଡ଼ିଶା, ସର୍ଭିସେସ ପଏଣ୍ଟ ବାଣ୍ଟିଲେ



ଭୁବନେଶ୍ୱର,୨୯।୧୦(ସବ୍ୟ): ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଓଡ଼ିଶା-ସର୍ଭିସେସ ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ୍ ସି' ମ୍ୟାଚ ପ୍ରଭାବିତ ହୋଇଛି। ତେଣୁ ଉଭୟ ଦଳ ମଧ୍ୟରେ ମ୍ୟାଚ ଡ୍ର' ରହିବା ସହ ପଏଣ୍ଟ ଭାଗ ହୋଇଛି। ଦୁଇଟି ଲେଖାଏଁ ମ୍ୟାଚ ହାରି ଅଭିଯାନ ଆରମ୍ଭ କରିଥିବା ଉଭୟ ଦଳ ଗୋଟିଏ ଲେଖାଏଁ ପଏଣ୍ଟ ସହ ଖାତା ଖୋଲିଛନ୍ତି। ଭୁବନେଶ୍ୱରର କିଟ କ୍ରିକେଟ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚର ପ୍ରଥମ ଦିନ ଓଡ଼ିଶା ୮୨.୩ ଓଭରରେ ୧୯୪ ରନ୍ କରି ଅଲଆଉଟ୍ ହୋଇଥିଲା। ଷ୍ଟମ୍ପଅପସାରଣ ବେଳକୁ ସର୍ଭିସେସ ବ୍ୟାଟିଂ ଆରମ୍ଭ କରି ୫ ଓଭରରେ ୧୩ ରନ୍ କରିଥିଲା। ଏହାପରେ ୨୭ ତାରିଖ ଦ୍ୱିତୀୟ ଦିନ ଏବଂ ୨୮ ତାରିଖ ତୃତୀୟ ଦିନ ପ୍ରବଳ ବର୍ଷା ଯୋଗୁଁ ସମ୍ପୂର୍ଣ୍ଣ ମ୍ୟାଚ ଧୋଇ ଯାଇଥିଲା। ଚତୁର୍ଥ ଦିନ ପାଗରେ ପରିବର୍ତ୍ତନ ହେବା ସହ ଆଶା କରାଯାଉଥିଲା ସର୍ଭିସେସ ଇନିଂସ ଅଗ୍ରଣୀ ପାଇଁ ସୁଯୋଗ ପାଇବ। କିନ୍ତୁ ଏହା ହୋଇପାରିନଥିଲା। କାରଣ ପଡିଆ ପ୍ରସ୍ତୁତି ପରେ ମାତ୍ର ୭ ଓଭର ଖେଳ ସମ୍ଭବ ହୋଇପାରିଥିଲା। ଦଳୀୟ ସ୍କୋର ୪୦ ରନ ବେଳେ ପୁନଃ ଲଗାଣ ବର୍ଷା ଯୋଗୁଁ ମ୍ୟାଚ ଆଉ ଆଗକୁ ବଢ଼ିପାରିନଥିଲା। ଓପନର ଶୁଭମ ରୋହିଲା ୩୩ ବଲରୁ ୧୭, ନୀତିନ ତନୱାର ୨୩ ରନ କରି ଅପରାଜିତ ଥିଲେ। ଏଦୃଷ୍ଟିରୁ ଦୁଇ ଅଧିନାୟକଙ୍କ ସହମତିକ୍ରମେ ଅମ୍ପାୟାର ମ୍ୟାଚ ଡ୍ର' ଘୋଷଣା କରିଥିଲେ।

ଏହା ପୂର୍ବରୁ ଓଡ଼ିଶାର ପ୍ରଥମ ଇନିଂସ ଅତ୍ୟନ୍ତ ନିରାଶଜନକ ଥିଲା। ୨୦୧୫ରେ କିଟ ଷ୍ଟାଡିୟମରେ ରଣଜୀ ଟ୍ରଫି ଡେବ୍ୟୁ କରିଥିବା ସର୍ଭିସେସର ପୁଲକିତ ନାରଙ୍ଗ ଓଡ଼ିଶା ବ୍ୟାଟରଙ୍କ ପାଇଁ ଘାତକ ସାଜିଥିଲେ। ତାଙ୍କର ଚମତ୍କାର ସ୍ପିନ ଆଗରେ ଓଡ଼ିଶା ବ୍ୟାଟର ବିଫଳ ହୋଇଥିଲେ। ପୁଲକିତ ୨୭.୩ ଓଭର ବୋଲିଂ କରି ୫ ମେଡେନ ସହ ୪୭ ରନ ବ୍ୟୟରେ ଓଡ଼ିଶାର ୬ ଜଣ ବ୍ୟାଟରଙ୍କ ପାଭିଲିୟନ ଫେରାଇ ବଡ଼ ବିପର୍ଯ୍ୟୟ ଘଟାଇଥିଲେ। ରଣଜୀ ଡେବ୍ୟୁର ୧୧ ବର୍ଷ ପରେ ପୁଣିଥରେ ପିଲକିତ କିଟରେ କମାଲ କରି ଘରୋଇ ଦଳ ପାଇଁ ୩ ପଏଣ୍ଟ ସମ୍ଭାବନା ସୃଷ୍ଟି କରିଥିଲେ। ତାଙ୍କ ବ୍ୟତୀତ ବୀରେନ୍ଦ୍ର ଡ୍ରାଗର ଓ ନୀତିନ ତନୱାର ଦୁଇଟି ଲେଖାଏଁ ୱିକେଟ୍ ସଫଳତା ହାସଲ କରିଥିଲେ। ଓଡ଼ିଶାର ସ୍ୱସ୍ତିକ ସାମଲ ୩୯, ଗୌରଭ ଚୌଧୁରୀ ୪୧, ସନ୍ଦୀପ ପଟ୍ଟନାୟକ ୧୦, ଶୁଭ୍ରାଂଶୁ ସେନାପତି ୧୪, ନିନାଦ ରଥଭ ୧୯, ଅନାଲ ପରିଡା ୩୬ ତଥା ରାଜେଶ ମହାନ୍ତି ଅପରାଜିତ ୧୯ ରନ କରିଥିଲେ।

ଚୟନକର୍ତ୍ତାଙ୍କ ନିଷ୍ପତ୍ତିକୁ ନେଇ ଉଠିଲା ପ୍ରଶ୍ନ



ଓଡ଼ିଶା ରଣଜୀ ଦଳରୁ ଅଭିଜ୍ଞ ଅଲରାଉଣ୍ଡର ବିପ୍ଳବ ସାମନ୍ତରାୟଙ୍କୁ ବାଦ୍ ଦେବା ନିଷ୍ପତ୍ତି ଏବେ ଚର୍ଚ୍ଚାରେ। ଚଳିତ ରଣଜୀ ଟ୍ରଫିରେ ଓଡ଼ିଶା ପ୍ରଥମେ ଗୁଜରାଟଠାରୁ ହାରିଥିବା ବେଳେ ଦ୍ୱିତୀୟ ମ୍ୟାଚରେ କେରଳଠାରୁ ଇନିଂସ ଓ ୩୬ ରନରେ ପରାଜିତ ହୋଇଛି। ସେହିପରି ତୃତୀୟ ମ୍ୟାଚଟି ସର୍ଭିସେସ ସହ କିଟ ଷ୍ଟାଡିୟମରେ ବର୍ଷା କାରଣରୁ ଡ୍ର' ରହିବା ସହ ପଏଣ୍ଟ ଭାଗ ହୋଇଛି। କେବଳ ବର୍ଷା ଯୋଗୁଁ ହିଁ ଓଡ଼ିଶା ଆଉ ନିଶ୍ଚିତ ପରାଜୟରୁ ବର୍ତ୍ତିଯାଇଛି। ଦଳର ଏହି ଲଗାତାର ପରାଜୟ ପରେ ଅଭିଜ୍ଞ ଖେଳାଳିଙ୍କୁ ବାଦ୍ ଦେବାର ନିଷ୍ପତ୍ତିକୁ ନେଇ ପ୍ରଶ୍ନ ଉଠିଛି। ବିପ୍ଳବଙ୍କ ଭଳି ଜଣେ ଅଭିଜ୍ଞ ଅଲରାଉଣ୍ଡର ଦଳରେ ରହିଥିଲେ ବ୍ୟାଟିଂ ଓ ବୋଲିଂ ଉଭୟ ବିଭାଗରେ ଅଧିକ ବିକଳ୍ପ ମିଳିପାରିଥାନ୍ତା। ବିଶେଷକରି ରଣଜୀ ଟ୍ରଫି ଭଳି ଦୀର୍ଘ ପରିସରର ଟୁର୍ଣ୍ଣାମେଣ୍ଟରେ ଅଭିଜ୍ଞତା, ଚାପରେ ଖେଳିବାର ଦକ୍ଷତା ଓ ଦଳକୁ ସମ୍ଭାଳିବାର କ୍ଷମତା ଗୁରୁତ୍ୱ ବହନ କରେ।

କେରଳ ବିପକ୍ଷ ମ୍ୟାଚରେ ଓଡ଼ିଶା ପ୍ରଥମ ଇନରେ ୨୨୫ ଓ ଦ୍ୱିତୀୟ ଇନିଂସରେ ମାତ୍ର ୧୪୩ ରନ୍ କରିଥିଲା। ଏହି ପ୍ରଦର୍ଶନ ଦଳର ବ୍ୟାଟିଂ ଦୁର୍ବଳତାକୁ ସାମ୍ନାକୁ ଆଣିଛି। ଏପରି ସ୍ଥିତିରେ ବିପ୍ଳବଙ୍କୁ ଦଳରେ ସୁଯୋଗ ଦିଆଯାଇଥିଲେ ଫଳାଫଳ ଭିନ୍ନ ହୋଇଥାନ୍ତା। କିନ୍ତୁ ତାଙ୍କୁ ବାଦ୍ ଦେବାର ନିଷ୍ପତ୍ତି ଉପରେ ଆଲୋଚନା ନିଶ୍ଚିତ ଭାବେ ଜୋର୍ ଧରିଛି। ଏବେ ପ୍ରଶ୍ନ ହେଉଛି, ଯୁବ ଖେଳାଳିଙ୍କୁ ସୁଯୋଗ ଦେବା ସହ ଦଳରେ ଅଭିଜ୍ଞତାର ସନ୍ତୁଳନ ରଖିବାରେ ଚୟନକର୍ତ୍ତାମାନେ କେତେ ସଫଳ ହୋଇଛନ୍ତି? ଓଡ଼ିଶାର ଆଗାମୀ ମ୍ୟାଚ ଗୁଡିକରେ ଦଳର ପ୍ରଦର୍ଶନ ଏହି ପ୍ରଶ୍ନର ଉତ୍ତର ଦେବ।

ନଭେମ୍ବର ୨ରୁ କିଟ୍‌ରେ ରାଜ୍ୟ ସିନିୟର ମହିଳା ଫିଡେ ରେଟେଡ୍ ଚେସ୍

ଭୁବନେଶ୍ୱର,୨୯।୧୦(ସବ୍ୟ): ଆସନ୍ତା ନଭେମ୍ବର ୨ରୁ ୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟର ବିଶ୍ୱନାଥନ ଆନନ୍ଦ ଚେସ୍ ହଲରେ ଓଡ଼ିଶା ରାଜ୍ୟ ସିନିୟର ମହିଳା ଫିଡେ ରେଟେଡ୍ ଚେସ୍ ଚାମ୍ପିଅନସିପ୍-୨୦୨୬ ଅନୁଷ୍ଠିତ ହେବ। ଜଗତସିଂହପୁର ଜିଲ୍ଲା ଚେସ୍ ଆସୋସିଏସନ୍ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତା ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍ (ଏଓସିଏ) ଆନୁକୂଲ୍ୟରେ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ସହଯୋଗରେ ଆୟୋଜନ କରାଯାଉଛି। ପୂର୍ବରୁ ଏହି ପ୍ରତିଯୋଗିତା ପାରାଦୀପର ଗୋପବନ୍ଧୁ ଷ୍ଟାଡିୟମ ଆୟୋଜନ କରିବାକୁ ସ୍ଥିର ହୋଇଥିଲା। ତେବେ ଘୂର୍ଣ୍ଣିବଳୟଜନିତ ପାଣିପାଗ ସତର୍କତା ଯୋଗୁଁ ଏହାକୁ କିଟ୍ ବିଶ୍ୱବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ଏହି ଚାମ୍ପିଅନସିପରେ ରାଜ୍ୟର ଯେକୌଣସି ବୟସର ମହିଳା ଓ ବାଳିକା ଖେଳାଳି ୭୦୦ ଟଙ୍କା ପ୍ରବେଶିକା ଦେୟ ଦେଇ ଅଂଶଗ୍ରହଣ କରିପାରିବେ। ପ୍ରତିଯୋଗିତାରେ ମୋଟ ୫୦ ହଜାର ୫୦୦ ଟଙ୍କାର ପୁରସ୍କାର ରାଶି ରହିଛି। ଚାମ୍ପିଅନସିପରେ ୧୫ ହଜାର ଟଙ୍କା ଓ ଟ୍ରଫି, ଉପବିଜେତାଙ୍କୁ ୧୦ ହଜାର ଟଙ୍କା ଓ ଟ୍ରଫି ଏବଂ ତୃତୀୟ ସ୍ଥାନ ଅଧିକାରୀଙ୍କୁ ୫ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ। ଏହାସହ ଶ୍ରେଷ୍ଠ ୧୫ ଜଣ ଖେଳାଳିଙ୍କୁ ଅର୍ଥ ପୁରସ୍କାର ମିଳିବ। ବୟସଭିତ୍ତିକ ବର୍ଗରେ ୭, ୯, ୧୧, ୧୩ ଓ ୧୫ ବର୍ଷରୁ କମ୍ ବୟସର ଶ୍ରେଷ୍ଠ ଦୁଇଜଣ ଖେଳାଳିଙ୍କୁ ମଧ୍ୟ ସ୍ୱତନ୍ତ୍ର ପୁରସ୍କାର ଦିଆଯିବ। ଏଥିସହ ଶ୍ରେଷ୍ଠ ବରିଷ୍ଠ ମହିଳା ଓ ଭିନ୍ନକ୍ଷମ ଖେଳାଳିଙ୍କ ପାଇଁ ମଧ୍ୟ ପୁରସ୍କାର ବ୍ୟବସ୍ଥା ରହିଛି।

ପ୍ରତିଯୋଗିତାଟି ମୋଟ ୮ ରାଉଣ୍ଡରେ ଖେଳାଯିବ। ପ୍ରତ୍ୟେକ ଖେଳାଳିଙ୍କୁ ୯୦ ମିନିଟ୍ ସମୟ ସହ ପ୍ରତି ଚାଲ୍ ପାଇଁ ୩୦ ସେକେଣ୍ଡର ଅତିରିକ୍ତ ସମୟ ମିଳିବ। ଏହି ଚାମ୍ପିଅନସିପରେ ଶ୍ରେଷ୍ଠ ୪ ଜଣ ଖେଳାଳି ନଭେମ୍ବର ୩୦ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ହାଇଦ୍ରାବାଦରେ ହେବାକୁ ଥିବା ଜାତୀୟ ମହିଳା ଚେସ୍ ଚାମ୍ପିଅନସିପରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ରାଜ୍ୟ ବାହାରର ନୁହେଁ, ଓଡ଼ିଶାର ଖେଳାଳିମାନଙ୍କୁ ଏହି ପ୍ରତିଯୋଗିତାରେ ଭାଗନେବା ପାଇଁ ଉତ୍ସାହିତ କରିବା ସହ ସେମାନଙ୍କ ରହଣି ପାଇଁ ମାଗଣା ଡର୍ମିଟୋରୀ ବ୍ୟବସ୍ଥା କରାଯାଇଛି। ଅଧିକ ସୂଚନା ପାଇଁ ସଞ୍ଜୀବ ମହାନ୍ତିଙ୍କ ମୋବାଇଲ୍ ନମ୍ବର ୯୭୮୨୭୭୩୩୮୮ କିମ୍ବା ଏଓସିଏର କାର୍ଯ୍ୟକାରୀ ସମ୍ପାଦକ ଭବେଶ ମହାନ୍ତିଙ୍କ ୯୯୩୭୮୮୭୩୭୨ ନମ୍ବରରେ ଯୋଗାଯୋଗ କରିବାକୁ ରାଜ୍ୟ ଚେସ୍ ସଂଘର ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଅନୁରୋଧ କରିଛନ୍ତି।

ରେବାକିନା ହେଲେ ଏକ ନମ୍ବର ଖେଳାଳି

ଟୋକିଓ,୨୯।୧୦(ଏଜେନ୍ସି): କାଜାଖସ୍ତାନର ଟେନିସ୍ ତାରକା ଏଲିନା ରେବାକିନା ପ୍ରଥମ ଥର ପାଇଁ ବର୍ଷ ଶେଷରେ ମହିଳା ଏକକ ଟେନିସ୍ ମାନ୍ୟତାର ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଗୁରୁବାର ଟୋକିଓରେ ଅନୁଷ୍ଠିତ ପାନ୍ ପାସିଫିକ୍ ଓପନର ଦ୍ୱିତୀୟ ରାଉଣ୍ଡରେ ସେ ନିଜ ଦେଶର ଖେଳାଳି ୟୁଲିଆ ପୁତିନ୍ତ୍ସେଭାଙ୍କୁ ୬-୨, ୬-୩ ସେଟ୍ରେ ପରାସ୍ତ କରି ଏହି ସଫଳତା ନିଶ୍ଚିତ କରିଛନ୍ତି। ଏହା ସହ ଚଳିତ ବର୍ଷର ଶେଷରେ ଆର୍ୟନା ସାବାଲେଙ୍କାଙ୍କୁ ପଛରେ ପକାଇ ସେ ବିଶ୍ୱର ଏକ ନମ୍ବର ଖେଳାଳି ଭାବେ ରହିବେ। ୨୬ ବର୍ଷୀୟ ରିବାକିନା ଏହି ମ୍ୟାଚକୁ ମାତ୍ର ୭୦ ମିନିଟ୍ରେ ଜିତି ନେଇଥିଲେ। ମ୍ୟାଚରେ ତାଙ୍କ ସର୍ଭିସ୍ ଓ ଆକ୍ରମଣାତ୍ମକ ଖେଳ ନିର୍ଣ୍ଣାୟକ ହୋଇଥିଲା। ସେ ୬ଟି ଏସ୍ ମାରିବା ସହ ନିଜ ସର୍ଭିସରେ ମାତ୍ର ଗୋଟିଏ ବ୍ରେକ୍ ପଏଣ୍ଟର ସମ୍ମୁଖୀନ ହୋଇଥିଲେ। ତାହାକୁ ମଧ୍ୟ ସଫଳତାର ସହ ବଞ୍ଚାଇ ମ୍ୟାଚ୍ ଉପରେ ନିଜର ନିୟନ୍ତ୍ରଣ ବଜାୟ ରଖିଥିଲେ। ରେବାକିନାଙ୍କ ପାଇଁ ୨୦୨୬ ଏକ ସ୍ମରଣୀୟ ବର୍ଷ ହୋଇଛି। ସେ ଚଳିତ ବର୍ଷ ଅଷ୍ଟ୍ରେଲିଆନ୍ ଓପନ୍ ଓ ୟୁଏସ୍ ଓପନ୍ ଜିତି ଦୁଇଟି ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ହାସଲ କରିଛନ୍ତି। ଏହା ପୂର୍ବରୁ ୨୦୨୨ରେ ସେ ୱିମ୍ବଲଡନ୍ ଚାମ୍ପିଅନ୍ ହୋଇଥିଲେ। ଏହା ତାଙ୍କ କ୍ୟାରିୟର୍ର ତୃତୀୟ ଗ୍ରାଣ୍ଡସ୍ଲାମ୍ ଏକକ ଟାଇଟଲ୍। ୟୁଏସ୍ ଓପନରେ ସଫଳତା ପରେ ସେ ପ୍ରଥମ ଥର ବିଶ୍ୱ ମାନ୍ୟତାର ଶୀର୍ଷକୁ ଉଠିଥିଲେ। ଏବେ ବର୍ଷ ଶେଷରେ ମଧ୍ୟ ଶୀର୍ଷ ସ୍ଥାନ ବଜାୟ ରଖିବା ତାଙ୍କ ଚଳିତ ରଚ୍ଚୁର ଆଉ ଏକ ବଡ଼ ଉପଲବ୍ଧି। ଗତ ସପ୍ତାହରେ ଚୀନରେ ଅନୁଷ୍ଠିତ ନିଙ୍ଗବୋ ଓପନ୍ ଜିତି ସେ ଚଳିତ ବର୍ଷର ଚତୁର୍ଥ ଟାଇଟଲ୍ ହାସଲ କରିଥିଲେ। ବର୍ଷ ଶେଷରେ ବିଶ୍ୱର ଏକ ନମ୍ବର ମାନ୍ୟତା ନିଶ୍ଚିତ କରିବା ପରେ ରେବାକିନାଙ୍କ ନଜର ଏବେ ଟୋକିଓ ପ୍ରତିଯୋଗିତାର ଟାଇଟଲ୍ ଉପରେ। ପରବର୍ତ୍ତୀ ରାଉଣ୍ଡରେ ତାଙ୍କ ମୁକାବିଲା କାନାଡାର ଲେଲା ଫର୍ଣ୍ଣାଣ୍ଡେଜକୁ ସହ ହେବ।

ଆଇଓଏ ନିର୍ବାଚନ: ସିନ୍ଧୁ, ମୀରାବାଈଙ୍କ ନାମାଙ୍କନପତ୍ର ବୈଧ



ନୂଆଦିଲ୍ଲୀ,୨୯।୧୦(ଏଜେନ୍ସି): ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓଏ)ର ଆଥଲେଟ୍ସ କମିଶନ ନିର୍ବାଚନ ପାଇଁ ଦାଖଲ ହୋଇଥିବା ୧୨ ଜଣ ଖେଳାଳିଙ୍କ ନାମାଙ୍କନପତ୍ର ବୈଧ ଘୋଷଣା କରାଯାଇଛି। ଏହି ତାଲିକାରେ ଅଲିମ୍ପିକ୍ ପଦକ ବିଜେତା ବ୍ୟାଡମିଣ୍ଟନ ତାରକା ପି.ଭି. ସିନ୍ଧୁ ଓ ଭାରୋତ୍ତୋଳକ ମୀରାବାଈ ଚାନୁଙ୍କ ନାମ ରହିଛି। ଆସନ୍ତା ନଭେମ୍ବର ୩ ତାରିଖରେ ଏହି ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ ଅଧିକାରୀ ସଞ୍ଜୟ କେ. ଶ୍ରୀବାସ୍ତବ ଗୁରୁବାର ଯାଞ୍ଚ ପରେ ବୈଧ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିଛନ୍ତି। ୨୦୨୬ରୁ ୨୦୩୦ ପର୍ଯ୍ୟନ୍ତ କାର୍ଯ୍ୟକାଳ ଲାଗି ଆଥଲେଟ୍ସ କମିଶନର ୧୦ଟି ପଦବି ପୂରଣ ହେବ। ଏଥିରେ ୫ ଜଣ ପୁରୁଷ ଓ ୫ ଜଣ ମହିଳା ଖେଳାଳି ନିର୍ବାଚିତ ହେବେ। ସିନ୍ଧୁ ଓ ଚାନୁଙ୍କ ବ୍ୟତୀତ ପ୍ରାର୍ଥୀ ତାଲିକାରେ ଭାରତୀୟ ପୁରୁଷ ହକି ଦଳର ଅଧିନାୟକ ହରମନପ୍ରୀତ ସିଂହ ଏବଂ ମହିଳା ହକି ଦଳର ଅଧିନାୟିକା ସଲିମା ଟେଟେ ରହିଛନ୍ତି। ଅନ୍ୟ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ନିଶାନେବାଜ ସ୍ୱପ୍ନିଲ କୁସାଲେ, ଫେନ୍ସିଂ ଖେଳାଳି ଭବାନୀ ଦେବୀ, ଆଥଲେଟିକ୍ସର ସୁଧା ସିଂହ ଓ ତଜିନ୍ଦରପାଲ ସିଂହ, ପୂର୍ବତନ ତୀରନ୍ଦାଜ ବମ୍ବାଇଲା ଦେବୀ, ବ୍ୟାଡମିଣ୍ଟନ ଖେଳାଳି କିଦାମ୍ବି ଶ୍ରୀକାନ୍ତ, ସନ୍ତରଣକାରୀ ସାଜନ ପ୍ରକାଶ ଏବଂ କାୟାକିଂ ଓ କାନୋଇଂ ଖେଳାଳି ମନଜିତ ସିଂହ। ସିନ୍ଧୁ, ଚାନୁ ଓ ଭବାନୀ ଦେବୀ ବର୍ତ୍ତମାନର ଆଥଲେଟ୍ସ କମିଶନର ମଧ୍ୟ ସଦସ୍ୟ ଅଛନ୍ତି।

ଏହି କମିଶନର ଅଧ୍ୟକ୍ଷତା ପୂର୍ବତନ ଭାରତୀୟ ବକ୍ସର ଏମ୍.ସି. ମେରି କମ୍ କରୁଛନ୍ତି। ଆଥଲେଟ୍ସ କମିଶନର ୧୦ ଜଣ ସଦସ୍ୟଙ୍କୁ ୩୪ ଜଣିଆ ନିର୍ବାଚକ ମଣ୍ଡଳୀ ମଧ୍ୟରୁ ଚୟନ କରାଯିବ। ଏହି ମଣ୍ଡଳୀରେ ୧୭ଟି ଜାତୀୟ କ୍ରୀଡ଼ା ମହାସଂଘରୁ ଦୁଇ ଜଣ ଲେଖାଏଁ ପ୍ରତିନିଧି ରହିଛନ୍ତି। ଆଇଓଏର ନିୟମ ଅନୁସାରେ, ନିର୍ବାଚିତ ୧୦ ସଦସ୍ୟଙ୍କ ମଧ୍ୟରୁ ୬ ଜଣଭ୍ରୀ ପୁରୁଷ ଓ ୩ ମହିଳାଭ୍ରୁଶେଷ ତିନୋଟି ଅଲିମ୍ପିକ୍ କ୍ରୀଡ଼ା, ଆୟୋଜନ ମଧ୍ୟରୁ ଅତି କମ୍ରେ ଗୋଟିଏରେ ଅଂଶଗ୍ରହଣ କରିଥିବା ଆବଶ୍ୟକ। ଅନ୍ୟ ୪ ଜଣଭ୍ରୁ ପୁରୁଷ ଓ ୨ ମହିଳାଭ୍ରୁଏସୀୟ କ୍ରୀଡ